

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୦ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 SEPTEMBER 2023

Vol.No. 35 ■ No. 239■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ଜି-୨୦ ଶିଖର ସମ୍ମିଳନୀ

# ପୁରୁଣା ସମସ୍ୟା ଆମଠୁ ନୂଆ ସମାଧାନ ଆଶା କରୁଛି: ମୋଦି

## ଲଞ୍ଚ ହେଲା ଭାରତ-ମଧ୍ୟପ୍ରାଚ୍ୟ ଓ ୟୁରୋପ କରିଡର



ନୂଆଦିଲ୍ଲୀ,୦୯/୦୯ :ଏକବିଂଶ ଶତାବ୍ଦିରେ ଆମେ ଏପରି ସମୟରେ ଉପନୀତ ହୋଇଛେ ଯେଉଁଠି ଆମକୁ ଦୁନିଆକୁ ନୂଆ ଦିଗଦର୍ଶନ ଦେବାକୁ ପଡ଼ିବ ।' ଜି-୨୦ ଶିଖର ସମ୍ମିଳନୀ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ବେଳେ ନିଜ ସ୍ୱାଗତ ଭାଷଣରେ ଏପରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। 'ବର୍ଷ ବର୍ଷ ଧରି ଲାଗି ରହିଥିବା ସମସ୍ୟା ଆମଠୁ ନୂଆ ସମାଧାନ ଆଶା କରୁଛି। ଏକବିଂଶ ଶତାବ୍ଦିରେ ଆମେ ଏପରି ସମୟରେ ଉପନୀତ ହୋଇଛେ ଯେଉଁଠି ଆମକୁ ଦୁନିଆକୁ ନୂଆ ଦିଗଦର୍ଶନ ଦେବାକୁ ପଡ଼ିବ ।' ଜି-୨୦ ଶିଖର ସମ୍ମିଳନୀ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ବେଳେ ନିଜ ସ୍ୱାଗତ ଭାଷଣରେ ଏପରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ଆମ ଆଗରେ ବର୍ଷ ବର୍ଷର ପୁରୁଣା ସମସ୍ୟା ଦଣ୍ଡାୟମାନ ହୋଇଛି। ମାନବିକତାକୁ ପ୍ରାଥମିକତା ଦେଇ ଆମେ ଏହି ସବୁ ସମସ୍ୟାର ସମାଧାନ କରିବା ଉଚିତ । ଆମେ ସମସ୍ତେ ମିଳିମିଶି ଏହି ସମସ୍ତ ବାଧାବିଘ୍ନ ଅତିକ୍ରମ କରି ପାରିବା ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ମୋଦି। ଜି-୨୦ ସମ୍ମିଳନୀର ପ୍ରଥମ ଅଧିବେଶନରେ ପ୍ରଧାନମନ୍ତ୍ରୀ ମୋଦି ଏଥର ପ୍ରଥମ ଥର ସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଥିବା ଆଫ୍ରିକା ସଂଘର ମୁଖ୍ୟଙ୍କୁ ଜୋରଦାର ଢଙ୍ଗରେ ସ୍ୱାଗତ କରିଛନ୍ତି। ଏପରିକି ସେ ନିଜ୍? ସିଟ୍‌ରୁ ଉଠାଇ ଆଫ୍ରିକୀୟ ମୁଖ୍ୟଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱାଗତ ଭାଷରରୁ ଆରମ୍ଭ ହୋଇଛି ଜି-୨୦ ସମ୍ମିଳନୀ । ଏବେ ଦେଶରେ 'ଭାରତ', 'ଇଣ୍ଡିଆ'କୁ ଶବ୍ଦର ବ୍ୟବହାରକୁ ନେଇ ପ୍ରବଳ ବିରୋଧାଭାବ ଦେଖାଯାଇଥିବା ବେଳେ ମୋଦି କିନ୍ତୁ ଏହି ସମ୍ମିଳନୀରେ 'ଭାରତ' ଶବ୍ଦ ଉଚ୍ଚାରଣ କରିବାକୁ ଭୁଲି ନାହାନ୍ତି। ଏଥିସହ ସେ କହିଛନ୍ତି, ସମଗ୍ର ବିଶ୍ୱ କରୋନା ମହାମାରୀ ପରି ଗମ୍ଭୀର ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଏହାପରେ ଦେଖିଲା ଯୁଦ୍ଧର ବିଭିଷୀକା। ମାନବତା ଦୃଷ୍ଟିକୋଣକୁ ପ୍ରାଥମିକତା ଦେଇ ଆମେ ଏହି ସବୁ ସମସ୍ୟା ସମାଧାନ କରିବା ଉଚିତ । ଏଥିସହ ସେ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ଉକ୍ତି ଉଲ୍ଲେଖ କରି ସମଗ୍ର ବିଶ୍ୱର ମାର୍ଗଦର୍ଶନ କରିବାକୁ ଚେଷ୍ଟା କରିଛନ୍ତି। ବ୍ୟବସାୟିକ ସମ୍ପର୍କକୁ ଆହୁରି ଦୃଢ଼ ଓ ସହଜ କରିବା ପାଇଁ ଲଞ୍ଚ ହୋଇଛି ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ କରିଡର। ଦିଲ୍ଲୀରେ ଚାଲିଥିବା ଜି-୨୦ ଶିଖର ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଶ୍ୱର ଅନ୍ୟ ନେତାମାନେ ମିଳିତ ଭାବେ ଏହି ବଡ଼ ପ୍ରକଳ୍ପକୁ ଆରମ୍ଭ କରିଛନ୍ତି। ବିଶ୍ୱର ୩ ପ୍ରାନ୍ତ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏହି କରିଡରକୁ କାର୍ଯ୍ୟକ୍ଷମ କରାଯିବ। ତେବେ ଉଦ୍ଦେଶ୍ୟ ବ୍ୟବସାୟିକ ଥିଲେ ମଧ୍ୟ ନଜର ଚାଇନା ଉପରେ ରହିଛି। କୁହାଯାଉଛି ଯେ ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ପ୍ରକଳ୍ପକୁ କାଉଣ୍ଟର କରିବା ପାଇଁ ଏପରି ଏକ କରିଡର ଆରମ୍ଭ କରାଯାଇଛି। ଚାଇନା କରିଡର ତିଆରି ନାଁରେ ପାକିସ୍ତାନ, କେନିୟା, ଶ୍ରୀଲଙ୍କା, ଜାମ୍ବିଆ, ଲାଓସ ଓ ମଙ୍ଗୋଲିଆ ଭଳି ଦେଶକୁ ଋଣ ଭାରରେ ବୁଡ଼ାଇ ନିଜର ଫାଇଦା ଉଠାଇ ଚାଲିଛି। ତେଣୁ ଆଜି ▶▶ପୃଷ୍ଠା ୭

# ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଗିରଫ



ଆନ୍ଧ୍ରପ୍ରଦେଶ,୦୯/୦୯ : ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି ସଭାପତି ଏନ. ଚନ୍ଦ୍ରବାବୁ ନାଇଡୁ ଗିରଫ । ଆନ୍ଧ୍ରପ୍ରଦେଶ ଦକ୍ଷତା ବିକାଶ ନିଗମରେ ଦୁର୍ନୀତି ଅଭିଯୋଗରେ ଆଜି ଭୋରରୁ ତାଙ୍କୁ ଗିରଫ କରାଯାଇଛି। ଆଜି ସକାଳୁ ତାଙ୍କୁ ଗିରଫ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଏୟାରଲିଫ୍ଟ କରି ନନ୍ଧାଲ ହସ୍ପିଟାଲକୁ ନିଆଯାଇଛି। ଏହାପରେ ତାଙ୍କୁ କୋର୍ଟରେ ହାଜର କରାଯିବ। ଚନ୍ଦ୍ରବାବୁ ନାଇଡୁ ଶୁକ୍ରବାର ନନ୍ଦାଲ ଜିଲ୍ଲାର ବନଗନପଲ୍ଲୀରେ ଜନସଭାକୁ ସମ୍ବୋଧିତ କରିଥିଲେ । ଜନସଭାକୁ ସମ୍ବୋଧନ ପରେ ଭ୍ୟାନରେ ବିଶ୍ରାମ ନେଇଥିଲେ ଚନ୍ଦବାବୁ । ଶନିବାର ଭୋର ପ୍ରାୟ ୩ଟାରେ ଏପି ସିଆଇଡି ଚନ୍ଦ୍ରବାବୁ ନାଇଡୁଙ୍କୁ ଗିରଫ କରିବା ଲାଗି ପହଞ୍ଚିଥିଲା। ତେବେ ଦଳର କାର୍ଯ୍ୟକର୍ତ୍ତା ଓ ନେତା ସେମାନଙ୍କୁ ପ୍ରବଳ ବିରୋଧ କରିଥିଲେ। ନେତା ଓ ଆନ୍ଧ୍ର ପୁଲିସ୍ ମଧ୍ୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁକ୍ତିତର୍କ ହେବା ପରେ ସକାଳ ପ୍ରାୟ ୬ଟା ସମୟରେ ନାଇଡୁ ଭ୍ୟାନରୁ ବାହାରି ସିଆଇଡି ଗାଡ଼ିରେ ଯାଇଥିଲେ। ସିଆରପିସି ୫୧ ଅନୁସାରେ ନାଇଡୁଙ୍କୁ ନୋଟିସ ଜାରି କରାଯାଇଥିଲା। କୌଶଳ ବିକାଶ ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଭାବେ ଚନ୍ଦ୍ରବାବୁ ନାଇଡୁଙ୍କୁ ଗିରଫ କରାଯାଇଛି । ଯେଉଁଥିରେ ଚନ୍ଦ୍ରବାବୁ ୨୫୦ କୋଟିର ଦୁର୍ନୀତି କରିଥିବା ଅଭିଯୋଗ ରହିଛି। ଚନ୍ଦ୍ରବାବୁଙ୍କୁ ସିଆଇଡି ଗିରଫ କରିବା ସହ ତାଙ୍କ ପୁଅ ଲୋକେଶଙ୍କୁ ମଧ୍ୟ ପୂର୍ବ ଗୋଦାବରୀ ଜିଲ୍ଲା ପୁଲିସ୍ ହେପାଜତକୁ ନେଇଛି।

## ୧୨ରେ ଘୂର୍ଣ୍ଣିବଳୟ: ୧୧ରୁ ବର୍ଷିବ

ଭୁବନେଶ୍ୱର, ୦୯/୦୯ (ନି.ପ୍ର): ୧୨ ତାରିଖ ବେଳକୁ ଉତ୍ତରପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୧୨ ତାରିଖରୁ ରାଜ୍ୟରେ ବର୍ଷାର ବିସ୍ତୃତି ବଢ଼ିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ୯ ଓ ୧୦ ତାରିଖରେ ରାଜ୍ୟରେ ପାଗ ଶୁଖିଲା ରହିବ। ▶▶ପୃଷ୍ଠା ୭

## ମଝି ଜଙ୍ଗଲରେ ଝୁମିଲେ ନକ୍ସଲ: ଭାଇରାଲ ହେଲା ଭିଡ଼ିଓ



ଛତିଶଗଡ,୦୯/୦୯ : ମଝି ଜଙ୍ଗଲରେ ଗୀତର ତାଳେ ତାଳେ ବନ୍ଧୁକ ଧରି ଝୁମିଲେ ନକ୍ସଲ। ଯାହାର ଭିଡିଓ ସୋଶିଆଲ ମିଡିଆରେ ଭାଇରାଲ ହେଉଛି। ଘଟଣା ଘଟିଛି ମାଲକାନଗିରି ସୀମାନ୍ତ ଛତିଶଗଡ ବସ୍ତର ଜିଲ୍ଲାରେ। ଭିଡିଓରେ ନକ୍ସଲମାନେ ୟୁନିଫର୍ମ ପିନ୍ଧି ବନ୍ଧୁକ ଧରି ନାଚୁଛନ୍ତି। ପରସ୍ପରର ହାତ ଧରି କୌଣସି ଏକ ଗୀତରେ ନାଚୁଥିବାର ଦେଖିବାକୁ ମିଳୁଛି। ଏଥିରେ କିଛି ସାଧାରଣ ଲୋକେ ସାମିଲ ହୋଇଛନ୍ତି। କିଛି ପୁରୁଷ ଓ ମହିଳା ନକ୍ସଲ ନାଚୁଥିବା ବେଳେ ଅନ୍ୟ କିଛି ନକ୍ସଲମାନେ ବନ୍ଧୁକ ଧରି ପାଖରେ ଠିଆ ହୋଇଛନ୍ତି। ଆଉ କିଛି ନକ୍ସଲ ବାଜା ବଜାଉଛନ୍ତି। ଯେତେବେଳେ ନକ୍ସଲ ମାନେ କୌଣସି ଅଘଟଣ ଘଟାନ୍ତି ଓ ଏଥିରେ ସଫଳତା ହାସଲ କରନ୍ତି ସେତେବେଳେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ ବୋଲି ସୂଚନା ରହିଛି। ତେବେ ନୃତ୍ୟ କରୁଥିବା ନକ୍ସଲମାନେ କେଉଁ ସଂଗଠନର ଜଣାପଡ଼ି ନାହିଁ। କୌଣସି ନକ୍ସଲ ସଂଗଠନ ପକ୍ଷରୁ ଏନେଇ ମଧ୍ୟ କୌଣସି ସ୍ପଷ୍ଟ କରାଯାଇ ନାହିଁ।

## ଅପରାଜିତା କେନାଲ ଖୋଳିବା ପରେ ଚେତା ପଶିଲା: ଦେଲେ ଜବରଦଖଲ ଉଚ୍ଛେଦ ଓ ତଦନ୍ତ ନିର୍ଦ୍ଦେଶ



ଭୁବନେଶ୍ୱର, ୦୯/୦୯ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠରେ ପ୍ରାୟ ୧୫୦ଏକର ସରକାରୀ ଜମି, କେନାଲ ଓ ଜଙ୍ଗଲ ଜମି ସହ ସାଧାରଣ ଲୋକଙ୍କ ଜମି ହଡ଼ପ କରିବା ଘଟଣାରେ ରାଜ୍ୟ ସରକାରଙ୍କ ଉଦାସୀନତା ପଦାରେ ପଡ଼ିଛି । ପ୍ରାୟ ଦୁଇବର୍ଷ ପରେ କେନାଲ ଜବରଦଖଲ ହୋଇଥିବାକୁ ସ୍ୱୀକାର କରି ରାଜ୍ୟ ଜଳସେଚନ ବିଭାଗ ଏହାର ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେବା ସହ କାହିଁକି ୨ବର୍ଷ ଧରି କେନାଲରୁ ବେଆଇନ ଜବରଦଖଲ ଉଚ୍ଛେଦ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇନଥିଲା ସେ ନେଇ ସ୍ପଷ୍ଟୀକରଣ ରଖିବାକୁ ଖୋର୍ଦ୍ଧା କ୍ଷୁଦ୍ର ଜଳସେଚନ ଡିଭିଜନ ଅଧୀକ୍ଷକ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛି । ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି କେନାଲ ଜମିକୁ ଜବରଦଖଲ କରାଯାଇଥିବା ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗତକାଲି ଚିଠି ଲେଖି ଅଭିଯୋଗ କରିଥିଲେ ତଥା ଗତ ଦୁଇଦିନ ତଳେ ନିଜେ ବୁଲଡୋଜର ଲଗାଇ ଏହି କେନାଲ ଖନନ ଓ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ । ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ବସନ୍ତ କୁମାର ରାଉତ ଗତକାଲି ଖୋର୍ଦ୍ଧା କ୍ଷୁଦ୍ରଜଳସେଚନ ଡିଭିଜନ ଅଧୀକ୍ଷକ ଯନ୍ତ୍ରୀଙ୍କୁ ଚିଠି ଲେଖି ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଡେରାସ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ(ବାମ)ରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ▶▶ପୃଷ୍ଠା ୭

# ଆଫ୍ରିକୀୟ ଦେଶ ମରକ୍କୋରେ ଭୟଙ୍କର ଭୂମିକମ୍ପ

## ରିକ୍ଟର ସ୍କେଲରେ ତୀବ୍ରତା ୬.୮, ୮ଶହରୁ ଅଧିକ ଲୋକଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୦୯/୦୯ :ଶୁକ୍ରବାର ରାତି । ଆଫ୍ରିକାର ଦେଶ ମରକ୍କୋରେ ପାଇଁ କାଳ ସାଜିଛି । ୬୦ବର୍ଷ ଭିତରେ ସବୁଠୁ ବଡ ଭୂମିକମ୍ପ ଝଟକାରେ ଥରି ଉଠିଛି ପୂରା ମରକ୍କୋ ।କେଉଁଠି ଆଖି ପିଛୁଳାକେ ତାସ ଘର ପରି ବଡ ବଡ ଅଟାଳିକା ଭାଙ୍ଗି ମାଟିରେ ମିଶିଛି ତ ପୁଣି କେଉଁଠି ରାସ୍ତା ଉପରେ ଶବ ଗୁଡିକ ଇଟା ଗୋଡି ମାଟି ପରି ପଡି ରହିଛି । ଟିକେ ନଜର ପକାନ୍ତୁ ଉତର ଆଫ୍ରିକାର ଦେଶ ମରକ୍କୋରେ ଉପରେ । କିଛି ଘଂଟା ପୂର୍ବରୁ ଯେଉଁ ସ୍ଥାନ ନିଜର ସୌନ୍ଦର୍ଯ୍ୟ, ଐତିହ୍ୟ ପାଇଁ ଜଣାଯାଉଥିଲା ସେଠି ମୃତ୍ୟୁ ରଚିଛି ବଡ ତାଣ୍ଡବ । ଭୂମିକମ୍ପର ତ୍ରୀବତା ୬.୮ ରେକ୍ଟର ସ୍କେଲରେ ରେକର୍ଡ କରାଯାଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ମୋରୋକୋଠୁ ୭୦ କିଲୋମିଟର ଦୂର ମରକ୍କୋରେ ରହିଛି ।୧୯୬୦ ମସିହାରେ ମରକ୍କୋରେ ଦେଖିଥିଲା ଏଭଳି ଏକ ଶକ୍ତିଶାଳୀ ଭୂମିକମ୍ପ । ଯେଉଁଥିରେ ହଜାର ସଂଖ୍ୟକ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏହା ପରଠୁ ଏଠାରେ ଘର, ଅଟାଳିକା ଗୁଡିକ ଘର ▶▶ପୃଷ୍ଠା ୭

## ୩ ମନ୍ତ୍ରୀଙ୍କୁ କଳା ପତାକା ଦେଖାଇଲା କଂଗ୍ରେସ



ବଲାଙ୍ଗିର, ୦୯/୦୯ (ନି.ପ୍ର): ବ୍ରିଜ୍ ଶିଳାନ୍ୟାସ କରିବାକୁ ଯାଉଥିଲ ୩ ମନ୍ତ୍ରୀ। ରାସ୍ତାରେ ସେମାନଙ୍କୁ କଳା ପତାକା ଦେଖାଇଲେ କଂଗ୍ରେସ କର୍ମୀ। ଏପରି ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ। ଟିଟିଲାଗଡ଼ର ଦୀର୍ଘ ଦିନ ଦାବି ପୂରଣ ହେଉନଥିବାରୁ କଂଗ୍ରେସ କଳା ପତାକା ଦେଖାଇଥିବା ଜଣାପଡ଼ିଛି। ଆଜି ଟିଟିଲାଗଡ଼ ଡିଏଭି ସ୍ୱୟଂଶାସିତ କଲେଜରେ ଥିଲା ପ୍ରତିଷ୍ଠା ଦିବସ। ଏଥିରେ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଓ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଥିଲେ। କଲେଜରେ କାର୍ଯ୍ୟକ୍ରମ ସରିବା ପରେ ସେମାନେ ପରାସରା ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା ୩ଟି ବ୍ରିଜ୍‌ର ଶିଳାନ୍ୟାସ କରିବାକୁ ଯାଉଥିଲେ। ମନ୍ତ୍ରୀମାନେ ସଦଳବେଳେ ଥାଟପାଟ ସହ ଯାଉଥିଲେ। ହେଲେ ଅଧା ରାସ୍ତାରେ ସେମାନଙ୍କୁ କଳା ପତାକା ପ୍ରଦର୍ଶନ କରିଥିଲେ କଂଗ୍ରେସ କର୍ମୀ। ଏପରିକି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜୀ ଦେଇଥିଲେ। କୃସୁଡ଼ଠାରେ ଉନ୍ଦେର ନଦୀରେ ମଞ୍ଜୁର ବ୍ୟାରେଜକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିଥିବା, ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଅନିୟମିତତା, ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣରେ ଅନିୟମିତତା, ଟିଟିଲାଗଡ଼କୁ ଜିଲ୍ଲା ମାନ୍ୟତା ଦାବିରେ ଯୁବ କଂଗ୍ରେସ କର୍ମୀମାନେ କଳାପତାକା ଦେଖାଇବା ସହ ବିରୋଧ ପ୍ରଦର୍ଶନ କରିଛନ୍ତି। ଏହା ସତ୍ତ୍ୱେ ତିନି ମନ୍ତ୍ରୀ ପ୍ରକଳ୍ପ ଶିଳାନ୍ୟାସ କରି ଫେରିଥିବା ଜଣାପଡ଼ିଛି।

## ଗୋଷ୍ଠୀ ବିବାଦରୁ ଯୁବକକୁ ହାଣି ହତ୍ୟା

ଆସିକା, ୦୯/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ଓ କୋଟିନଡ଼ା ଥାନା ଅଧୀନ ହରିଡ଼ାପଦର ଗ୍ରାମରେ ଗୋଷ୍ଠୀ ବିବାଦକୁ କେନ୍ଦ୍ର କରି ଜଣେ ଯୁବକ ହତ୍ୟାର ଶିକାର ହୋଇଛନ୍ତି। ମୃତକଜଣକ ହେଲେ, ଉକ୍ତ ଗ୍ରାମର ସଞ୍ଜୟ ନାୟକ। କାତିରେ ବାରମ୍ବାର ଚୋଟ ପକାଇବାରୁ ଘଟଣାସ୍ଥଳରେ ହିଁ ସଞ୍ଜୟଙ୍କ ମୃତ୍ୟୁ ହୋଇଥିଲା। ଏନେଇ କେସ୍ ନମ୍ବର ୨୨୩/୨୩ ଅନୁସାରେ ମାମଲା ରୁଜୁ ସହ ଫେରାର ଅଭିଯୁକ୍ତ ସୁରେଶ ଡାକୁଆକୁ ଧରିବା ଲାଗି ପୁଲିସ ଚଢ଼ଉ ଜାରି ରଖିଛି। ମିଳିଥିବା ସୂଚନାନୁସାରେ, ଗ୍ରାମରେ ଗତ କିଛିଦିନ ହେଲା ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଏହାମଧ୍ୟରେ ସୁରେଶକୁ ପ୍ରତିପକ୍ଷ ଗୋଷ୍ଠୀର କିଛି ଯୁବକ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଅଭିଯୁକ୍ତମାନେ ଜେଲ୍ ଯାଇ ଜାମିନରେ ଫେରିଥିଲେ। ତେବେ ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ଓ ଗ୍ରାମରେ ▶▶ପୃଷ୍ଠା ୭

## ନକଲି ସାର୍ଟିଫିକେଟ ଦେଇ ହୋଇଥିଲେ ଶିକ୍ଷୟିତ୍ରୀ: ୧୧ ବର୍ଷ ପରେ ବହିଷ୍କୃତ

ଗଞ୍ଜାମ, ୦୯/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ସ୍ଥିତ ଏନ୍.ବି.ବିଦ୍ୟାପୀଠର ଠିକା କନିଷ୍ଠ ଶିକ୍ଷୟିତ୍ରୀ (କଣ୍ଟ୍ରାକଚୁଆଲ ଜୁନିୟର ଟିଚର) ମନ୍ଦାକିନୀ ନାହାକଙ୍କୁ ବହିଷ୍କାର କରାଯାଇଛି । ନକଲି ସାର୍ଟିଫିକେଟ ଦେଇ ଚାକିରି କରିଥିବା ମନ୍ଦାକିନୀ ନାହାକଙ୍କୁ ଗଞ୍ଜାମ ଜିଲ୍ଲାପାଳ ବହିଷ୍କାର କରିଛନ୍ତି। ୨୦୧୨ ମସିହାରେ ଚାକିରିରେ ଯୋଗ ଦେଇଥିଲେ ମନ୍ଦାକିନୀ ନାହାକ। ସେତେବେଳେ ସେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ଜାଲ୍ ସାର୍ଟିଫିକେଟ୍ ଦେଇଥିଲେ। ସେ ଯୁକ୍ତ ଦୁଇ ପାସ୍ କରି ନାହାନ୍ତି। କିନ୍ତୁ ଯୁକ୍ତ ଦୁଇ ପାସ୍ କରିଥିବା ନେଇ ନକଲି ସାର୍ଟିଫିକେଟ୍ ଓ ମାର୍କଶିଟ୍ ଦାଖଲ କରିଥିଲେ। ମନ୍ଦାକିନୀ ନାହାକ ଓଟିଇଟି ପାସ୍ କରିବା ପରେ ଚାକିରି ନିୟମିତ କରିବା ନିମନ୍ତେ ଆବେଦନ କରିଥିଲେ। ଏହା ପରେ ତାଙ୍କ ସମସ୍ତ ସାର୍ଟିଫିକେଟ୍ ଯାଞ୍ଚ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ▶▶ପୃଷ୍ଠା ୭

# କାଳିକିଙ୍କର ଦାସ ପାଇଲେ ଚରୈବତି ସାରସ୍ୱତ ସମ୍ମାନ-୨୦୨୩

ଢେଙ୍କାନାଳ, ୦୯/୦୯ (ନି.ପ୍ର): ଢେଙ୍କାନାଳରେ ଅନୁଷ୍ଠିତ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ଚରୈବତି ଓ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଢେଙ୍କାନାଳ ଥିଙ୍କର୍ଷ ଫୋରମର ବାର୍ଷିକ ଉତ୍ସବରେ ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିବା କବି ତଥା ଲେଖକ ଶ୍ରୀ କାଳିକିଙ୍କର ଦାସଙ୍କୁ ଦ୍ୱିତୀୟ ଚରୈବତି ସାରସ୍ୱତ ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି । ଢେଙ୍କାନାଳ ସହରର ଗୋପବନ୍ଧୁ ଟାଉନ ହଲରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଲେଖକ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ସମେତ ଓଡିଶା ଲେଖିକା ସଂସଦର ସଭାନେତ୍ରୀ କବି ଶକୁନ୍ତଳା ବଳିୟାର ସିଂହ ମୁଖ୍ୟ ଅତିଥି ଓ ପ୍ରଫେସର ମନୋରଞ୍ଜନ ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ । ଢେଙ୍କାନାଳ ଜିଲ୍ଲାର ଅଧିକାଂଶ ସାରସ୍ୱତ ଅନୁଷ୍ଠାନର କର୍ମକର୍ତ୍ତା କବି,



ଲେଖକ ତଥା ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆମନ୍ତ୍ରିତ କବି ଲେଖକମାନେ ଯୋଗ ଦେଇଥିଲେ । ଢେଙ୍କାନାଳ ଲେଖକ ସଂଘ, ସଂଧ୍ୟାତାରା ସାହିତ୍ୟ ସଂସଦ, ବ୍ରଜନାଥ ବଡ଼ ଜେନା ସାହିତ୍ୟ ସଂସଦ ଆଦି ଢେଙ୍କାନାଳର ଅଧିକାଂଶ ସାରସ୍ୱତ ଅନୁଷ୍ଠାନ ଏହି ସମ୍ମାନ ସମାରୋହରେ ଯୋଗ ଦେଇଥିଲେ । କବି କାଳିକିଙ୍କର ଦାସ ତାଙ୍କର ସହଧର୍ମିଣୀ ଶ୍ରୀମତୀ ସୌଭାଗିନୀ ମିଶ୍ରଙ୍କ ସହ ସମ୍ମାନ ସ୍ୱରୂପ ପ୍ରଶସ୍ତି ପତ୍ର, ସ୍ମୃତି ଫଳକ ଓ ଅଙ୍ଗବସ୍ତ୍ର ଗ୍ରହଣ କରିଥିଲେ । ପ୍ରକାଶ ଥାଉ କି ଶ୍ରୀଦାସ ଏଯାବତ ୨୭ ଖଣ୍ଡ ଗଳ୍ପ, କବିତା, ପ୍ରବନ୍ଧ, ଉପନ୍ୟାସ ଓ ଶିଶୁ ସାହିତ୍ୟ ଆଦି ପ୍ରାୟ ୨୭ ଖଣ୍ଡ ପୁସ୍ତକ ରଚନାକରି ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଛନ୍ତି । କେବଳ ଓଡ଼ିଆ ନୁହେଁ ତାଙ୍କର ଅନେକ ଇଂରାଜୀ, ବଙ୍ଗଳା ଓ ହିନ୍ଦୀ ଭାଷାରେ କବିତା ଭାରତର ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ପ୍ରକାଶ ପାଇଛି । ତାଙ୍କୁ ଏହି ପ୍ରତିଷ୍ଠିତ ସମ୍ମାନ ପ୍ରଦାନ କରାଯାଇଥିବାରୁ ବାଲେଶ୍ୱରର ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଓ ସାହିତ୍ୟିକ ସମେତ ଓଡ଼ିଶାର ବହୁ କବି ଲେଖକ ଓ ସାରସ୍ୱତ ଅନୁଷ୍ଠାନ ଅଭିନନ୍ଦନ ଜଣାଇଛନ୍ତି ।

# ବିଜେପି କୃଷକ ମୋର୍ଚ୍ଚାର ସାଂଗଠନିକ ବୈଠକ

ବସ୍ତା ୦୯.୦୯.(ନିପ୍ର) ଶନିବାର ଦିନ ବସ୍ତା ଡାକ ବଙ୍ଗଳା ରେ ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ନାରାୟଣ ସାହୁ ଙ୍କ ଆବାହନ ରେ ବୈଠକ ଅନୁଷ୍ଠିତ ହେଇଥିଲା । ଉକ୍ତ ବୈଠକ ରେ ସଭା ପତିତ୍ୱ କରିଥିଲେ ବାସୁଦେବ ପଣ୍ଡା , ମୁଖ୍ୟ ଅଥିତି ଭାବରେ ବରିଷ୍ଠ ନେତା ଭାଇ ଶ୍ୟାମାପ୍ରସାଦ ବେହେରା ଯୋଗ ଦେଇଥିଲେ । ବସ୍ତା ନିର୍ବାଚନ ମଣ୍ଡଳୀ ର ଆଗାମୀ ଦିନ ରେ ସଂଗଠନ କୁ ତୃଣ ମୂଳ ସ୍ତରରୁ କେମିତି ସୁଧୃଢ କରାଯାଇ ଆଗାମୀ ଦିନ ରେ ଚାଷୀ ମାନେ କେମିତି ସୁବିଧା ସୁଯୋଗ ପାଇବା ସହିତ କେମିତି ଉପକୃତ ହେଇ ପାରିବେ ସେଇ ବିଷୟରେ ଆଲୋଚନା କରା ଯାଇଥିଲା ଏହି ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ବୈରାଗୀ ଚରଣ ବେହେରା , ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି କୈଳାସ ବେହେରା, ଜିଲ୍ଲା ଉପସଭାପତି




ଧ୍ରୁବ ଚରଣ ନାୟକ , ବସ୍ତା ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଦୀନକୃଷ୍ଣ ବେହେରା, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ମହେଶ୍ୱର ଗିରି , ଦେବାଶିଷ ମହାପାତ୍ର, ହରେନ୍ଦ୍ର ଦାସ, ଅଭିରାମ ମଲିକ, ବସ୍ତା ଯୁବ ମୋର୍ଚ୍ଚା ସଭାପତି ଧୀରେନ ସେଠୀ, ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା , ଦିବାକର ରାଉତ, ପଞ୍ଚାୟତ ସଭାପତି ଅଜୟ ଜେନା, ଶରତ ବାରିକ, ଉମାକାନ୍ତ ବେଜ, ବରିଷ୍ଠ କାର୍ଯ୍ୟ କର୍ତ୍ତା ଅଜୟ ଘୋଷ, , ରଜତ ଦାସ , ମନୋଜ ସାମଲ, ନିଧିଆ ମାରାଣ୍ଡି, ପ୍ରତାପ ରାଉତ,ଅଶୋକ ରାଉତ, ଆଦିତ ଜେନା, ଉମା ମହାରଣା,ତପନ ପାତ୍ର, ଫକିର ମୋହନ ପ୍ରଧାନ, ଭାଗିରଥି ନାୟକ, ଅକ୍ଷୟ ନାୟକ ଙ୍କ ସମେତ କୃଷକ ମୋର୍ଚ୍ଚା ବହୁ କାର୍ଯ୍ୟ କର୍ତ୍ତା ଯୋଗ ଦେଇଥିଲେ ।

# ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ

ବାରିପଦା , ୦୯/୦୯ (ନି.ପ୍ର): କଣ୍ଡାପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ଆଲୋଚନା ଚକ୍ରରେ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସଭାପତିତ୍ୱ କରି ସାକ୍ଷରତା ଦିବସ ପାଳନରର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଦେଶର ପ୍ରଗତିରେ ସାକ୍ଷରତା କିପରି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସେ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବସୁରୀଙ୍କ ନେତୃତ୍ୱରେ ଛାତ୍ର ଛାତ୍ରୀ ମାନେ ସାକ୍ଷରତା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଓ ହାତରେ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ପରିଚାଳନା ସମିତି ସଭ୍ୟ ଓ ପ୍ରାକ୍ତନ ଛାତ୍ର ମାନେ ଯୋଗ ଦେଇଥିଲେ ।

# ପାଇକ ଏକାଡେମୀ ପ୍ରତିଷ୍ଠାକୁ ସୁପାରିସ: ଖୋର୍ଦ୍ଧା ଆନନ୍ଦ ମୁଖର

ଖୋର୍ଦ୍ଧା , ୦୯/୦୯ (ନି.ପ୍ର): ନନ୍ଦ ଉତ୍ସବ ଦିନ ଆମ ଓଡ଼ିଶା ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧା ରେ ପାଇକ ଏକାଡେମୀ ପ୍ରତିଷ୍ଠାକୁ ଅନୁମୋଦନ କରିଛନ୍ତି। ଖୋର୍ଦ୍ଧା ଗସ୍ତ ,ଆମ ୫ ଟି ସଚିବ ଭି, କେ, ପାଣ୍ଡିଆନ ଖୋର୍ଦ୍ଧା ପାଇକ ସମାଜ ଆପତ୍ତି ଶୁଣି ଥିଲେ । ଅହି ପ୍ରସ୍ତାବକୁ ସେ ମୁଖ୍ୟ ମନ୍ତ୍ରୀଙ୍କୁ ଜଣାଇ ଏହାର ଅନୁମୋଦନ କରାଇଛନ୍ତି। ଏହି ଦାବି ଡେରିରେ ହେଲେ ମଧ ଖୋର୍ଦ୍ଧା ବାସୀ ଓ ପାଇକ ପୁଅ ଖୋର୍ଦ୍ଧା ପାଇଛନ୍ତି। ଖୋର୍ଦ୍ଧା ପାଇକ ଜାଗରଣ ମଞ୍ଚ ମୁଖ୍ୟ ମନ୍ତ୍ରୀ ଓ ୫ ଟି ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖୋର୍ଦ୍ଧା ମାଟିର ବରପୁତ୍ର ଖଣ୍ଡାୟତ କୁଳର ମୌଡମଣି , ସାହସୀ ବୀର ସ୍ୱର୍ଗତ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଅଭିବ୍ୟକ୍ତ ପୁରୀ ଜିଲ୍ଲା ରାଜଧାନୀ ଖୋର୍ଦ୍ଧା ଗଡ, ଖଣ୍ଡାୟତ ଓ କ୍ଷତ୍ରିୟ ସମାଜ ଓ ତାଙ୍କୁ ସାହାଯ୍ୟ କରିବା ଅନ୍ୟ ପାଇକ ଜାତି ସାମିଲ ହୋଇଥିଲେ।୧୮୧୭ ମସିହା ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ବହୁ ପୁର୍ବତନ ଐତିହାସିକ ମାନେ ମତ ରଖିଛନ୍ତି। ମାତ୍ର ଭାରତ ସରକାର ଏ ପର୍ଯ୍ୟନ୍ତ ମାନ୍ୟତା ଦେଇ ନାହାନ୍ତି ବିଳମ୍ବ ହେଲେ ମିଳିବ ଆଶା ଓ ବିଶ୍ୱାସ । ପାଇକ ମାନଙ୍କ ସାମୁହିକ ବିକାଶ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଜରୀଆରେ ଶିକ୍ଷା,ତାଲିମ, ଗବେଷଣା କରାଯିବ। ଓଡ଼ିଆ ପିଲା ଏହି ଅନୁଷ୍ଠାନ ରୁ ଶିକ୍ଷା ଲାଭ କରିବେ। ସେମାନଙ୍କ ପାଇଁ ରହିବା, ଖାଇବା ଛାତ୍ର ବୃତ୍ତି ବେବସ୍ତା ଅଛି। ଏହି ଅନୁଷ୍ଠାନ ପାସ କରି ପାଇକ ରେଜୀମେଣ୍ଟ ଦାବି କାଳ କ୍ରମେ ଗଠିତ ହେବ। ବର୍ତମାନ ଅସ୍ଥାୟୀ ଭାବେ ଗଡଖୋରଧା ମୌଜା ଗଡ଼ ଖାଇ ଠାରେ ହେବ ବୋଲି ପ୍ରସ୍ତାବ ଅଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ୫ ଟି ସଚିବ ଖୋର୍ଦ୍ଧା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଙ୍କୁ ଜାଗା ଚିହ୍ନଟ ପାଇଁ ପ୍ରସ୍ତାବ ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାପାଳ ଦକ୍ଷ ,ସଚୋଟ, ତୁରନ୍ତ ପ୍ରଶାସକ ,ଶୀଘ୍ର ଉପଯୁକ୍ତ ଜାଗା ଚିହ୍ନଟ କରି ସରକାରଂକ ପାଖେ ଦାଖଲ କରିବେ । ଏହି ପାଇକ ଏକାଡେମୀ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ, ୫ ଟି ସଚିବ, ଭ, କେ , ପାଣ୍ଡିଆନା ,ଖୋର୍ଦ୍ଧା ଜିଲ୍ଲାପାଳ କେ , ସୁଦର୍ଶନ ଚକ୍ରବର୍ତ୍ତୀ, ଓ ଖୋର୍ଦ୍ଧା ପାଇକ ସଂଗଠନ ନାମ ପାଇକ ଇତିହାସ ସ୍ଥାନ ପାଇବ। ଏମାନଙ୍କ ଅମଳରେ ଏହି ପାଇକ ଏକାଡେମୀ ହୋଇଛି ବୋଲି ଓଡିଶା ଲୋକେ ମନେ ରଖିବେ। ବରୁଣାଇ ପାଦ ଦେଶରେ ୧୦ ଏକର ଯାଗାରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଉଦ୍ୟମ ରେ ପାଇକ ସ୍ମୃତି ସ୍ଥଳ ହସି ଉଠିବ। ଖୋର୍ଦ୍ଧା ତାର ଅତୀତ ଗୌରବ ଫେରି ପାଇବ। ସହିଦ ବୀର ,ପରିବାର , ଓ ଗଡ଼ ଅଞ୍ଚଳ କାଳକ୍ରମେ ଉଲ୍ଲସିତ ହେବ। ଜଗନ୍ନାଥ ଧାମ ଓ ଖୋର୍ଦ୍ଧା ଗଡ ସ୍ମୃତି ଦେଶ ବିଦେଶ ପ୍ରଚାର ଓ ପ୍ରସାର ହେବ।

# ବେଲଦଳରେ ବିଜୟ ଉତ୍ସବ ଓ ଚାଷୀ ସମାବେଶ

ପୁରୀ, ୦୯/୦୯ (ନି.ପ୍ର): ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ଆଜି ପୁରୀ-କୋଣାର୍କ ରାସ୍ତାର ବେଲଦଳ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ବେଦାନ୍ତ କମ୍ପାନୀ ବିରୋଧରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରିପ୍ରେକ୍ଷୀରେ ମହାପ୍ରଭୁଙ୍କ ବିଜୟ ଉତ୍ସବ ଓ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି ।

# ନୀଳଗିରି ପୋଷ୍ଟାଲରେ ମିଳୁନାହିଁ ୧୦ଟଙ୍କିଆ ଆଇ.ପି.ଓ: ହିନସ୍ତା ଜନସାଧାରଣ

ନୀଳଗିରି, ୦୯/୦୯ (ନି.ପ୍ର): ବିର୍ତ୍ତମାନ ଯେକୌଣସି ବିଭାଗରେ ଦରଖାସ୍ତଟିଏ କରିବାକୁ ହେଲେ ଡାକ ବିଭାଗରେ ଆଇ.ପି.ଓ ଆବଶ୍ୟକତା କେତେ ଜରୁରୀ ତାହା ଆଖିରେ ନଦେଖିଲେ ବୁଝି ହେବ ନାହିଁ ।ସୂଚନା ଅଧିକାର ତଥ୍ୟ ଠାରୁ ଆରମ୍ଭ କରୁ ଚାକିରୀ ଆଶାୟୀ କିମ୍ବା ଛାତ୍ରଛାତ୍ରୀ ମାନେ ଯେ କୌଣସି ବିଭାଗର ଦରଖାସ୍ତ କରିବାକୁ ଗଲେ ଆଇ.ପି.ଓ ବ୍ୟାଙ୍କ ଡ୍ରାଫଟ୍ ଓ କ୍ୟାସ ଜରୁରୀ ଥିବା ବେଳେ କ୍ୟାସ ଗ୍ରହଣ କରିବାକୁ ଅମଙ୍ଗ ହେବା, ବ୍ୟାଙ୍କ ଡ୍ରାଫଟ୍ ପାଇଁ ୭ଦିନ ଅପେକ୍ଷା କରିବାକୁ ପଡୁଥିବା ବେଳେ ଆଇ.ପି.ଓ ସହଜ ଉପାୟ କାର୍ଯ୍ୟ ସାଧନ କରି ଦେଇଥିବାରୁ ୧୦ଟଙ୍କିଆ ଆଇ.ପି.ଓ ଆବଶ୍ୟକତା ବହୁଳ ମାତ୍ରାରେ ଦେଖା ଦେଇଥିଲା ।ମାତ୍ର ଦୀର୍ଘ ପ୍ରାୟ ୩/୪ମାସ ଧରି ନୀଳଗିରି ଠାରୁ ଆରମ୍ଭ କରି ବାଲେ୍ବର ଜିଲ୍ଲାର ୧୦ଟଙ୍କିଆ ଆଇ.ପି.ଓ ଘୋର ଅଭାବ ଦେଖାଦେଇଛି । ଲୋକ ମାନଙ୍କର ୧୦ଟଙ୍କିଆ ଆଇ.ପି.ଓ ଆବଶ୍ୟକତା ଥିବା ବେଳେ କାନ ମୁଣ୍ଡ ଆଉଁଶି ଲୋକେ ୫୦,୧୦୦ଟଙ୍କିଆ ଆଇ.ପି.ଓ କିଣୁ ଥିବାର ଦେଖାଯାଇଛି । ଯାହାକି ବୋଝ ଉପରେ ନଳିତା ବିଡା ସଦୃଶ୍ୟ ହୋଇଛି । କେନ୍ଦ୍ର ସରକାର ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ଜନସାଧାରଣ ମାନଙ୍କ ପାଇଁ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ ଆଇ.ପି.ଓ ଘୋର ଅଭାବ ଜନସାଧାରଣ ମାନଙ୍କୁ ଚିନ୍ତାରେ ପକାଇଛି । କେନ୍ଦ୍ର ସରକାର ପୋଷ୍ଟାକୁ ବହୁଳ ଜନାଭିମୁଖୀ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରି ଲୋକ ମାନଙ୍କୁ ଆକୃଷ୍ଟ କରୁଥିବା ବେଳେ ଦୀର୍ଘ ଦିନ ଧରି ପୋଷ୍ଟ ଅଫିସରୁ ଆଇ.ପି.ଓ ନମିଳିବା ନିଶ୍ଚିତ ଭାବେ ଦୁଃଖ ଓ ପରିତାପର ବିଷୟ ପାଲଟିଛି ।କେନ୍ଦ୍ର ସରକାର ମାଳମାଳ ଲୋକ ମାନଙ୍କ ପାଇଁ ପ୍ରସ୍ତୁତ କରୁଥିବା ବେଳେ ସାମାନ୍ୟତମ ଚାହିଦାକୁ ପୂରଣ ନକରିପାରିବା କେନ୍ଦ୍ର ସରକାରଙ୍କ ବିଫଳତାର ପରିଚୟ ବୋଲି ବିଭିନ୍ନ ରାଜନୈତିକ ଦଳ ଏବଂ ଜନସାଧାରଣ ତରଫରୁ ଅଭିଯୋଗ ଉଠିଛି ।ଯଥାଶିଘ୍ର ପୋଷ୍ଟ ଅଫିସ ଗୁଡିକୁ ୧୦ଟଙ୍କିଆ,୨୦ଟଙ୍କିଆ ଆଇ.ପି.ଓ.ଯୋଗାଇ ଦେବାକୁ ଜନସାଧାରଣ ଦାବୀ କରିଛନ୍ତି ।

# ୨୧୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ବଲାଙ୍ଗିର, ୦୯/୦୯ (ନି.ପ୍ର): ଆଜି ପୂର୍ବାହ୍ନରେ ଚୋରା ଚାଲାଣ ବେଳେ ୨୧୦ କେଜି ଗଂଜେଇ ଜବତ କରିଛି ବଲାଙ୍ଗିର ଜିଲ୍ଲା ପୁଇଁତଲା ପୋଲିସ । ଏହି ମାମଲାରେ ୩ ଜଣ ଯୁବକଙ୍କୁ ମଧ ଗିରଫ୍ କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଗଂଜେଇ ଚୋରା ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଇଁତଲା ପୋଲିସ ସାତ ମାଇଲ୍ ଛକରୁ ଏକ ବଲେରୋ ପିକ୍ଅପ୍ ଓ ମହିନ୍ଦ୍ରା ଏକ୍ସକ୍ୟୁଭି ଗାଡ଼ିକୁ ଫଲୋ କରିଥିଲା । ସଂପୃକ୍ତ ଦୁଇ ଗାଡ଼ିକୁ ଗିରିଗୋବର୍ଦ୍ଧନ ମନ୍ଦିର ସମ୍ମୁଖରେ ପୋଲିସ କାବୁ କରି ସେଥିରୁ ୨୧୦ କେଜି ଗଞ୍ଜେଇ ଜବତ୍ କରିବା ସହ ଦୁଇ ଗାଡ଼ିରୁ ୩ ଜଣ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

# ଦାଦାବଟିକୁ ନେଇ ମହିଳାଙ୍କୁ ଆକ୍ରମଣ: ମଙ୍ଗଳସୁତ୍ର ଲୁଟ୍

ନିମାପଡା, ୦୯/୦୯ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ କୁଆଁସ ଛକଠାରେ ଘର ତୋଳୁଥିବା ଜଣେ ମହିଳାଙ୍କୁ ଦାଦାବଟି ମାଗିବା ସହ ଜାତିଆଣ ଆକ୍ଷେପ କରି ଆକ୍ରମଣ କରାଯାଇ ମଙ୍ଗଳସୁତ୍ର ଲୁଟ୍ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ, ନିମାପଡା ଥାନା ଅହ୍ଲୁଣିଆ ପାଟଣା ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ପତ୍ନୀ ମଧୁସ୍ମିତା ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମଧୁସ୍ମିତାଙ୍କ ନାମରେ କୁଁଆସ ଛକ ଠାରେ ଏକ ଜମି ରହିଥିଲା ବେଳେ ଉକ୍ତ ଜମିରେ ସେ ବ୍ୟାଙ୍କରୁ ଲୋନ ଆଣି ବରଫ ଫ୍ୟାକ୍ଟ୍ରି ନିର୍ମାଣ କରୁଛନ୍ତି । ଗତକାଲି ଶୁକ୍ରବାର ଅପରାହ୍ନ ୩ଟା ସମୟରେ କୁଁଆସ ଗ୍ରାମର ସୁବାସ ନାୟକ, ଅଜୟ ପଣ୍ଡା ଓ ଜଗ୍ନେଶ୍ୱର ସ୍ୱାଇଁ ଘଟଣାସ୍ଥଳକୁ ଆସି ମଧୁସ୍ମିତାଙ୍କୁ ୨୦ ହଜାର ଟଙ୍କା ଦାଦାବଟି ମାଗିଥିଲେ । ମଧୁସ୍ମିତା ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ଜାତିଆଣ ଆକ୍ଷେପ କରିବା ସହ ତାଙ୍କୁ ବିଧା ଗୋଇଠା ମାରିଥିଲେ । ପାଟିଶୁଣି ନିର୍ମାଣ କାମ କରୁଥିବା ଶ୍ରମିକ ମାନେ ଆସି ମଧୁସ୍ମିତାଙ୍କୁ ଉଦ୍ଧାର କରିଥିଲେ । ଏହା ପୂର୍ବରୁ ଅଭିଯୁକ୍ତମାନେ ଭୟଭୀତ କରି ମଧୁସ୍ମିତାଙ୍କ ଠାରୁ ୨୦ ହଜାର ଟଙ୍କା ନେଇଥିବା ନେଇ ମଧୁସ୍ମିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

# ଓୟୁଡବ୍ଲ୍ୟୁଜେର ଭଦ୍ରକ ଶାଖା ପୁନର୍ଗଠିତ : ଜିଲ୍ଲା ସଭାପତି ହେଲେ ଶଶୀଭୁଷଣ ସ୍ୱାମୀ




ଭଦ୍ରକ, ୦୯/୦୯ (ନି.ପ୍ର): ସମ୍ମିଳିତ କର୍ମଜୀବି ସାମ୍ବାଦିକ ମହାସଂଘ, ଓଡ଼ିଶା ର ଭଦ୍ରକ ଶାଖାର ପୁନର୍ଗଠନ ହୋଇଯାଇଛି । ଆଜି ସ୍ଥାନୀୟ ସାଳନ୍ଦୀ ଡାକ ବଙ୍ଗୋଳା ଠାରେ ଅନୁଷ୍ଠିତ ଜରୁରୀ ବୈଠକରେ ରାଜ୍ୟ ସଂଘର ଉପ ସଭାପତି ଅନିଲ କୁମାର ସାହୁ ଓ ରାଜ୍ୟ ସମ୍ପାଦକ ତପନ ମହାରଣ୍ୟ ଶର୍ମାଙ୍କ ଉପସ୍ଥିତିରେ ଭଦ୍ରକ ଜିଲ୍ଲା ସଙ୍ଗର ନୂତନ କମିଟି ଗଠନ ହୋଇ ଯାଇଛି । ଏଥିରେ ସର୍ବସମ୍ମତି କ୍ରମେ ଜିଲ୍ଲା ସଭାପତି ଭାବରେ ବରିଷ୍ଠ ସାମ୍ବାଦିକ ଶଶୀଭୁଷଣ ସ୍ୱାମୀ ମନନୀତ ହୋଇଥିବା ବେଳେ ସମ୍ପାଦକ ଭାବେ ପ୍ରମୋଦ କୁମାର ନାୟକ, ଉପ ସଭାପତି ଭାବେ ସୁବ୍ରତ କୁମାର ପାଲ, ନାରାୟଣ ଚନ୍ଦ୍ର ଦାସ, ସହ ସମ୍ପାଦକ ଭାବରେ ସୁନୀଲ କୁମାର ଦତ୍ତ, ସନ୍ତୋଷ କୁମାର ସାହୁ,କୋଷାଧକ୍ଷ ଭାବରେ ସତ୍ୟଭୂଷଣ ସ୍ୱାମୀ, ସଂଗଠନ ସମ୍ପାଦକ ଭାବରେ ଶେଖ.ଅବଦୁଲ ଫିରୋଜଙ୍କୁ ଚୟନ କରାଯାଇଛି । ସେହିପରି ବରିଷ୍ଠ ସାମ୍ବାଦିକ ଦୁର୍ଗା ଶଙ୍କର ବିଶ୍ୱାଳ, ଅଶୋକ ନାୟକ, ଶୈଳେନ୍ଦ୍ର ପଲାଇ, ଅଶ୍ୱିନୀ ପାଢ଼ୀ, ଶାନ୍ତନୁ ପଣ୍ଡାଙ୍କୁ ଉପଦେଷ୍ଟା ଭାବରେ ରଖା ଯାଇଛି । ଅନ୍ୟ ସାମ୍ବାଦିକ ବନ୍ଧୁ ମାନଙ୍କ ମଧ୍ୟରେ ନବ କିଶୋର ସ୍ୱାଇଁ, ଆଶିଷ ମହାନ୍ତି, ଅସିତ ଓଝା, ରାକେଶ ଦାସ, ପ୍ରଭାତ ବିଜୟ, ଶେଖ. ଫିତର, ପୁନିଲ ସାମନ୍ତ, ସାଧନ ଧର, ଫୈଇଜନ କାଦ୍ରି, ଅମୁଲ୍ୟ ନାୟକ, ସୁରଜ ଖାଁ, ଯାହିଦ ଖାଁ, ଜଗନ୍ନାଥ ନାୟକ, ରବାନୀ ଓ୍ୱାର୍ଶି, ସଂଜୀବ ସେନାପତି, ସୁରେଶ ମହାତ, ସନ୍ତୋଷ କୁମାର ଜେନା, ନରେନ୍ଦ୍ର ମହାରଣା, ଜୟ ଜଗନ୍ନାଥ ମଲ୍ଲିକ,ଜଗବନ୍ଧୁ ଜେନା ପ୍ରମୁଖଙ୍କୁ କୋର କମିଟି ରେ ସ୍ଥାନ ଦିଆ ଯାଇଛି । ଆଗାମୀ ଦିନରେ ଜିଲ୍ଲାରେ ସାମ୍ବାଦିକ ମାନଙ୍କ ସୁରକ୍ଷା ଓ ସୁବିଧା ବିଷୟରେ ଗୁରୁତ୍ୱ ଦେବା ସହିତ ଜିଲ୍ଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ହେବାକୁ ରାଜ୍ୟ ସଭାପତି ପୀତବାସ ମିଶ୍ର ନିବେଦନ କରିଛନ୍ତି । ସେହିପରି ଭଦ୍ରକ ଜିଲ୍ଲାରୁ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଓ ପଦ୍ମଲାଭ ପଣ୍ଡାଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ରେ ସ୍ଥାନ ଦିଆ ଯାଇଛି ।

# ଭୂସଂସ୍କାର ନିମନ୍ତେ ସଦାଶିବ ତ୍ରିପାଠୀ ଚିରସ୍ମରଣୀୟ

ଭୁବନେଶ୍ୱର, ୦୯/୦୯ (ନି.ପ୍ର): ଆଦର୍ଶ ଶିକ୍ଷକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ସଦାଶିବ ତ୍ରିପାଠୀଙ୍କ ୪୩ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଧାନୀ ଚିକିତ୍ସାଳୟ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜୁ ଜନତାଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡକ୍ଟର ମିହିର ପଟ୍ଟନାୟକ, ପ୍ରଗତି ରଥ, ବିଜୟ ସାହୁ, ସତ୍ୟବ୍ରତ ଜେନା, ପ୍ରଦୀପ୍ତ ପରିଡ଼ା, ରୁବିନା ପରିଡ଼ା, ଅନୁପମା ବେହେରା, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ସମାଜସେବୀ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅମିତ ପାତାଳସିଂହ ପ୍ରମୁଖ ଯୋଗଦେଇଥିବାବେଳେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ସଦାଶିବ ତ୍ରିପାଠୀଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ନବରଙ୍ଗପୁର ଅ ଳର ଏକ ଜମିଦାର ପରିବାରରେ ଜନ୍ମହୋଇ ପ୍ରାଥମିକ ଜୀବନରେ ଶିକ୍ଷକତାକୁ ବ୍ରତଭାବେ ଗ୍ରହଣ କରି କାର୍ଯ୍ୟ କରୁଥିବା ସମୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲାର କୋଣ ଅନୁକୋଣରେ ପଦଯାତ୍ରା କରି ସ୍ୱାଧୀନତାର ବାର୍ତା ପ୍ରଚାର କରିବା ସହିତ କାରାବରଣ କରିଥିଲେ। ଦେଶ ସ୍ୱାଧୀନତା ପରେ ସେ ବିଧାୟକ ଭାବରେ ନିର୍ବାଚିତ ହେବା ସହିତ ମନ୍ତ୍ରୀପଦ ମଣ୍ଡନ କରିଥିଲେ। ରାଜସ୍ୱମନ୍ତ୍ରୀ ଭାବେ ଭୂସଂସ୍କାର ଆଇନ୍ ପ୍ରଣୟନ ପାଇଁ ଉଦ୍ୟମ କରିଥିଲେ ।

# ବାସଭବନକୁ ଯାଇ ସମ୍ବର୍ଦ୍ଧନା ପ୍ରଦାନ କଲେ ନଗରପାଳ ପ୍ରମିଳା ପଣ୍ଡା

ଉଦଳା , ୦୯/୦୯ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ସୁବର୍ଣ୍ଣ ଜୟନ୍ତି ଉତ୍ସବ ଇତି ମଧ୍ୟରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତି ନିଆଯାଇଥିଲା । କିନ୍ତୁ ବୟସ ଅଧିକ ହୋଇ ଯାଇଥିବାରୁ ବରିଷ୍ଠ ନାଗରିକ ସଂଘର ସଭାପତି ଜୟଚନ୍ଦ୍ର ପତ୍ରି, ପୁର୍ବତନ କାଉନସିଲର ରଘୁମଣି ତ୍ରିପାଠୀ ଓ ପୁର୍ବତନ ନଗରପାଳ ଲକ୍ଷ୍ମୀକାନ୍ତ ବାରିକ ଉତ୍ସବ ମଂଚ ନିକଟକୁ ଆସିପାରିନଥିଲେ । ପରେ ନିଜେ ନଗରପାଳ ପ୍ରମିଳା ପଣ୍ଡା ବାସ ଭବନକୁ ଯାଇ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରି ସମସ୍ତଙ୍କର ଆର୍ଶିର୍ବାଦ ଭିକ୍ଷା କରିଥିଲେ । ଯେଉଁମାନେ ଉଦଳା ଗ୍ରାମପଂଚାୟତକୁ ବିଜ୍ଞାପିତ



ଅଂଚଳରେ ପରିଣତ କରାଇବାର ସ୍ୱପ୍ନ ଦେଖିଥିଲେ ଓ ଏଥିପାଇଁ ଉଦ୍ୟମ କରିଥିଲେ ଆଜିର ଦିନରେ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ନକଲେ ଆଦୌ ଭଲ ଲାଗିବ ନାହିଁ ବୋଲି ଶ୍ରୀମତୀ ପଣ୍ଡା ବ୍ୟକ୍ତ କରିଥିଲେ । ନଗରପାଳଙ୍କର ଏତାଦୃଶ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ଭଦ୍ରକରେ ତୃତୀୟ ଲୋକ ଅଦାଲତ : ୨୨୬୯ଟି ମୋକଦ୍ଦମାର ଆପୋଷ ସମାଧାନ

ଭଦ୍ରକ, ୦୯/୦୯ (ନି.ପ୍ର): ଦ୍ୱିତୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୧୪୨୧୫୪୭୦୭ ଟଙ୍କାରେ ୨୨୬୯ ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୩୮ ଟି ମାମଲାର ୨୩୪୩୮୦୦୦ ଟଙ୍କାରେ ୩୭୫ ଟି ମିଳାମିଶା ଯୋଗ୍ୟ ଫୌଜଦାରି, ୪୨ଟି ଚେକ୍ ବୌନ୍ସ, ପୁନଃରୁଦ୍ଧାର ମାମଲା ୧୦୦୫୫୯୫୫୮ ଟଙ୍କାରେ, ୫୫ଟି ବୈବାହିକ ବିବାହ, ୧୫୪୬ଟି ରାଜସ୍ୱ ମୋକଦ୍ଦମା,




୧୨୩୨୮୩୮ ଟଙ୍କାରେ, ୪ଟି ଉପଭୋକ୍ତା ବିବାଦ ମାମଲା, ୭୮ ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୧୫ଟି ବ୍ୟାଙ୍କ ଋଣ ମାମଲା ୩୭୫୫୭୩୦ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନ୍ ବିଲ ସମ୍ବନ୍ଧୀୟ ୪ଟି ମାମଲା ୬୦୩୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି ।

## ଧାରାବାହିକ ଉପନ୍ୟାସ

# ବୈଦେହୀ



ଡ.ଭାଗବତ ବେହେରା

ଭାଗ-୧୭

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଗୁରୁ ପିତା ସମାନ । ପିତା ଦଶରଥଙ୍କ ଅନୁପସ୍ଥିତିରେ ମୁଁ ଗୁରୁ ତଥା ପିତାର ସ୍ଥାନ ପୂରଣ କରି ରାମଙ୍କୁ ଆଦେଶ ଦେଉଛି ସେ ଜନକ ନନ୍ଦିନୀ ସୀତା ଗଳାରେ ବରଣମାଳା ଦେଇ ତାଙ୍କୁ ପତ୍ନୀପଦରେ ବରଣ କରନ୍ତୁ ।"

ମହର୍ଷି ବିଶ୍ୱାମିତ୍ରଙ୍କ ତୁଣ୍ଡରୁ କଥା ନସରୁଣୁ ମୋ ପିତା ଜନକ କହିଥିଲେ, "ମୁଁ ରାଜର୍ଷି ଜନକ ମିଥିଳାର ରାଜା, ସୀତାର ପିତା । ମୋ କନ୍ୟା ପାଇଁ ମୁଁ ସ୍ୱୟମ୍ବର ରଚନା କରିଥିଲି । ସ୍ୱୟମ୍ବରରେ ପାତି ଥିଲି ଶିବଧନୁ । ପଣଥିଲା ଯେଉଁ ବୀର ରାଜକୁମାର ଏ ଶିବଧନୁକୁ ଭାଂଗି ପାରିବ ସେ ମୋ କନ୍ୟାର ପାଣିଗ୍ରହଣ କରିବ । ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ଦାଶରଥୀ ରାମ ଏ ସ୍ୱୟମ୍ବରରେ ଶିବଧନୁ ଭାଂଗି ପାରିଛନ୍ତି । ମୋର ସତ୍ୟ ଅନୁସାରେ ମୋ କନ୍ୟା ଜାନକୀଙ୍କୁ ମୁଁ ତାଙ୍କ ହସ୍ତକୁ ଟେକିଦେବି । ଏବେ ମୋ କନ୍ୟା ସୀତାକୁ ମୁଁ ଆଦେଶ ଦେଉଛି ସେ ରାମଙ୍କ ଗଳାରେ ବରଣମାଳା ଦେଇ ତାଙ୍କୁ ପତିପଦରେ ବରଣ କରୁ ।"

ଆନନ୍ଦ କୋଳାହଳରେ ଉଚ୍ଛୁଳି ପଡ଼ିଲା ସ୍ୱୟମ୍ବର ସଭା । ଶଂଖ ହୁଳହୁଳି ନାଦରେ ପ୍ରକମ୍ପିତ ହେଲା ଗଗନ ପବନ । ଧୀରେଧୀରେ ଆଗେଇ ଯାଇ କମ୍ପିତ ହସ୍ତ ଦୁଇଟି ମୋର ଆଦେଶ ପାଳନକରି ଲମ୍ବାଇ ଦେଇଥିଲା ପୁଷ୍ପମାଳା ରଘୁବୀରଙ୍କ ଗଳାରେ ।

ସେ ମଧ୍ୟ ଧୀରପଦ ଚାଲି ମୋ ପାଖକୁ ଲାଗିଆସି ମୋ ଗଳାରେ ଲମ୍ବାଇ ଦେଇଥିଲେ ତାଙ୍କ ହସ୍ତରେ ଥିବା ମାଳାକୁ । କମ୍ପି ଉଠିଥିଲା ମୋ ଶରୀର । ସମଗ୍ର ଶରୀର ମୋର ହୋଇ ଯାଇଥିଲା ଘର୍ମାକ୍ତ । ତନୁ ହୋଇଗଲା ପୁଲକିତ । ମୁଁ ବସୁଧାରେ ଛିଡ଼ାହୋଇଛି କି ନାଁ ତାହା ଜାଣିପାରିଲି ନାହିଁ । ମନେହେଲା ଗଂଗା, ଯମୁନା, ସରସ୍ୱତୀର ଜଳ ସବୁ ଯେମିତି ଅଜାଡ଼ି ହୋଇ ପଡୁଛି ମୋ ଉପରେ । ଆକାଶରୁ ଚନ୍ଦ୍ର ଆଉ ସୁଧାବୃଷ୍ଟି ମୋ ଉପରେ କରୁନାହାନ୍ତି ତ ? ଆଃ କି ଶାନ୍ତି, କି ତୃପ୍ତି, କି ଆନନ୍ଦ ସେତେବେଳେ ମୋ ଭିତରେ ପୂରି ରହିଥିଲା ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ ସୁଧାମୟୀ । ତାଙ୍କ କୋମଳ ହସ୍ତର ସ୍ପର୍ଶ ମୋ ଶରୀରରେ ବୋଳି ଦେଇଥିଲା ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର, ସ୍ନେହ, ପ୍ରେମ, ଶ୍ରଦ୍ଧା ରୂପୀ ଅମୃତ । ତଣ୍ଟି ମୋର ଶୁଖି ଅଠାଅଠା ହୋଇ ଯାଉଥାଏ । ତୁଣ୍ଡରେ ନଥାଏ ବଚନ, ମାତ୍ର ଅନ୍ତରରେ ଥାଏ ଅଫୁରନ୍ତ ଆନନ୍ଦ ।

ମହର୍ଷି ବିଶ୍ୱାମିତ୍ର କହିଥିଲେ, "ହେ ସଭାସଦ ମଣ୍ଡଳୀ, ହେ ରାଜନ୍ୟବର୍ଗ, ହେ ସାଧୁସନ୍ଥମାନେ ରାଜା ଜନକ କରିଥିବା ସ୍ୱୟମ୍ବର ସଭା ଏଠାରେ ଶେଷ ହେଲା । ସ୍ୱୟମ୍ବର ବିଜେତା ରାମ ଜନକ ନନ୍ଦିନୀ ସୀତାଙ୍କୁ ପତ୍ନୀ ପଦରେ ବରଣ କଲେ । ଏବେ ଆପଣମାନେ ତାଙ୍କୁ ଆଶୀର୍ବାଦ କରନ୍ତୁ ।" ରାମ, ସୀତାଙ୍କ ସହ ଗୁରୁଜନମାନଙ୍କୁ ପ୍ରଣାମ କରି ତୁମେ ଆଶିଷ ଗ୍ରହଣ କର । ଏହାକହି ଗୁରୁ ତାଙ୍କ ଦକ୍ଷିଣ ହସ୍ତ ସହିତ ମୋ ହସ୍ତକୁ ଛନ୍ଦି ଦେଇଥିଲେ । ଶାନ୍ତିର ପୁଷ୍ପ ଉଦ୍ୟାନରେ ହଜି ଯାଇଥିଲି ମୁଁ । ହସ୍ତ ଧରାଧରି ହୋଇ ଆମେ ଗୁରୁଜନଙ୍କୁ ପ୍ରଣାମ କଲୁ । ଆମ ଉପରେ ବର୍ଷି ଯାଇଥିଲା ଆଶୀର୍ବାଦର ଧାରା ।

ଏହାପରେ ମହର୍ଷି ବିଶ୍ୱାମିତ୍ର କହିଥିଲେ, ରାଜର୍ଷି ଜନକ ଝିଅ ଜୋଇଁକୁ ଏବେ ଘରକୁ ନିଅ । ଅସନ୍ତାକାଲି ରାଜା ଦଶରଥଙ୍କ ଉପସ୍ଥିତିରେ ରାମସୀତାଙ୍କ ବିବାହ ହେବ ।

ଏହାପରେ ମୋ ପିତା ସ୍ୱୟମ୍ବରର ସମାପ୍ତି ଘୋଷଣା କରିଥିଲେ । ମୋର ତିନିଭଉଣୀ ମୋ ହାତ ଧରି ମୋତେ ରାଜବାଟୀକୁ ନେବାପାଇଁ ପ୍ରସ୍ତୁତ ହୋଇଗଲେ । ତାଙ୍କ ହାତ ଛାଡ଼ିଦେବା ପାଇଁ ମୋର ଇଚ୍ଛା ନଥିଲେ ବି ସେମାନେ ମୋତେ ଟାଣିନେଇ ଯାଇଥିଲେ ମିଥିଳା ପୁରୀକୁ ।

॥ ପାଞ୍ଚ ॥

ଆନନ୍ଦ ଉତ୍ସବରେ ମଜ୍ଜିଯାଇଛି ମିଥିଳା ନଗରୀ । ସ୍ୱୟମ୍ବର ଉତ୍ସବ ପରେ ଏବେ ବିବାହ ଉତ୍ସବ । ଜନକ ରାଜାଙ୍କ ଠାରୁ ନିମନ୍ତ୍ରଣ ପାଇ ମିଥିଳାରେ ଆସି ପହଞ୍ଚି ଯାଇଛନ୍ତି ମହାରାଜ ଦଶରଥ । ସାଂଗରେ ତାଙ୍କର ଦୁଇପୁତ୍ର ଭରତ, ଶତ୍ରୁଘ୍ନ । ଅନେକ ରାଜ ପରିବାର ଲୋକଙ୍କ ସହିତ ମହା ଆଡ଼ମ୍ବରରେ ମିଥିଳା ରାଜପୁରୀରେ ପାଦ ଦେଇଛନ୍ତି ସେ । ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ରାଜପୁରୀକୁ ସ୍ୱାଗତ କରୁଥା'ନ୍ତି ରାଜା ଜନକ । ଗହଳ ଚହଳରେ ପୂରିଉଠୁଛି ମିଥିଳା । ଦଶରଥ ନନ୍ଦନ ରାମଚନ୍ଦ୍ରଙ୍କ ସହ ଜନକ ନନ୍ଦିନୀ ସୀତାଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହେବ ।

ମହାରାଜ ଦଶରଥ ମିଥିଳାରେ ପ୍ରବେଶ କରି ସାରିବା ପରେ ମହର୍ଷି ବିଶ୍ୱାମିତ୍ର ତାଙ୍କୁ ସାକ୍ଷାତ କରି କହିଥିଲେ, "ହେ ରଘୁକୁଳ ମର୍ଯ୍ୟାଦା ପ୍ରତିଷ୍ଠାକାରୀ ମହାରାଜ ଦଶରଥ, ତୁମର ଦୁଇପୁତ୍ର ରାମ ଲକ୍ଷ୍ମଣଙ୍କୁ ମୁଁ ମୋ ଆଶ୍ରମକୁ ଡକାଇ ଆଣିଥିଲି, ମୋର ଏକ ବୃହତ୍ତର ସ୍ୱାର୍ଥ ସାଧନ ନିମିତ୍ତ । ମୋତେ ଗୁରୁ ଭାବରେ ଗ୍ରହଣ କରି ତୁମର ପୁତ୍ରଦ୍ୱୟ ମୋଠାରୁ ଯେ ବିଦ୍ୟାଶିକ୍ଷା କରିଥିଲେ ତାହା ନୁହେଁ, ଗୁରୁଙ୍କର ମାନମର୍ଯ୍ୟାଦା ରକ୍ଷାକରି ସେ ଆମ ଉପରେ ଅତ୍ୟାଚାର କରୁଥିବା ଅସୁରମାନଙ୍କୁ ଯଥୋଚିତ ଦଣ୍ଡବିଧାନ କରିବା ସଂଗେସଂଗେ ମାୟାବିନୀ ଆସୁରୀ ତାଡ଼କାକୁ ନିଧନ କରି ଆମ ଋଷିକୁଳକୁ ଉଦ୍ଧାର କରିଛନ୍ତି । ତୁମ ପୁତ୍ର ଦ୍ୱୟ ମୋ ଆଶ୍ରମରେ ଥିବା କାଳରେ ମୁଁ ଜନକ ରାଜାଙ୍କ ଠାରୁ ନିମନ୍ତ୍ରଣ ପାଇଥିଲି ତାଙ୍କ ପୁତ୍ରୀ ଜାନକୀର ସ୍ୱୟମ୍ବରରେ ଯୋଗଦାନ କରିବାପାଇଁ । ମିଥିଳା ଆସିବାବେଳେ ମୁଁ ତୁମ ପୁତ୍ର ରାମ ଲକ୍ଷ୍ମଣଙ୍କୁ ସାଂଗରେ ଘେନି ଆସିଥିଲି । ଗୁରୁବାକ୍ୟକୁ ସମ୍ମାନ ଦେଇ ସେମାନେ ମୋ ସହିତ ଆସିଥିଲେ । ଆସୁଆସୁ ପଥରେ ତୁମ ପୁତ୍ର ରାମର ପଦରେଣୁ ସ୍ପର୍ଶରେ ପାଷାଣୀ ଅହଲ୍ୟା ମୁକ୍ତିଲାଭ କଲା । ଏଠାକୁ ଆସି ଜନକ ରାଜାଙ୍କ ସ୍ୱୟମ୍ବର ସଭା ଦେଖୁଦେଖୁ କୌଣସି ରାଜପୁତ୍ର ଯେତେବେଳେ ମହର୍ଷି ଜନକଙ୍କ ଦ୍ୱାରା ସ୍ଥାପିତ ଶିବଧନୁରେ ଗୁଣ ଦେଇ ନପାରିଲେ, ସେତେବେଳେ ମୁଁ ତୁମ ପୁତ୍ର ରାମକୁ ଆଦେଶ ଦେଇଥିଲି ସେ ଧନୁରେ ଗୁଣ ଦେବାପାଇଁ । ରାମ ଇଚ୍ଛାକରି ଏ ସ୍ୱୟମ୍ବର ସଭାରେ ଯୋଗ ଦେଇନଥିଲେ । ଗୁରୁ ଆଦେଶକୁ ଅବମାନନା ନକରି ସେ ଜନକ ପାତିଥିବା ଶିବଧନୁକୁ ଭାଂଗି ସ୍ୱୟମ୍ବରକୁ ଜିଣି ଯାଇଛି । ସ୍ୱୟମ୍ବରର ସର୍ତ୍ତାନୁସାରେ ଯେଉଁ ରାଜକୁମାର ଶିବଙ୍କର ସେହି ମହାର୍ଘ୍ୟ ଧନୁରେ ଗୁଣ ଚଢ଼ାଇ ପାରିବ, ସେ ଜନକ ନନ୍ଦିନୀ ସୀତାଙ୍କର ପାଣିଗ୍ରହଣ କରିବ । ତୁମ ପୁତ୍ର ରାମ ସର୍ବଜନ ସମକ୍ଷରେ ଏହି ମହାକାର୍ଯ୍ୟ କରିଥିବାରୁ, ତା'ର ଗୁରୁ ଭାବରେ ତୁମ ଅନୁପସ୍ଥିତିରେ ମୁଁ ପିତାର ଦାୟିତ୍ୱ ତୁଲାଇ ରାମକୁ ନିର୍ଦ୍ଦେଶ ଦେଇଥିଲି ଜନକ ନନ୍ଦିନୀ ଗଳାରେ ବରଣମାଳା ପିନ୍ଧାଇ ଦେବାପାଇଁ । ଏ କାର୍ଯ୍ୟ ମୁଁ ଜଣେ ଗୁରୁର ଅଧିକାର ନେଇ କରିଛି । ଏପରି କାର୍ଯ୍ୟ କରି ମୁଁ ଯଦି ଭୁଲ୍ କରିଥାଏଁ...."

ମୁନିଶ୍ରେଷ୍ଠ ବିଶ୍ୱାମିତ୍ରଙ୍କୁ କଥା ସଂପୂର୍ଣ୍ଣ କରିବାକୁ ନଦେଇ ମୋ ଶଶୁର ଦଶରଥ ମହାରାଜ କହିଥିଲେ, "ହେ ଗୁରୁଶ୍ରେଷ୍ଠ ବିଶ୍ୱାମିତ୍ର, ଆପଣ ମୋ ରାମ ଲକ୍ଷ୍ମଣଙ୍କର କେବଳ ଗୁରୁ ନୁହଁନ୍ତି, ପିତା ମଧ୍ୟ । ଆପଣ ଯାହା କରିଛନ୍ତି ଜଣେ ଶିଷ୍ୟ ତଥା ଜଣେ ପୁତ୍ରର ମଂଗଳ ପାଇଁ କରିଛନ୍ତି । ଏପରି ଶୁଭକର୍ମରେ ମୋ ଠାରୁ ଆଦେଶ ନେବାର କୌଣସି ଆବଶ୍ୟକତା ନଥିଲା । ମୋ ପୁତ୍ର ସବୁ ରାଜା ମହାରାଜାଙ୍କ ସମ୍ମୁଖରେ ମୋର ମାନ ସମ୍ମାନ ରକ୍ଷା କରିବା ସଂଗେସଂଗେ ଜଣେ ମହାନ୍ ଗୁରୁଙ୍କ ସମ୍ମାନ ମଧ୍ୟ ରକ୍ଷା କରିଛି । ଆପଣ ଯାହା ଉଚିତ ମନେ କରିଛନ୍ତି ତାହାହିଁ କରିଛନ୍ତି । ମୁଁ ଆସିଛି କେବଳ ମୋ ପୁତ୍ରବଧୂକୁ ଯଥାମାନ୍ୟ ଦେଇ ଅଯୋଧ୍ୟାକୁ ନେଇଯିବା ପାଇଁ।"

ଦଶରଥଙ୍କୁ ସବିଶେଷ ସୂଚନା ଦେଇ ବିଶ୍ୱାମିତ୍ର କହିଥିଲେ, "ହେ ରାଜନ୍ ! ମୁଁ କେବଳ ଔପଚାରିକ ନୀତିରେ ରାମ ସୀତାଙ୍କର ମାଳାବରଣ କାର୍ଯ୍ୟଟି ଶେଷ କରିଛି । ସେ ଦୁହିଁଙ୍କର ବିବାହ ସମ୍ପନ୍ନ ହୋଇନାହିଁ । ରାଜା ଜନକ ଆପଣଙ୍କୁ ପ୍ରତୀକ୍ଷା କରି ରହିଛନ୍ତି, ଆପଣ ଆଦେଶ ଦେଲେ ସେ ରାମ, ସୀତାଙ୍କର ବିବାହର ଆୟୋଜନ କରିବେ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

# ଜଗନ୍ନାଥ ମେସ୍

ଭୁବନାନନ୍ଦ ତ୍ରିପାଠୀ

ସେଦିନ ସନ୍ଧ୍ୟାବେଳେ ମୋର ପୁରୁଣା ପରିଚିତ ଔଷଧ ଦୋକାନରେ ଯାଇ ପହଞ୍ଚିଲି। ମୋର ବିପି-ସୁଗାର ଔଷଧ ସଂଗ୍ରହ କରିବାର ଥିଲା ଏବଂ ମଝିରେ ନେଇଥିବା କିଛି ଔଷଧର ବାକି ପଇସା ଦେବାର ଥିଲା। ଦୋକାନ ମାଲିକ ଅନୁପସ୍ଥିତ ଥିଲେ। ବିକ୍ରେତା ପିଲାଟି ଉପରେ ଦୋକାନର ଭାର ଛାଡ଼ିଦେଇ ମାଲିକ ପ୍ରଧାନ ବାବୁ ନିଜ କାମରେ ବାହାରକୁ ଯାଇଥାଆଁନ୍ତି। ପିଲାଟି ତାଙ୍କର ଖୁବ୍ ବିଶ୍ୱସ୍ତ। ୨୦୦୮ ମସିହାରୁ ଏଇଠି ଅଛି। ମାସକୁ ୧୨୦୦ଟଙ୍କାରେ ଚାକିରୀ ଆରମ୍ଭ କରି ଆଜି ୧୫୦୦୦ଟଙ୍କା ପାଉଛି। ତା' ସହିତ ରହିବା ଖର୍ଚ୍ଚ ଓ ଖାଇବା ଖର୍ଚ୍ଚ ମାଲିକ ବହନ କରିଥାଆନ୍ତି। ଦୋକାନର ଭଲମନ୍ଦ ସବୁ ଏ ପିଲାକୁ ଜଣା। ପଇସାପତ୍ର ଦେଣନେଣ ସବୁପ୍ରକାର କାମ ସେ କରିଥାଏ। ସେଦିନ ଅସରାଏ ବର୍ଷାପରେ ପାଗ ଥଣ୍ଡା ହୋଇଯାଇଥାଏ। ଲୋକ ଭିଡ଼ ନଥାଏ। ମୁଁ ମଧ୍ୟ ତରତର ନଥିଲି। ଏଣୁ ପିଲାସହ ଟିକିଏ ଗପ ଆରମ୍ଭ କରିଦେଲି। ପିଲାଟି ତ ମୋତେ ଆଗରୁ ଜାଣିଛି। ମାଲିକ ସହିତ ମୋର ଭଲ ସଂପର୍କ ଥିବାରୁ ମୋତେ ସେ ସମ୍ମାନ କରେ, ହସି ହସି କଥାବାର୍ତ୍ତା କରେ। ମାତ୍ର ତା'ର ଗୋଟିଏ ସ୍ୱଭାବ, ଯାହା ଠିକ୍ ବୁଝିଥିବ ସେ କଥା ସ୍ପଷ୍ଟଭାଷାରେ ବିନା ଦ୍ୱିଧାରେ କହିଦେବ। ଯେମିତି 'ଓଡ଼ିଶାରେ ନବୀନ ବାବୁଙ୍କୁ କେହି ହରାଇପାରିବେ ନାହିଁ।' ନରେନ୍ଦ୍ର ମୋଦିଙ୍କୁ ଅବଶ୍ୟ ପ୍ରଶଂସା କରେ। ଏମିତି ଆଉ କିଛି କଥା ତା'ପାଖରୁ ପୂର୍ବରୁ ଶୁଣିଛି।

ପିଲାଟିର ନାଁ ହେଲା ରାଜୁ ପରିଡ଼ା। ବୟସ ୩୧ବର୍ଷ ହେଲେ ସୁଦ୍ଧା ୨୧-୨୨ ବର୍ଷ ପରି ଦେଖାଯାଏ। ସେ ବିବାହିତ ଏବଂ ସ୍ତ୍ରୀ ସହିତ ବର୍ଷକର ଝିଅ ଗାଁରେ ମା-ବାପାଙ୍କ ପାଖରେ ରହନ୍ତି। ଘର ଜଗତସିଂହପୁର ଜିଲ୍ଲାର ଏକ ଗାଁରେ। ପ୍ଲସ-ଟୁ ପାଠ ପଢ଼ିଛି। ଚାକିରୀ କରିବା ପାଇଁ ଘରଛାଡ଼ି ଭୁବନେଶ୍ୱର ଆସିବା ୧୫ବର୍ଷ ହୋଇଗଲା। ମଝିରେ ଦୁଇବର୍ଷ ପାଇଁ ଭିଣୋଇ ସାଙ୍ଗରେ ଦୁବାଇ ଯାଇଥିଲା। ମାତ୍ର ସେଠିକା ଅଜବ କଟକଣା ଦେଖି ଦୁଇ ମାସ ପରେ ସେ ଭାରତ ଫେରି ଆସିଲା। ଆଗରୁ କହିଛି ରାଜୁ ପିଲାଟି ଟିକିଏ ଅଧିକ ସ୍ୱାଭିମାନୀ। ମୋର ମନେ ହୁଏ ଏହି ସ୍ୱଭାବ କାରଣରୁ ତା'ର ଦୃଢ଼ କର୍ତ୍ତବ୍ୟନିଷ୍ଠା ରହିଛି, ସାଧୁତା ରହିଛି। କଥା ପ୍ରସଙ୍ଗରେ ତା' ଜୀବନଯାପନ କଥା ପଡ଼ିଲା। ବଜାର ପାଖ କଲୋନୀରେ ଗୋଟିଏ ଛୋଟ ଘର ଭଡ଼ାନେଇ ଆଉ ତିନିଜଣ ସାଥୀଙ୍କୁ ନେଇ ତା'ର ବସାଘର। ମାସକୁ ଭଡ଼ା ୪୦୦୦ଟଙ୍କା। ଆଜେବେଷ୍ଟସ ଘର ଥିବାରୁ ଖରାଦିନେ ଗରମ ହୁଏ। ନହେଲେ ଆଉ ସବୁ ସୁବିଧା ଅଛି। ଅଲଗା ରୋଷେଇ ଘର, ଅଲଗା ପାଣି ପାଇଖାନା। ଡ୍ୟୁଟିରୁ ଫେରି ୪ଜଣ ସାଙ୍ଗ ମିଶି ରୋଷେଇ କରି ଖାଆନ୍ତି। ସକାଳେ ପଖାଳ ଅବା ଚୁଡ଼ା, ଦ୍ୱିପହରରେ ଭାତ ଡ଼ାଲି ତରକାରୀ, ରାତ୍ରୀବେଳା ଭାତ, ଡ଼ାଲମା। ଆମିଷ ବାରରେ ଅଣ୍ଡା, ମାଛ, ଚିକେନ ବି ରୋଷେଇ କରନ୍ତି। ସାଥୀ ହୋଇ ରୋଷେଇ କରୁଥିବାରୁ ଡ଼େକ୍‌ଚି ମଜା, ପରିବା କଟା, ରୋଷେଇ, ବାସନ ମଜା କାମ ସୁରୁଖୁରୁରେ ହୋଇଯାଏ। ଅଳ୍ପ ସମୟରେ ଖେଳଖେଳିବା ଭଳି। ତଥାପି ଦ୍ୱିପ୍ରହରରେ ରୋଷେଇ କରି ଖାଉ ଖାଉ ୩ଟା ଏବଂ ରାତ୍ରୀରେ ରୋଷେଇକରି ଖାଇ ଉଠିଲାବେଳକୁ ଦିନେ ଦିନେ ୧୨ଟା ବାଜିଯାଏ। ଏମାନେ ସମସ୍ତେ ସମବୟସ୍କ, ବିବାହିତ ଏବଂ ସ୍ୱଳ୍ପବେତନଭୋଗୀ। ଭୁବନେଶ୍ୱର ଆସିବାପରେ ବନ୍ଧୁତା ଆରମ୍ଭ ହୋଇଛି। ଜନ୍ମସ୍ଥାନ ଭିନ୍ନ ଭିନ୍ନ ଗ୍ରାମରେ। ତଥା ନିଜ ନିଜର କାର୍ଯ୍ୟକ୍ଷେତ୍ର ମଧ୍ୟ ଅଲଗା ଅଲଗା। ତଥାପି ପରସ୍ପର ଭିତରେ ଭଲ ବନ୍ଧୁତା ରହିଛି। କେହି କାହାକୁ ଅବିଶ୍ୱାସ କରନ୍ତିନି। ମେସରେ ଯାହା କିଣାଯିବ ସେସବୁ ଖାତାରେ ଲେଖାଯିବ ଏବଂ ମାସଶେଷରେ ହିସାବ ପରେ ଯେଝାଯେଝାର ଦେୟ ଜମା କରିଦେବେ। ଏହିପରି ଗତ ପ୍ରାୟ ୮ବର୍ଷ ହେବ ଏହି ଗୋଟିଏ ଘରେ ମେସଟି ଚାଲିଛି। ସୁବିଧା ଅସୁବିଧାରେ ତାଙ୍କ ଭିତରେ ଧାର ଉଧାର ଦେବା ନେବା ହୁଏ। ନିଜ ନିଜ ଗାଁ ଘରକୁ ପରସ୍ପର ନିମନ୍ତ୍ରଣ କରିନେଇଛନ୍ତି। ବିବାହ ଉତ୍ସବରେ ଅତିଥି ହୋଇଛନ୍ତି। ବିଭାଘର ଆଗ ପଛ ହୋଇ ହୋଇଛି, ସଂଯୋଗକୁ ସମସ୍ତଙ୍କର ଗୋଟିଏ ଲେଖାଁ ଝିଅ।

ଖାଇବାରେ ରୁଚି ନେଇ କଥାପଡ଼ିଲା ରାଜୁ କହିଲା, ଆମେ ସମସ୍ତେ ଆମିଷ ଖାଉ। ଜଣେ ଜୟଗୁରୁ ଗୋଷ୍ଠୀ ଥିଲା, ତାଙ୍କୁ ଆମେ ବାଧକରି ଆମିଷରେ ମିଶାଇଦେଲୁ। କୋଠରୀ କାନ୍ଥରେ ଜଗନ୍ନାଥଙ୍କ ଫଟୋଟିଏ ଟାଙ୍ଗିଛନ୍ତି। ଘରୁ କାମକୁ ବାହାରିଲାବେଳେ ଠାକୁରଙ୍କୁ ମୁଣ୍ଡିଆଟିଏ ମାରି ବାହାରନ୍ତ। ମାତ୍ର ଫୁଲ, ଧୂପ, ଘଣ୍ଟି ଭୋଗ ଏସବୁ କିଛି ନାହିଁ। କଥା ପ୍ରସଙ୍ଗରେ ରାଜୁ କହିଲା, ଆଜ୍ଞା କାମ ହେଉଛି ଆମର ପୂଜା। ସକାଳ ଆଠଟାରୁ ଦିନ ଗୋଟାଏ, ତା'ପରେ ଅପରାହ୍ନ ୪ଟାବେଳୁ ରାତି ୧୦ଟା ଯାଏଁ ନିଜ କାମକୁ ମନଦେଇ କରିବା ହେଲା ଆମର ଏକମାତ୍ର ପୂଜା। ତା'ପରେ ଆଉ ଯାହା କଥା। ରାଜୁ ତା' ଜୀବନରେ ଆରମ୍ଭ ଦିନର କଥା କହୁଥିଲା। ଭୁବନେଶ୍ୱର ନୂଆ ହୋଇ ଆସିଥିବାବେଳେ ପ୍ରଥମେ ଜଣେ ଦାନ୍ତ ଡ଼ାକ୍ତରଙ୍କ ପାଖରେ କାମ କରୁଥିଲା। ଡ଼ାକ୍ତର ବାବୁ ତାକୁ ନିଜ ଘରର ଛାତ ଉପରେ ଗୋଟିଏ ଛୋଟ କୋଠରୀ ଦେଇଥିଲେ। ଏକୁଟିଆ ତା'ଭିତରେ ସେ ଚଳିଯାଉଥିଲା। ଦିନେ ବଜାରରେ କୈଳାସ ଦେଖା ହୋଇ କହିଲା ଭାଇ ମୋତେ ଟିକେ ଯାଗା ଦେବ। ରାଜୁ ନିଜର ଅସମ୍ମତି ଜଣାଇବାରୁ ସେ କହିଲା, ଆଚ୍ଛା ଆମେ ଦୁହେଁ ମିଶି ଗୋଟେ ଭଡ଼ାଘର ନେବା। ଭଡ଼ାଘର ନେଲେ ଚଳିବା ଖର୍ଚ୍ଚ ବଢ଼ିବ, ଏଣୁ ରାଜୁ କୁନ୍ଥୁ କୁନ୍ଥୁ ହେଲା। ତେବେ ଏକାକୀପଣ କାଟିବା ପାଇଁ ମନଭିତରେ ଅଳ୍ପ ଇଚ୍ଛା ଥିଲା। ପୁଣି ୧୦ଦିନପରେ କୈଳାସ ଆସି କହିଲା, ୧୦୦୦ଟଙ୍କାରେ ଘର ମିଳୁଛି। ମୋ ସାଙ୍ଗରେ ଆଉ ଜଣେ ଅଛି। ତୁମେ ମିଶିଲେ ୩ଜଣ ହେବା ଆଉ ଭଡ଼ା ବାଣ୍ଟିଦେବା, ଏଣୁ ଚଳିଯିବା। ଏଥର ରାଜୁ ରାଜିହେଲା ଏବଂ ଏଇ ଭଡ଼ାଘର ମେସକୁ ଆସି ରହିଲା। ତା'ପରେ ଆଉ ଜଣେ ସାଥୀ ହୋଇଯିବାରୁ ମେସର ସଭ୍ୟ ସଂଖ୍ୟା ହେଲା ଚାରି ଏବଂ ଆଜିସୁଦ୍ଧା ଏଇ ଚାରିଜଣିଆ ମେସ ସୁରୁଖୁରୁରେ ଚାଲିଛି। ଔଷଧ ବେପାରରେ ଭଲ ଅନୁଭୂତି ହୋଇଯିବାରୁ ରାଜୁ ନିଜ ହାତରେ ଗୋଟିଏ ଔଷଧ ଦୋକାନ ଗାଁ ପାଖ ବଜାରରେ ଖୋଲିବ ବୋଲି ଇଚ୍ଛା କରୁଛି। ଏବେ ନିଜର ପିଲା ବଡ଼ ହେବେ ବାପା ମା'ଙ୍କ ବୟସ ବଢ଼ିଗଲାଣି, ବଡ଼ଭାଇ ବମ୍ବେରେ ରହୁଛି ଏବଂ ବର୍ଷକୁ ଥରେ ଗାଁକୁ ଆସୁଛି। ଏଣୁ ରାଜୁକୁ ଗାଁକୁ ଫେରିଯିବା ପାଇଁ ଇଚ୍ଛା। ଏଠି ତା'ର ଅନୁଭୂତିକୁ ଦେଖି ଆଉ କେତେକ ଔଷଧ ଦୋକାନୀ ତାଙ୍କ ପାଖକୁ ରାଜୁକୁ ଡ଼ାକୁଛନ୍ତି। ମାତ୍ର ତା'ର ବିଚାର ସ୍ପଷ୍ଟ। ମୁଁ ଦାନାପାଣି ଖାଇଛି, ନିମକ ହାରାମି ହେବି ନାହିଁ। ଦୋକାନରେ ୧୨ବର୍ଷ ହେଲାଣି। ଏ ଦୋକାନ ଛାଡ଼ିବି ତ ନିଜ ଦୋକାନ କରିବି। ମାଲିକଙ୍କୁ ମଧ୍ୟ କହିଦେଇଛି।

ରାଜୁ ସହିତ କଥାହେବାବେଳେ ତା'ପରି ଶହ ଶହ ସ୍ୱଳ୍ପବେତନଭୋଗୀ ରାଜଧାନୀ ବାସିନ୍ଦାଙ୍କ ମୁହଁ ଆଖିଆଗରେ ଆସିଯାଉଥିଲା। ଏମାନେ ସମସ୍ତେ ରୋଜଗାର ପାଇଁ ଗାଁ ମାଟି, ପିଲା ପରିବାର ଛାଡ଼ି ଭୁବନେଶ୍ୱରରେ ଜୀବନ ସଂଘର୍ଷ କରିଚାଲିଛନ୍ତି। ଏଇ ଦୁଇ ପଇସାକୁ ନେଇ ଘର ପରିବାର ଚଳାଉଛନ୍ତି। ଏଥିପାଇଁ ଖାଦ୍ୟ, ବାସଗୃହ, ପରିବେଶ ପରିସ୍ଥିତି ସବୁ ସହିତ ଖାପଖୁଆଇ ଚଳିବାକୁ ପଡୁଛି। ଏତିକି ରୋଜଗାର ଯଦି ଗାଁ ଭିତରେ ମିଳୁଥାନ୍ତା ତେବେ ରାଜୁ ହେଉ ବା କୈଳାସ, କେହି କ'ଣ ନିଜ ଗାଁ ଛାଡ଼ି ଆସି ଭୁବନେଶ୍ୱରରେ ପଡ଼ିଥାନ୍ତେ।

ରାଜୁଠାରୁ ସବୁ ଶୁଣିବାପରେ ଏବଂ ତା' ମେସର ଠାକୁର ପ୍ରଭୁ ଜଗନ୍ନାଥ ବୋଲି ଜାଣିବାପରେ ମୁଁ ତାକୁ କହିଲି ଆରେ, ତୁମ ମେସର ନାଁ ଗୋଟେ ଦିଅ। ନାଁ ଦିଅ 'ଜଗନ୍ନାଥ ମେସ'। ରାଜୁ ମୋ ମୁହଁକୁ ଚାହିଁ ହସୁଥିଲା।

❤ ୦୨, ଜ୍ୟୋତି ଏନ୍‌କ୍ଲେଭ, ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ
ଭୁବନେଶ୍ୱର-୭୫୧୦୦୫, (ମୋ) ୮୮୯୫୫୨୩୫୬୧

## ଆମ ସମୟର କବିତା.....

### ॥ ତିନିକୋଣିଆ ବଗିଚାର ବାଦଶାହା ॥

ଡ. ହରିଶ୍ଚନ୍ଦ୍ର ବେହେରା



ସେଇ ତିନିକୋଣିଆ ବଗିଚା ରେ
ସବୁବେଳେ ମହକୁଥିବା ଫୁଲ ଗଛଟିକୁ
କିଏ କାଟି ଦେଇଛି ଗଲା ରାତିରେ

ଆରେ ନିର୍ଦ୍ଦୟ କାଠ କଟାଳି
କେଉଁ ଯଶ ଅର୍ଜିଲୁ
ମହକ ସହ ଟିକିଏ ଛାଇ ଦେଉଥିବା
ଗଛଟିକୁ କାଟିଦେଇ
ତା' ହାଡ଼ର ଶୁଭ୍ରତାରେ ତୋ କୁଠାର
କେମିତି ବିମର୍ଷ ଦେଖି ପାରୁନୁ

ଖୋଲି ଯାଉଛି ବନ୍ଦ ଆକାଶର କବାଟ
ଦେଖ୍
ଫଣା ଟେକି ଗର୍ଜନ କରୁଛି ସମୁଦ୍ର
ଦେଖ୍
କେମିତି ଚକ୍ ଚକ୍ କରୁଛି
ଭୋର ମୋତିର କାନଫୁଲ
ଦେଖ୍
ଆଉ କେଉଁ ବଳି ଚାହୁଁଛି ତୋ କୁଠାର

ଶୁଣ କହିବି ଗୋଟିଏ କଥା
ଯଦିବା ଗପଟିଏ ସ୍ମୃତି ପରି କିଛି
ଯେଉଁଠି ଝରେ ରକ୍ତମିଶା ଲୁହ
ଯେଉଁଠି ଭାଗ୍ୟ ହିଁ ତିଆରି କରେ ଜୀବନ

ଟେନ ବାଇ ଟେନର ଗୋଟେ
ମରହଟ୍ଟି ଘର
ସେଇଠି କ୍ରୁଶବିଦ୍ଧ ହେଇ କାନ୍ଥରେ ଝୁଲୁଥାଏ
ତମାମ ପୃଥିବୀ ଚିହ୍ନିଥିବା ଜଣେ ଈଶ୍ୱର

ସମୁଦ୍ର କେବଳ ଜାଣେ ଢେଉଙ୍କ ବୋଝ

କେତେ ଭା'ରି
କେତେ ଓଜନଦାର ଜହ୍ନ ସହ ସମ୍ପର୍କ
ମନ୍ଦିରରେ ଆଳତି ଘଂଟା ବାଜିଲେ
ହାତ ଧରାଧରି ହୋଇ
କେମିତି ନାଚନ୍ତି ଢେଉମାନେ
ଖୋଲିଦିଏ ବେଳାକୁମାରୀ
ତା' ଅଲରା ବାଳତକ

ସୁନ୍ଦର ଦିଶୁଥିବା ଚିର ସବୁଜ ବଗିଚାଟିକୁ
ଉଜାଡ଼ି ଦେଇଛି ଅକାଳ ଝଡ଼
'ମୋତେ ବାଇଆ କରିଦେ ମୋ
ବାଇଆରଜା' ଗୀତ ଗାଇ ନାଚୁଥିବା
ଲୋକଟିକୁ ସବୁଦିନ ନିରବି ଦେଇଛି
କେଉଁ ଅନାକାଂକ୍ଷିତ ହାତ ଖଣ୍ଡକ

ରାତି ରାତିର ଅନ୍ଧାରସାରା
ଆଉ ଦିଶିବ ନାହିଁ
ଶବ୍ଦ ଖୋଜୁଥିବା ଗୋଟେ ଛାଇ
ଯୁଗ ଯୁଗର କ୍ଷତ ଚିହ୍ନ ଖୋଜୁଥିବା
ବିଷାଦ ଭରା ଗୋଟେ ମୁହଁ

ଭୋକର ଓଢଣା ତଳୁ ଆଉ ଦିଶିବ ନାହିଁ
ରାଜୁ ସୁଇପରର ମଇଳା ଲତପତ ସଂସାର

ଯେଉଁଠି ଗୁହ ଘାଂଟିଲେ ମିଳେ
ତା' ପିଲାଙ୍କ ପାଇଁ ମୁଠେ ଭାତ
ମଇଳା ଘାଂଟିଲେ
ତା'ପିଲାଙ୍କ ପାଇଁ ସିଲଟ ଖଡ଼ି

ଜାନକୀ ଆମ୍ମାର ଅନ୍ଧାରିଆ ଚାଳିଆ ପଛ
ଯୋଗିଆ ସାହୁର ଦେଶୀ ମଦ ଦୋକାନ
ଆଉ ଦିଶିବ ନାହିଁ ସଂଜ ହେଲେ
ରୁଖାଖିଆ କବିତା ପୃଷ୍ଠାରୁ

ଆଉ ସହିବାକୁ ପଡିବ ନାହିଁ
ଚୁନି ଚୁନି ଛାଇଙ୍କ ଅତ୍ୟାଚାର ।

❤ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

### ॥ ଏକାଠି ହେବାର ବେଳ ॥

ଡ଼ା ବିଜୟ କୁମାର ପାତ୍ର



ଫେରି ଆସ !
ଭୋଗତଗ୍ରାମର ସେ ରୁଦ୍ଧ କୋଠରୀରୁ,
ବାହାରେ ଦିଗବଳୟ
ପ୍ରଳୟିତ ଅପେକ୍ଷାରେ ମଥାନତ,
ତୁମକୁ ଫେରି ପାଇବା
ଭୋକରେ ଆକାଶ ମୂର୍ଚ୍ଛିତ,
ଏପଟେ ଦିକଦିକ ଜଳୁଛନ୍ତି
ମସ୍ତକ ବିହୀନ ଅନେକ ବର୍ବରିକ,
ଓ ବୃଦ୍ଧାଙ୍ଗୁଳି ଶୂନ୍ୟ ଏକଲବ୍ୟମାନେ,
କିଛି ଦରପୋଡା ସ୍ୱପ୍ନ,
ଆଧାଗଢା ଭବିଷ୍ୟତ,
ଝାଉଁଳା ଯୌବନକୁ ନେଇଆସ !
ଜିଇଁବାର ଜୁଇ ନିଆଁରେ ଜଳି,
ଆଲୋକିତ କରିବା ଆମ ଭାଗର ବିଶ୍ୱ ।

ଉଠି ଆସ ପିତାମହ !
ଇଚ୍ଛାରେ ମାଗି ନେଇଥିବା ଶରଶଯ୍ୟାରୁ
କ୍ଷତମାନଙ୍କୁ ଆଡେଇ, କୁରୁ କ୍ଷେତ୍ର ଶ୍ମଶାନରୁ
ଆଞ୍ଜୁଳାଏ ପଶ୍ଚାତାପ ପିଇ,
ମିଥ୍ୟା ପ୍ରତିଜ୍ଞାର ଶୃଙ୍ଖଳରୁ ଫିଟିଆସ !
ଭୀଷ୍ମରୁ ଦେବବ୍ରତ ହେଇଯାଅ,
ହସ୍ତିନାର ରାଜବାଟିରୁ ବାହାରି ଆସ
ଇନ୍ଦ୍ରପ୍ରସ୍ତର ରାଜରାସ୍ତାକୁ,
କାନ ଡେରି ଶୁଣ !
ଅହରହ ନିଲାମ ହେଉଥିବା
ଦ୍ରୌପଦୀମାନଙ୍କ ଚିତ୍କାର ।

ଆଖି ଖୋଲି ଦେଖ !
ଦେବତାଙ୍କ ବୀଭତ୍ସ ଚକ୍ରାନ୍ତ
ଛଦ୍ମରେ ବସୁସେନଠାରୁ
ଲୁଟୁଥିବା କବଚ କୁଣ୍ଡଳ,
ଗୁପ୍ତରେ ଅଭିଶପ୍ତା ହେଉଥିବା
କୁନ୍ତୀମାନଙ୍କ ଦୀର୍ଘଶ୍ୱାସ ।
ପୁଣି ଏକ ମହାଭାରତର ଅୟମାରମ୍ଭ
ପୁଣି ରକ୍ତନଦୀ ସନ୍ତରଣ,
ବେଳ ଥାଉଁ ଥାଉଁ
ଦେବବ୍ରତ ତୁଣୀରରୁ ନିକ୍ଷେପିତ ହେଉ
ନ୍ୟାୟର ଗୋଟେ ସମ୍ଭାବନା ।

ଏବେତ ଏକାଠି ହେବାର ବେଳ;
ଏଠି ମାନେ କିଛି ନାହିଁ କାହା ପରିଚୟ,
ଠିକଣା,
ପ୍ରତିଜ୍ଞା ଓ ସାମର୍ଥ୍ୟର .....
କେବଳ ଯୁଦ୍ଧ
ରକ୍ତ ପାଇଁ ହେଉ କିମ୍ବା ପାତ ପାଇଁ ହେଉ
ବିଜୟ ଧନୁଷର ତୁଣୀରରୁ ପ୍ରଥମ ବାଣ
ହସ୍ତିନାର ରଙ୍ଗଭୂମିରେ ଲମ୍ପିତ
ବିଭେଦର ପ୍ରାଚୀରକୁ ଧୂଳିସାତ୍ କରୁ,
ପୁଣି ଯୋଡ଼ି ହେଉ ବୃଦ୍ଧାଙ୍ଗୁଳି

ଏବେ ତ ଶବ୍ଦ ଭେଦିରେ
ବନ୍ଧ କରି ଦିଆଯାଉ
ପ୍ରତିଷ୍ଠା ଲୋଭି ଗୁରୁମାନଙ୍କ ମୁଖ,
ଆସ ବର୍ବରିକ !
କଟାମୁଣ୍ଡକୁ ପୁଣି ଯୋଡ଼ିଦିଅ
କାଉଁରୀ ମନ୍ତ୍ରରେ,
ଶକ୍ତି-ମୁଣ୍ଡିରୁ ଫିଙ୍ଗିଦିଅ
ପ୍ରଳୟର ପରୱାନାଟିଏ ପରେ ବରଂ.....
ଅଭିଶପ୍ତ ବସୁ, ହତଭାଗ୍ୟ ବସୁସେନ,
ତୁମେ, ମୁଁ ଓ ସେମାନେ ଜୁଇ ନିଆଁରେ ଜଳି
ଆଲୋକିତ କରିବା ଆମ ଭାଗର ବିଶ୍ୱ ।

❤ ଚୌଦ୍ୱାର, କଟକ

### ॥ ଇଚ୍ଛା ହୁଏ ॥

ନିହାରିକା ରାୟ ବରାଳ



କେବେ କେବେ ଇଚ୍ଛା ହୁଏ
ପକ୍ଷୀ ପରି ଉଡି ବୁଲନ୍ତେ
ନଇ, ନାଳ, ପାହାଡ଼ କି
କ୍ଷେତର ସବୁଜିମାରେ
ଫୁଲଠୁ ଚୋରାଇ ଆଣନ୍ତେ
କିଛି କୋମଳତା, ମଧୁରତା
ସବୁକୁ ବିଂଚିଦିଅନ୍ତେ
ଆକାଶ ଓ ପୃଥିବୀ ମଝିରେ

ଇଚ୍ଛା ହୁଏ ମନ୍ଦିରର ଦଧୀନଉତିରୁ
ଝରି ଆସନ୍ତା ଅସୁମାରୀ ଆଶୀର୍ବାଦ
ଦୁଃଖ, ଯନ୍ତ୍ରଣାରେ ଆଉଟପାଉଟି
ବିକଳ ଆତ୍ମାଟି ଉପରେ
ଆମେ ଦୁହେଁ ଲଗାଲଗି ବସି
ସେକୁଥାନ୍ତେ ସମ୍ପର୍କର ହାତ
ସମୟର ନିଆଁ ଉହ୍ମେଇରେ

ଶରତର କାଶତଣ୍ଡି ଛୁଉଁଥାନ୍ତା
ଆମ କଳ୍ପନାର ସୁଦୃଢ ପାଚେରୀ
ବୟସ୍କ ପାପଟେ ପରି
ପଶ୍ଚାତାପ କରନ୍ତେନି
ଯଦି କେବେ କଳଙ୍କର ବୋଝ ବୋହି
ଚାଲିବାକୁ ପଡନ୍ତା ରାସ୍ତା ଅସୁମାରି

କି ଅବା ବିଶ୍ୱାସ ଅଛି ନିଶ୍ୱାସକୁ
ଜଣାନାହିଁ କେତେବେଳେ ଚାଲିଯିବ ଛାଡି
ଛାଡିବା ପୂର୍ବରୁ ଥରେ
ଆସ ଆମେ ଗାଇ ଯିବା
ପ୍ରାପ୍ତି ଓ ପୂର୍ଣ୍ଣତାର ଗୀତ ଦୁଇ ଧାଡି

କେବେ କେବେ ଇଚ୍ଛାହୁଏ
ଅନୁରାଗ ହସୁଥାନ୍ତା
ଦିଗବଳୟ ଆରପାଖେ ଥାଇ
ଚୁପ କରି କେହି ଜଣେ
କାନ ପାଖେ କହୁ ଥାନ୍ତା
ଭଲପାଇବା ଠୁ ବଳି ଉପହାର
ଜୀବନରେ ଆଉ କିଛି ନାହିଁ ।

❤ ଅନୁରାଗ
ବି /୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର, ଭୁବନେଶ୍ୱର

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୦ ସେପ୍ଟେମ୍ବର ୨୦୨୩



# ଜି- ୨୦ ବନାମ ୧୪୦ କୋଟିର ଅନୁଚିନ୍ତା



## ଡକ୍ଟର ଲକ୍ଷ୍ମଣ ସାହୁ

ଦେବତା ଦୁଇ ପ୍ରକାରର । ଗୋଟିଏ ହେଉଛି ରହସ୍ୟମୟ ଭଗବାନ ଯାହା ବିଷୟରେ ଆମେ କିଛି ଜାଣିନାହୁଁ । ଅନ୍ୟଟି ହେଉଛି ଠୋସ୍ ଶକ୍ତି ଯାହା ବିଷୟରେ ସବୁକିଛି ଜଣାଶୁଣା । 'ସାପିଏନ୍ସ' ମାନବଜାତିର ଏକ ସଂକ୍ଷିପ୍ତ ଇତିହାସ'ର ଲେଖକ ୟୁଭାଲ ନୋହା ହରାରି ଏକ ସମୟରେ ଠୋସ୍ ଶକ୍ତି ବିଷୟରେ କଥାବାର୍ତ୍ତା କରନ୍ତି, ସେଠାରେ ଭିନ୍ନ ବ୍ୟାଖ୍ୟା ହୋଇପାରେ । ଆଜି ବିଶ୍ୱ ଯେଉଁଭଳି ଭାବରେ ପରିବର୍ତ୍ତନ ହେଉଛି । ଶକ୍ତି ଓ ସମୃଦ୍ଧିର ନୂତନ ଶବ୍ଦଗୁଡ଼ିକ ସୃଷ୍ଟି ହେଉଛି । ଏକ ଗୁରୁତ୍ୱପୂର୍ଣ୍ଣ ଶବ୍ଦ ହେଉଛି ଜନସଂଖ୍ୟା । ନିକଟରେ ଯେତେବେଳେ ଖବର ପ୍ରକାଶ ପାଇଲା ଯେ ଭାରତ ଚୀନ୍‌କୁ ଅତିକ୍ରମ କରି ବିଶ୍ୱର ସବୁଠାରୁ ଜନବହୁଳ ଦେଶ ହେବାକୁ ଯାଉଛି, ସେତେବେଳେ ଏହା ଏକ ସ୍ୱତନ୍ତ୍ର ପ୍ରସଙ୍ଗରେ ବିତର୍କ ସୃଷ୍ଟି କରିଛି ।

ଏକବିଂଶ ଶତାବ୍ଦୀର ରେନେସାଂ ବା ପୁନଃଜାଗରଣ ଏକ ନକାରାତ୍ମକ ଶବ୍ଦ ନୁହେଁ । ନିକଟ ଅତୀତରେ ଭାରତ ସରକାର ଦେଶର ଜନସଂଖ୍ୟାକୁ ଦେଶର ଧନ ଭାବରେ ବିଭିନ୍ନ ବିଶ୍ୱସ୍ତରୀୟ ଫୋରମ୍ ଠାରୁ ଆରମ୍ଭ କରି ଜାତୀୟ ପ୍ରତୀକ ଲାଲ୍ କିଲା ପର୍ଯ୍ୟନ୍ତ ଗ୍ରହଣ କରିଛନ୍ତି । ଭାରତର ୧୪୦ କୋଟି ଜନସଂଖ୍ୟା କହିବା ମାତ୍ରେ ଭାରତୀୟ ନେତୃତ୍ୱର ଶକ୍ତି ଅତ୍ୟଧିକ ଦେଖାଯାଏ ।

ଆଜି ଠାରୁ ଦେଶରେ ଜି -୨୦ ଶିଖର ସମ୍ମିଳନୀ ଆରମ୍ଭ ହେଉଛି । ତେଣୁ ଏଥର ପ୍ରକୃତ ଅର୍ଥରେ ଏହି ରାଜ୍ୟ ମୁଖ୍ୟମାନଙ୍କୁ ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ, ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ୧୪୦ କୋଟି ଜନସଂଖ୍ୟା ଆୟୋଜନ କରୁଛନ୍ତି । ଜି -୨୦ ଶିଖର ସମ୍ମିଳନୀ ବିଷୟରେ ପ୍ରଧାନମନ୍ତ୍ରୀ ଏକ ସାକ୍ଷାତକାରରେ କହିଛନ୍ତି - ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ଏକ ବଡ ବଜାର ଭାବରେ ଦେଖାଯାଉଥିବା ଭାରତ ଏକ ଦେଶ ଭାବରେ ଦେଖାଯାଉଛି । ଯାହା ବିଶ୍ୱ ଆହ୍ୱାନକୁ ସମାଧାନ କରିପାରିବ । ଏକଦା ଭାରତ ଭୋକିଲା ଦେଶ ଭାବରେ ଜଣାଶୁଣା ଥିଲା । କିନ୍ତୁ, ବର୍ତ୍ତମାନ ଭାରତକୁ ଏକ ବିଲିୟନରୁ ଅଧିକ ଉଚ୍ଚାଭିଳାଷୀ ମନ, ଦୁଇ ବିଲିୟନରୁ ଅଧିକ କୁଶଳୀ ହାତ, କୋଟି କୋଟି କର୍ମଠ ଯୁବକ ଦେଶ ଭାବରେ ଦେଖାଯାଉଛି ।

ଜି -୨୦ ଶିଖର ସମ୍ମିଳନୀକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ଏହି ଶବ୍ଦ ଭବିଷ୍ୟତ ଭାରତର ଚିତ୍ର ଆଙ୍କିଛନ୍ତି । ନବେ ଦଶକରେ ଉପନିବେଶିକ ସ୍ୱାଧୀନତା ପରେ ପରିବର୍ତ୍ତିତ ସମୟରେ ଭାରତର ଭାବମୂର୍ତ୍ତି ବିଶ୍ୱର ସବୁଠୁ ବଡ ବଜାରରେ ପରିଣତ ହୋଇଥିଲା । ବିଭିନ୍ନ ବିଶ୍ୱ ଫୋରମରେ ଭାରତକୁ ସର୍ବ ବୃହତ ଉପଭୋକ୍ତା ବଜାର ଭାବରେ ସମ୍ବୋଧିତ କରାଯାଉଥିଲା । ମୃଦୁ ପାନୀୟ ଠାରୁ ଆରମ୍ଭ କରି ଟିଭି, ଫ୍ରିଜ୍, କାର୍ ଏବଂ ବିଶ୍ୱ ସୌନ୍ଦର୍ଯ୍ୟ ପାଇଁ ଦ୍ରବ୍ୟ ପର୍ଯ୍ୟନ୍ତ ଭାରତକୁ ସାରା ବିଶ୍ୱରୁ ଉତ୍ପାଦର ବ୍ୟବହାର କେନ୍ଦ୍ର ଭାବରେ ଦେଖାଯାଉଥିଲା । ଏକ ସମୟରେ ଭାରତର ଏକ ସଂକୀର୍ଣ୍ଣ ପରିଚୟ ଥିଲା ।

ଯେତେବେଳେ ଭାରତର ପ୍ରକୃତି, ସଂସ୍କୃତି ଓ ରାଜନୀତିକୁ ଏକ ବଜାର ଭାବରେ ଚିହ୍ନଟ କରାଯାଉଥିଲା । ସେହି ସମୟରେ ୧୯୯୭ ରେ ପୂର୍ବ ଏସିଆର ଦେଶଗୁଡ଼ିକ ଏକ ପ୍ରମୁଖ ଆର୍ଥିକ ସଙ୍କଟ ଦେଇ ଗତି କରିଥିଲେ । ଏହି ସଙ୍କଟର ମୁକାବିଲା ପାଇଁ ଏକ ଅର୍ଥନୈତିକ ଫୋରମ୍ ପ୍ରତିଷ୍ଠା କରାଯାଇଥିଲା ଯାହା ଆଜି ଜି -୨୦ ଆକାରରେ ଅଛି । ଜୁନ୍ ୧୯୯୯ ରେ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ ଓ ଆମେରିକାର ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନରମାନେ ସାକ୍ଷାତ କରିଥିଲେ । ଅର୍ଥନୈତିକ ପ୍ରସଙ୍ଗରେ ଆନ୍ତର୍ଜାତୀୟ ସଂଳାପରେ ବିଶ୍ୱ ସ୍ତରୀୟ ସମନ୍ୱୟ ବିସ୍ତାର କରିବାକୁ ଉଦ୍ଦେଶ୍ୟ ପ୍ରକାଶ କରାଯାଇଥିଲା । ଆଜି ଜି -୨୦ ହେଉଛି ବିଶ୍ୱର ପ୍ରମୁଖ ଅର୍ଥନୈତିକ ବ୍ୟବସ୍ଥାର ଏକ ଗୋଷ୍ଠୀ ।

ଯେତେବେଳେ ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଦେଶମାନେ ବିଶେଷ ଭୌଗୋଳିକ ଓ ଐତିହାସିକ କାରଣରୁ ଭାରତ ପରି ବୃହତ ଜନସଂଖ୍ୟା ବିଶିଷ୍ଟ ଦେଶକୁ କେବଳ ବଜାର ଭାବରେ ବିଚାର କରୁଥିଲେ, ସେତେବେଳେ ଭାରତ ପ୍ରତ୍ୟେକ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ନିଜର ରାଜନୈତିକ ପରିଚୟ ସୃଷ୍ଟି କରୁଥିଲା । ବର୍ତ୍ତମାନ ଅର୍ଥର ପରିଚୟ ବଦଳି ଯାଇଛି । ଅର୍ଥ କେବଳ ମୁଦ୍ରା ନୁହେଁ, ଯାହା ଏକ ଦେଶର ଜାତୀୟ ପ୍ରତୀକ ଛପାଯାଇଥିବା ମେଣ୍ଟରୁ ବାହାରିଥାଏ । ବର୍ତ୍ତମାନ ଅର୍ଥ ହେଉଛି ଏକ ଦେଶ ଯେଉଁଠାରେ ଏକ ବଡ ସଂଗଠନ ଅଛି ।

ଯଦି ଏହାର ପ୍ରକୃତି ଓ ସଂସ୍କୃତି ହେତୁ ଜନସଂଖ୍ୟା କମ୍ ଖର୍ଚ୍ଚ କରେ, ତେବେ ଏହା ସ୍ପଷ୍ଟ ଯେ ଏହାର କାର୍ବନ ପାଦଚିହ୍ନ କମ୍ ହେବ । ଏହାର ଅର୍ଥ ହେଉଛି ବର୍ତ୍ତମାନ ବିକାଶଶୀଳ ଦେଶଗୁଡ଼ିକ ପୃଥିବୀକୁ ବଞ୍ଚାଇବାର ଦାୟିତ୍ୱରେ ଅଛନ୍ତି । ବର୍ତ୍ତମାନ ଅର୍ଥ ହେଉଛି ଶ୍ରମ, ବୌଦ୍ଧିକ ଓ ଦକ୍ଷତା ଶକ୍ତି , ଯାହା ସହିତ ଭାରତୀୟ ମୂଳ ବ୍ୟକ୍ତିମାନେ ଜାତୀୟ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ସମଗ୍ର ବିଶ୍ୱରେ ଭୋଟ୍ ଦାତାଙ୍କ ପର୍ଯ୍ୟନ୍ତ ବିଶ୍ୱ ରାଜନୀତିର ରୂପ ସ୍ଥିର କରୁଛନ୍ତି । ଫାଇନାନ୍ସ ହେଉଛି ଏକ ଘରୋଇ ଭିତ୍ତିକ ଦାନକାରୀ, ଯାହା ମହାମାରୀ ସମୟରେ କାନାଡା ଠାରୁ ନିକାରାଗୁଆ, ବ୍ରାଜିଲ ଓ ଅନ୍ୟାନ୍ୟ ଦେଶକୁ ଟିକା ପଠାଉଛି । କଠିନ ବିପଦ ସମୟରେ ଯୁଦ୍ଧ ଲାଗୁ ହୁଏ , ଯାହା ସେନା ନୁହେଁ ବରଂ 'ଭ୍ୟାକ୍ସିନ୍ ମୈତ୍ରୀ'ର ଏକ କାର୍ଭାନ୍ ପଠାଯାଏ ।

ଗତ ମେ ମାସରେ ଜାପାନରେ ଅନୁଷ୍ଠିତ ଜି -୭ ଶିଖର ସମ୍ମିଳନୀକୁ ମନେପଡେ । ସେଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାପୁଆ ଗୁଇନିଆରେ ପହଞ୍ଚିଥିଲେ । ବିମାନ ବନ୍ଦରରେ ଅବତରଣ କଲାବେଳେ ପାପୁଆ ଗୁଇନିଆ ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁଲେ; ଭାରତୀୟ ପ୍ରତିନିଧିତ୍ୱର ଏହି ସମ୍ମାନ ପଛରେ କରୋନା ସମୟରେ ଦେଖାଯାଇଥିବା ଶୁଭେଚ୍ଛା ମଧ୍ୟ ପ୍ରଭାବିତ ହୋଇଥିଲା ।

ମାରାପେ କହିଛନ୍ତି ଯେ ଆମେ ବିଶ୍ୱବ୍ୟାପୀ 'ପାୱାରପ୍ଲେ'ର ଶିକାର ଅଟୁ । ମାରାପେ ଭାରତୀୟ ନେତୃତ୍ୱକୁ ସ୍ୱର ଭାବରେ ବର୍ଣ୍ଣନା କରିଛନ୍ତି ଯାହା ସେମାନଙ୍କ ସମସ୍ୟାକୁ ସର୍ବୋଚ୍ଚ ସ୍ତରରେ ଉପସ୍ଥାପନ କରିପାରିବ । ବିଚାର ବିମର୍ଶ ଭୂମିକାରେ କାର୍ଯ୍ୟ କରିବାକୁ ସେ ଭାରତକୁ କାଟ କରାଯିବା ଉଚିତ କି ? ଏହା ହେଉଛି ସବୁଠାରୁ ବଡ ପ୍ରଶ୍ନ । ପରିବେଶ ସଙ୍କଟର ଏହି ଗମ୍ଭୀର ପ୍ରସଙ୍ଗରେ ଧନୀ ଦେଶମାନେ ଆଶ୍ଚର୍ଯ୍ୟଜନକ ଦାରିଦ୍ର୍ୟ ପ୍ରଦର୍ଶନ କରୁଛନ୍ତି । ସେହି ଦେଶଗୁଡିକ ଉପରେ ଅଧିକ ଦାୟିତ୍ୱ ଦିଆଯାଉଛି , ଯେଉଁମାନେ ପୃଥିବୀର ସର୍ବନିମ୍ନ କ୍ଷତି କରିଛନ୍ତି ।

ଅର୍ଥ ବଦଳରେ ବର୍ତ୍ତମାନ 'ବ୍ରିକ୍ସ' ଏହି ସର୍କଲର କେନ୍ଦ୍ରରେ ଅଛି । ବ୍ରିକ୍ସରେ ଭାରତ ଯେପରି ଏହାର ଭବିଷ୍ୟତ ଦେଖୁଛି ଓ ଏହାକୁ ମଜବୁତ କରିବାରେ ଅବଦାନ ଦେଉଛି, ଏହାର ସକରାତ୍ମକ ଫଳାଫଳ ଶୀଘ୍ର ଦୃଶ୍ୟମାନ ହେବ । ବ୍ରିକ୍ସରେ ଯୋଗଦେଉଥିବା ଦେଶ ସଂଖ୍ୟା ଯେପରି ବଢୁଛି, ତାହା ଆଗାମୀ ସମୟରେ ରାଜନୈତିକ ଶକ୍ତିର ଏକ ନୂତନ ମାନଚିତ୍ର ସୃଷ୍ଟି କରିପାରିବ ।

କୋଭିଡ ସଙ୍କଟ ସମୟରେ ପାଶ୍ଚାତ୍ୟ ଦେଶଗୁଡିକ ନିଜ ସ୍ୱାର୍ଥ ପାଇଁ ଓ ଏହି ମହାମାରୀକୁ ରୋକିବା ପାଇଁ ପ୍ରସ୍ତୁତ ଟିକା ରଖିଥିବା ଅଭିଯୋଗ ହୋଇଥିଲା । କରୋନା ସେହି ସମୟରେ ବିଶ୍ୱ ସଙ୍କଟ ଥିଲା । ଯାହା ପରେ ବିଶ୍ୱରେ ଶକ୍ତି ସନ୍ତୁଳନର ସାମ୍ପ୍ରତିକ ମିଳିତ ଉପରେ ପ୍ରଶ୍ନ ଉଠିବା ଆରମ୍ଭ କରିଥିଲା ଓ ବିକାଶଶୀଳ ଦେଶମାନେ ସେମାନଙ୍କର ଆବଶ୍ୟକତା ଓ ସମ୍ବଳ ବିଷୟରେ ଅବଗତ ହୋଇଥିଲେ ।

ଆଜି ଯେତେବେଳେ ବିଶ୍ୱର ସମସ୍ତ ଦେଶ ଆର୍ଥିକ ଓ ଅର୍ଥନୈତିକ ସମସ୍ୟା ସହ ସଂଘର୍ଷ କରୁଛନ୍ତି, ସେତେବେଳେ ସେମାନଙ୍କର ସମସ୍ତଙ୍କର ନିଜର ଜାତୀୟତା ରହିଛି । ଏହା ସ୍ପଷ୍ଟ ଯେ ଆଗାମୀ ସମୟରେ ଏହି ଜାତୀୟତା ସର୍ବଭାରତୀୟ ପ୍ଲାଟଫର୍ମରେ ସବୁଠାରୁ ବଡ ଆହ୍ୱାନ ଭାବରେ ଠିଆ ହେବ । କାରଣ ପ୍ରତ୍ୟେକ ଦେଶର ଜାତୀୟତା ଏହାର ଭୌଗୋଳିକ ସୀମା ପରେ ଶେଷ ହେବ । ଯେଉଁଠାରୁ ଅନ୍ୟ ଦେଶର ଭୌଗୋଳିକ ଓ ଜାତୀୟତା ଆରମ୍ଭ ହେବ । ଏହି ସମସ୍ୟାର ସମାଧାନ ଭାରତର ଜି -୨୦ - ବସୁଧୈବଂ କୁଟୁମ୍ବକମ୍ ରେ ଅଛି । ଭାରତର ବିଶ୍ୱର ଭାବମୂର୍ତ୍ତିରେ ଅର୍ଥ ହେଉଛି ବସୁଧା ଯାହା ସମସ୍ତଙ୍କୁ ନିଜ ପରିବାର ଭାବରେ ବିବେଚନା କରେ ।

ଏବେ ବିଶ୍ୱର ଅଧିକାଂଶ ଦେଶ ମୁଦ୍ରାସ୍ଫୀତି ଓ ବେକାରୀ ସମସ୍ୟା ସହ ସଂଘର୍ଷ କରୁଛନ୍ତି । ସେମାନେ ଏହାକୁ ଏକ ବିଶ୍ୱସ୍ତରୀୟ ସମସ୍ୟା ବୋଲି କହୁଛନ୍ତି । ଅନେକ ଦେଶରେ ଆର୍ଥିକ ଓ ବେକାରୀ ସମସ୍ୟାକୁ ମୁକାବିଲା କରିବା ପାଇଁ ଶକ୍ତିରେ ପରିବର୍ତ୍ତନ ଆସିଛି । କିନ୍ତୁ ଏକଥା ସତ ସଙ୍କଟ ସମାନ ରହିଛି । ଦେଶରେ କେବଳ ନେତୃତ୍ୱ ବଦଳୁଛି, ପ୍ରକୃତ ସମାଧାନକୁ କେହି ଦେଖୁ ନାହାଁନ୍ତି । ବିଶ୍ୱସ୍ତରୀୟ ଫୋରମ୍ ଗୁଡିକରେ ଭାରତ ବାରମ୍ବାର ବାର୍ତ୍ତା ଦେଇଛି ଯେ- ଏହି ସମସ୍ୟାର ସମାଧାନ ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ ।

ଭାରତ ପ୍ରଧାନମନ୍ତ୍ରୀ ତାଙ୍କ ପକ୍ଷରୁ ଏକ ବାର୍ତ୍ତା ଦେଇଛନ୍ତି । ଭାରତୀୟ ନେତୃତ୍ୱ ଭାରତର ଜନସଂଖ୍ୟାକୁ କେବଳ ବଜାର ବୋଲି ବିଚାର ନକରିବାର ବାର୍ତ୍ତା ଦେଇ କହିଛନ୍ତି 'ଆମେ କେବଳ ଗ୍ରାହକ ଉପଭୋକ୍ତା ନୁହଁ । ଆମର ଲୋକମାନେ କେବଳ ସଂଖ୍ୟା ନୁହଁନ୍ତି ଗୋଷ୍ଠୀ ଅଟନ୍ତି। ଏହି ଗୋଷ୍ଠୀର ମୂଲ୍ୟ ୧୪୦ କୋଟି ।' ଜି-ରାଜନୀତିରେ ଭାରତର ଭୌଗୋଳିକ ଓ ରାଜନୀତି ସହିତ ଜି -୧୪୦ କୋଟି ଶକ୍ତିଶାଳୀ ଅର୍ଥନୀତି ସମ୍ବଳ ରାଷ୍ଟ୍ରମାନଙ୍କୁ ସ୍ୱାଗତ କରୁଛି । ଏହା ତିନି ଦିନିଆ ଜାତୀୟ ମହୋତ୍ସବରେ ପରିଣତ ହୋଇଛି ଯାହା ଭବିଷ୍ୟତରେ ଆନ୍ତର୍ଜାତୀୟ ସମସ୍ୟାର ସମାଧାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ । ତେଣୁ ଏଭଳି ଏକ ଶୁଭ ମୁହୂର୍ତ୍ତରେ ଆସ, ଆସନ୍ତୁ ଜି-୧୪୦ କୋଟି ବଜାରର କେବଳ ପରିଚୟରୁ ବାହାରି ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଆଗେଇ ଯିବା... ! !

♥ ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ : ୯୦୪୦ ୧୫୧୪୭୫

ଗୋଟେ ଅନୁଭବୀ ଗପ

# ବ୍ରାହ୍ମଣୀ ନଦୀର ମାଛ



## ବିପିନ୍ କାନୁନ୍‌ଗୋ



(ଏକ)

"କୋଉ ପଟେ ଆସିଲୁ" ? ଦୈତାରୀରେ ପହଞ୍ଚି ବାପାଙ୍କୁ ପ୍ରଣାମ କରୁ କରୁ ସେ ପଚାରିଲେ । ଆମେ ଚାରି ଭାଇ ନିଜ ନିଜ ଚାକିରୀ କ୍ଷେତ୍ରରେ ଭିନ୍ନ ଭିନ୍ନ ଜାଗାରେ ଥାଉ । ଦୈତାରୀରେ ଟୁନୁ ଭାଇଙ୍କ କ୍ୱାଟର୍ସ । ବାପା ତ ଇମିତି କେବେ ଗାଁ ଛାଡି ଅନ୍ୟ କୁଆଡକୁ ଯିବାକୁ ଅମଙ୍ଗ । ସେଥର ମୁନି ବାହାଘରକୁ ଯାଇ ଦୈତାରୀରେ ମାସେ ଯାଏ ରହି ଯାଇଥିଲେ ।

"ଆରେ କୋଉ ବାଟେ ଆସିଲୁ କହିଲୁ ନାହିଁ ?"

"ରାଇରଂଗପୁରରୁ ଚଣ୍ଡୀଖୋଲ । ଏଥର ବାରିପଦା ବାଟେ ନ ଆସି ଠାକୁରମୁଣ୍ଡା, ଆନନ୍ଦପୁର, ଯାଜପୁର ରୋଡ, ପାଣିକୋଇଲି ବାଟେ ଆସିଚି । ଷାଠିଏ କିଲୋମିଟର ବାଟ କମ୍ ପଡିଲା । ଚଣ୍ଡିଖୋଲରୁ ବାଁ ପଟେ ବୁଲି ଏକ୍ସପ୍ରେସ୍ ହାଇୱେ ଦେଇ ଆସିଲି ।"

"ଆହା ମାଛ ପାଇଲୁ ନାହିଁ ? ବ୍ରାହ୍ମଣୀ ନଦୀ ପାଖରେ ବିକ୍ରିହୁଏ । ଚଣ୍ଡୀଖୋଲ୍‌ରେ ବି ମିଳେ । ଖୁବ୍ ମିଠା ମାଛ । ମୟୁରଭଞ୍ଜରେ ସୁବର୍ଣ୍ଣରେଖା ଆଉ ବୁଢାବଳଙ୍ଗ ନଦୀ ମାଛ ଭଳିଆ । ଦୈତାରୀରେ ମାଛ ମାଂସ ମିଳିବା ମୁସ୍କିଲ।"

ଅଧିକ କିଛି ନ କହିବା ପାଇଁ ଭାଉଜ ଠାରିଲେ । କହିଲେ ଯାଅ ଗୋଡ ହାତ ଧୋଇ ପକାଅ । ଏଇନେ ଭାଇ ଫେରୁଥିବେ ।

ଆଟାଚି ନେଇ ବେଡ୍ ରୁମକୁ ଗଲି । ବାପା ଦାଣ୍ଡଘରେ ସେମିତି ଲୁଙ୍ଗି ପିନ୍ଧି ବସିଥାଆନ୍ତି । ଥରେ ପଢିସାରିଥିବା ଖବର କାଗଜ ଆଉ ଥରେ ଓଲଟାଉ ଥାନ୍ତି । ବେଡ୍‌ରୁମରେ ଭାଉଜ କହିଲେ ବାହାଘର ପରଠାରୁ ବାପାଙ୍କର ଝାଡା । ହଉଚି ଭଲ ହଉଚି, ଦି' ତିନି ପରେ ପୁଣି ବାହାରୁଚି ରୋଗ । ଔଷଧ ଖାଇବାକୁ ଅରାଜି । ଡାକ୍ତର କହିଛନ୍ତି ଆଇଁଷ ଖାଇବେ ନାହିଁ । ସେଇଥିପାଇଁ ବାପାଙ୍କୁ କୁହାଯାଇଛି ଏଠି ମାଛ ମାଂସ ମିଳେ ନାହିଁ । ଖାଦାନ ଏରିଆରେ କ'ଣ ଅଭାବ ? ବ୍ରାହ୍ମଣୀ ନଦୀ ମାଛ ବି ମିଳେ । ଦର ଟିକିଏ ଚଢା ।

ବୟସ ଅଧିକ ହେଲେ ଲୋକର ପିଲାଳିଆମି ଫେରି ଆସେ । ବାପାଙ୍କ କ୍ଷେତ୍ରରେ ସେଇଆ ହୋଇଥିବ । ମୟୂରଭଞ୍ଜ ରାଜ୍ୟରେ ପୋଲିସ୍ ଚାକିରୀ କରୁଥିଲେ । ସେତେବେଳେ ଥାନା ବାବୁ କହିଲେ ପ୍ରବଳ ପରାକ୍ରମୀ। ଥାନାବାଲାଙ୍କ ପାଇଁ ଗୋଟା ଗୋଟା ଖାସି ସପ୍ତାହକୁ ଥରେ କଟୁଥିଲା । ବଡ ମାଛ ମିଳିଲେ ଥାନା ବାବୁ ଜମାଦାର ବାବୁଙ୍କ ପାଇଁ କଟା ହଉଥିଲା । ଯୁଗ ଶସ୍ତା ଥିଲା । ବାପା କହୁଥିଲେ ଆମ ପିଲାବେଳେ କାଳେ ଖାସି ଗୋଟା ଦଶରୁ ପନ୍ଦର ଟଙ୍କାରେ ମିଳୁଥିଲା । ଦି' ଟଙ୍କାରେ ପାଞ୍ଚ/ଛଅ କେଜିଆ ମାଛ । ଚାଉଳ ଥିଲା ଟଙ୍କାକୁ ଦଶ ସେର । ମୋ ଚାକିରୀ ଆରମ୍ଭରେ ଟଙ୍କାକୁ ତିନି ସେର (ସେତେବେଳକୁ କେ.ଜି. ଯୁଗର ସେଇମାତ୍ର ଆରମ୍ଭ ହୋଇଥିଲେ ବି ଲୋକେ କେ.ଜି. କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ) ମାଂସ କେଜି ଦେଢ ଟଙ୍କା, ମାଛ କେଜି ଖୁବ୍ ବେଶୀ ହେଲେ ଟଙ୍କାଏ । ତେଣୁ ବାପା ମିଛ କହୁ ନଥିଲେ । ସେ ମିଛ କହିବା ମୁଁ ଜାଣେ ନାହିଁ । ପିଲାଦିନେ ଆମକୁ ଏତେ ଆଇଁଷ ସେ ଖୁଆଉ ଥିଲେ ଯେ ଆମେ ଭାଇ ଭଉଣୀ ଆଇଁଷରଙ୍କା ପାଲଟି ଯାଇଥିଲୁ । ସେଇ ବାପା ଅସୁସ୍ଥ । ଇଚ୍ଛା ହେଉଥିଲେ ବି ଆଇଁଷ ଖାଇ ପାରୁନାହାନ୍ତି । ବୟସ ହୋଇଗଲେ ହଜମ ଶକ୍ତି ଦୁର୍ବଳ ହୋଇଯାଏ । ଖାଇବା ଜିନିଷରେ ଲୋଭ ଆସେ, ଅଥଚ ଖାଇ ହୁଏ ନାହିଁ ।

ମୁଁ ମନେ ମନେ ସ୍ଥିର କଲି ବାପାଙ୍କୁ ଥରେ ରାଇରଂପୁର ନେଇ ବୁଲାଇ ଆଣିବି । ତାଙ୍କ ସମୟର ଲୋକ ଏବେ ଯଦିଓ ନ ଥିବେ ତାଙ୍କ ଚାକିରୀ କ୍ଷେତ୍ରକୁ ଅନ୍ତତଃ ଦେଖିଲେ ଖୁସି ହେବେ । ତିରିଶ ବର୍ଷର ଚାକିରୀ ଜୀବନ ତାଙ୍କର ଏହି ଅଞ୍ଚଳରେ କଟିଚି । ଗଡଜାତ ମିଶ୍ରଣ ପରେ ବଦଳି ହେଇ ବାଲେଶ୍ୱର ଯଦିଓ ଯାଇଥିଲେ ପାଞ୍ଚବର୍ଷ ପରେ ରିଟାୟାର କଲେ, ଅଠାବନ ବର୍ଷରେ । ଗଡଜାତ ମିଶ୍ରଣ ଚୁକ୍ତି ଅନୁସାରେ ଏକ୍ସ - ଏମ୍ପ୍ଲୟିଜମାନେ ଷାଠିଏ ବର୍ଷ ଯାଏ ଚାକିରୀ କରିବା କଥା । ତେଣୁ ଅନେକ ଅଦାଲତକୁ ଗଲେ । ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁସାରେ ଚାରି ଛ'ବର୍ଷ ପରେ ସେମାନଙ୍କୁ ଇନ୍‌କ୍ରିମେଣ୍ଟ ସହ ଦୁଇବର୍ଷର ଦରମା ମିଳିଲା । ସେଇ ଟଙ୍କାରେ ବାପା ଆଉ ଦି' ବଖରା ଖଞ୍ଜାଘରେ ଯୋଡି ଥିଲେ । ଆଉ ଗୋଟିଏ ପୋଖରୀ ଖୋଳେଇଥିଲେ । ଆଗରୁ ବଡ ପୋଖରୀଟିଏ ଥିଲା । ଇଜିମାଲିରେ । ତେଣୁ ନିତି ମାଛ ଲୋଡୁଥିବା ବାପାଙ୍କ ପାଇଁ ନୂଆ ପୋଖରୀ ସାହାଯ୍ୟ କଲା। ଦୈତାରୀରେ ମାଛ ମାଂସ ଟିକିଏ ପାଇଁ ବିକଳ ପ୍ରାୟ ହେଉଥିବା ବାପାଙ୍କ ଲାଗି ଆର ସପ୍ତାହକୁ ବ୍ରାହ୍ମଣୀ ନଦୀର ମାଛ ବା ସୁବର୍ଣ୍ଣରେଖାର ଚୁଙ୍ଗୁଡି କି ଇଲିଶି ଆଣି ଆସିବି ବୋଲି ମନେ ମନେ ସ୍ଥିର କଲି ।

(ଦୁଇ)

ନିଜ ଇଚ୍ଛା ମୁଁ ପୂରଣ କରି ପାରିଲି ନାହିଁ । ପନ୍ଦର ଦିନ ପର୍ଯ୍ୟନ୍ତ ଅଫିସ କାମରେ ଇମିତି ବ୍ୟସ୍ତ ରହିଲି ଯେ ଆଉ ଦୈତାରୀ ଯିବା ସମ୍ଭବ ହେଲାନାହିଁ । ବାପାଙ୍କୁ ରାଇରଂପୁର ଆଣିବା ପାଇଁ ସମ୍ମତି ଲୋଡିଲାରୁ ସୁଦେଷ୍ଣା ଅମଙ୍ଗ ହେଲେ । ଯଦିଓ ପୁଅ ଝିଅମାନେ ଜେଜେଙ୍କୁ ଦେଖିବା ପାଇଁ, ତାଙ୍କ ସାଙ୍ଗେ ଖେଳିବା ପାଇଁ, କଥା ହେବା ପାଇଁ, ଥଟ୍ଟା ମଜା କରିବା ପାଇଁ ଉଚ୍ଛନ୍ନ ଥିଲେ । ମୁଁ ତ ଚାକିରୀଆ ଲୋକ । ଦଶ ଘଣ୍ଟାରୁ ଅଧିକ ବାହାରେ ରହିବାକୁ ପଡେ । ବାପା ଅସୁସ୍ଥ । ତାଙ୍କ ତତ୍ତ୍ୱ ସୁଦେଷ୍ଣା ନେବା କଥା । ସୁଦେଷ୍ଣାଙ୍କ ମତ ହେଲା ବୁଢାଲୋକ ପୁଣି ଅସୁସ୍ଥ । ତାଙ୍କ ଦେଖାଶୁଣା ପାଇଁ ଅଧିକ ସମୟ ଲୋଡା ଯାହା ତାଙ୍କ ପାଖରେ ନାହିଁ । ତା' ପରେ ଗାଁ ସହ ଆମର ସମ୍ପର୍କ କମ୍ । ଯଦିଓ ସବୁ ଭାଇ ଭଉଣୀ ଏଇଠି ଜନ୍ମ ହେଇଥିଲେ ମୁଁ ହିଁ ଏକାଟିଆ ଚାକିରୀ କଳାପରେ ଏଠି ସେଟେଲ୍ ହୋଇଗଲି । ଘରଦ୍ୱାର କଲି ସଂସାର କଲି । ଗାଁ ମାୟା କମି କମି ଆସିଲା । ଦୂରତା ଆମ ନିଜ ଲୋକଙ୍କ ନିବିଡତା କମେଇ ଦେଲା । ଗାଁ ସମ୍ପତ୍ତି, ପୋଖରୀ, ନଡିଆ ଗଛ, ଫଳଫୁଲରେ ମୋ ଭାଗ ନଥିଲା, ଯାହାକୁ ସୁଦେଷ୍ଣା ସହଜ ଦୃଷ୍ଟିରେ ଦେଖୁ ନଥିଲେ । ଇଏ ହେଲା ସବୁ ସ୍ତ୍ରୀ ଲୋକଙ୍କର ଖୋଇ ଯାହାକୁ ଅବିଗୁଣ କୁହାଯାଇପାରେ। ଅଥଚ ତାଙ୍କ ସହ ଏଇ କଥାରେ ମୋର ସହମତି ନ ଥିଲା । ମୁଁ ବି ଚାରି ଚାରିଟି ପିଲାର ବାପା । ସେମାନଙ୍କ ସୁଖ ସୁବିଧା ପାଇଁ ଅନେକ ମାନସିକ ଚାପ ସହିଛି । ତେଣୁ ବାପା ବୋଉଙ୍କ ଦରଦ ମୁଁ ବୁଝିଚି । ଗାଁକୁ କେବେ ଗଲେ ଅମୂଲ୍ୟ ନିଧି ଭଳି ବାପା ବୋଉଙ୍କୁ ଲାଗେ। ସେତେବେଳେ ଗାଁକୁ ସିଧାସଳଖ ବସ୍ ନ ଥିଲା । ଦୋସଡିରେ ଓହ୍ଲେଇ କନକପୁର । ତାପରେ କେନାଲ ବନ୍ଧରେ ଆଉ ଚାରି କିଲୋମିଟର ପରେ ଗାଁ । କୋଉଁ ରିକ୍ସା ପ୍ରଥମେ ପ୍ରଥମେ ମିଳୁଥିଲା ! ପରେ ପରେ ରିକ୍ସା ଅଟୋ ସବୁ ମିଳିଲା। ଦଶବର୍ଷ ହେଲାଣି କେନାଲ ବନ୍ଧ ପିଚୁ ରାସ୍ତା ହେଇ ଯାଇଛି । କାର୍‌ରେ ଯାଇ ଆସି ହୁଏ । ଇଚ୍ଛା ଶକ୍ତି ଥିଲେ ଗାଁକୁ ମାସରେ ଥରେ ଯାଇ ହୁଅନ୍ତା । ଭୁବନେଶ୍ୱରକୁ ଅଫିସ୍ କାମରେ ଯାଇ ଦିନେ ଦି' ଦିନ ରହିବାକୁ ପଡୁଥିଲା । ତା'ରି ଭିତରେ ଗାଁକୁ ଯିବି ଯିବି ଭାବି ଯାଇ ପାରୁ ନ ଥିଲି । ସେକେଣ୍ଡ ସଟରଡେ ସକାଳେ ଯାଇ ଦିନ ଟିଏ ରହି ତହିଁ ଆର ଦିନ ଫେରି ଆସିବି ଭାବେ । ଅଥଚ କୌଣସି ନା କୌଣସି କାରଣରୁ ଯାଇପାରେ ନାହିଁ ।

(ତିନି)

ଏ ଭିତରେ ତିନିମାସ ବିତି ଯାଇଥିଲା । ସକାଳୁ ସକାଳୁ ଦିନେ ସାନଭାଇ ଫୋନ୍ କଲା ବାପାଙ୍କ ଦେହ ହଠାତ୍ ଖରାପ ହୋଇଛି । ଡାକ୍ତର ଆସିଥିଲେ କଟକ ନବା ପାଇଁ କହିଗଲେ । ବାପା କୁଆଡେ ଯିବାକୁ ନାରାଜ। ସମସ୍ତେ ଏଇ ଗାଁରେ ମାଟି ମୁଠାଏ ପାଇଲେ । ଶେଷରେ ବୋଉ ବି ଗଲା । ମୁଁ ବାହାରେ କୋଉ ଡାକ୍ତରଖାନାରେ ମରିବି ନାହିଁ । ମୋର ମଡା ବାସି ହବ ନାହିଁ । ବଡ ଭାଇ ଟୁନୁ ଭାଇ ଆସୁଚନ୍ତି । ଦେଇ ଦେହ ଭଲ ନାହିଁ । ଶ୍ୱାସ ବାହାରିଚି । ତମେ ଜରୁରୀ ଆସ । ଖାଲି ତମକୁ ଖୋଜୁଛନ୍ତି । ସେ ଦିନ ଜିଲ୍ଲାପାଳଙ୍କ ରିଭ୍ୟୁ ଥିଲା । ଛୁଟି ମାଗିବାକୁ ଅଡୁଆ ଲାଗିଲା । ଭାବିଲି ରିଭ୍ୟୁ ସରିଲେ ବାହାରିବି । ଦି' ଦିନ ପାଇଁ ଛୁଟି ମଞ୍ଜୁର କରେଇ ପ୍ରସ୍ତୁତ ହେଲି । ବିଧିର ବିଧାନ ଯାହା । ଜିଲ୍ଲାପାଳ ସଂଧ୍ୟାରେ ପହଞ୍ଚିଲେ ଅଫିସ୍ ଛାଡୁ ଛାଡୁ ରାତି ଦଶ । ଘରୁ ଖିଆ ପିଆ କରି ଏଗାରଟା ରାତିରେ ବାହାରିବା ପାଇଁ ଭରସା କଲି ନାହିଁ । ଅଗତ୍ୟା ପରଦିନ ସକାଳେ ବାହାରିବା ପାଇଁ ସ୍ଥିର କଲି । ଠାକୁର ଘରେ ଧୂପ ଲଗେଇ ପ୍ରାର୍ଥନା କଲି । ମୁଁ ଗଲା ବେଳକୁ ବାପା ଭଲ ହୋଇ ଯାଇଥାନ୍ତୁ । ଇମିତି ଆଗରୁ ତିନି ଥର ହେଇଚି । ସମସ୍ତେ ପ୍ରସ୍ତୁତ ହେବା ବେଳୁ ବାପା ଚଙ୍ଗା ହେଇ ଉଠନ୍ତି । ପ୍ରଭୁହେ ଏଥର ସିମିତି ହେଉ ।

ନିତ୍ୟକର୍ମ ସାରି ସୁଦେଷ୍ଣାଙ୍କ ଉପଦେଶ ଶୁଣୁ ଶୁଣୁ ଆଠଟା ବାଜିଲା । ବାହାରିଲା ବେଳକୁ ସାଢେଆଠ । ବାଟରୁ ସୁବର୍ଣ୍ଣରେଖା ଚିଙ୍ଗୁଡି ଆଇସ୍‌ପେକ କରି ନେଇଗଲି । ଜାରକା ପାଖରୁ ରାସ୍ତାକଡରୁ ବ୍ରାହ୍ମଣୀ ନଦୀର ମାଛ ଯାହା ମିଳିଲା ନେଲି । ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କଲି ପୁଣିଥରେ ଚମତ୍କାର ହଉ । ବାପା ଭଲ ହେଇ ଯାଆନ୍ତୁ । ମାଛ ନ ଖାଆନ୍ତୁ ପଛକେ ଦେଖିପାରନ୍ତୁ, ଜାଣି ପାରନ୍ତୁ ମୁଁ ତାଙ୍କ କଥା ରଖିଚି । ଗାଁ ଯେତେ ପାଖେଇ ଆସୁଥାଏ ଛାନିଆ ସେତେ ବଢୁଥାଏ । ମୋବାଇଲ୍ ଯୁଗ ଆସିଥିଲେ କେତେ ଫୋନ୍ ଏ ଭିତରେ କରିସାରିଥା'ନ୍ତି । ହାତ ଘଣ୍ଟାକୁ ଅନାଇଲି ଦିନ ଦୁଇଟା ହେଲାଣି। ଗାଡିରେ ଆଇଁଷ, ହାତ ଆଇଁଷ । ତେଣୁ କାରରୁ ନ ଓହ୍ଲାଇ ମା' ଶାରଳାଙ୍କୁ ପ୍ରଣାମ ଜଣାଇଲି । ବିନତି କଲି ବାପାଙ୍କୁ ଭଲ ରଖିଥା ମା'ଲୋ। ଫେରିଲା ବେଳକୁ ତୋ ପାଖରେ ଆସି ସରଣ ପଶିବି ।

ଗାଁ ମୁଣ୍ଡରେ ଦି'ଶହ ମିଟର ଦୂରରେ ଡାହାଣ ପଟକୁ ମଶାଣି । ପାଖରେ ବିରାଟ ବରଗଛ , ଗୋଟିଏ ବଡ ପୋଖରୀ । ଗାଁ ମୁଣ୍ଡ ଦେଖାଗଲା ମାତ୍ରେ ମଶାଣି ଆଡକୁ ଆପେ ଆପେ ଆଖି ଚାଲିଗଲା । ମଶାଣିରେ ଲୋକଙ୍କ ଭିଡ । ଜୁଇ ଜଳୁଛି । ଏଇ ବୋଧେ ଲିଭିବା ସମୟ । ପ୍ରବଳ କୋହ ଉଠିଲା ଅନ୍ତର ଭିତରୁ । ମୁଁ ହତଭାଗା ଗତକାଲି ଆସିଥିଲେ ଦେଖିପାରିଥାଆନ୍ତି ବାପାଙ୍କୁ । ମୋ କପାଳରେ ସେତିକି ନ ଥିଲା । ବାପା ମୋତେ ବହୁତ ଖୋଜୁଥିଲେ ବୋଲି ସାନ ଭାଇ କହୁଥିଲା ଫୋନରେ । ଅଥଚ - ମିଛ ମାୟାରେ ବାୟା ହୋଇ ମୋ କର୍ତ୍ତବ୍ୟ ମୁଁ କରିପାରିଲିନି । ମୋ କାନ୍ଦ ଦେଖି ଡ୍ରାଇଭର ଗାଡି ଅଟକାଇ ଦେଲା । ଦିଓଟି ପିଲା ଧାଉଁ ଥିଲେ ମଶାଣି ଆଡକୁ । ହାତ ଠାରି ଡାକିଲି । ପଚାରିଲି କେତେବେଳେ ଗଲେ? 'ବଡି ଭୋରରୁ' ଉତ୍ତର ମିଳିଲା । ମଶାଣି ପାଖକୁ ଯିବାକୁ ଧୈର୍ଯ୍ୟ ରହିଲା ନାହିଁ । ମାଛ ପେକିଂ ସବୁ ବାହାରକୁ ଫୋପାଡି ଦେଲି । ନିଜକୁ ମୁଁ ନିଜେ କ୍ଷମା କରିପାରୁ ନ ଥିଲି । ଆଗକୁ ଗାଡି ବଢେଇବା ପାଇଁ ଡ୍ରାଇଭରକୁ କହି ଲୁହ ପୋଛିଲି ଆଖିରୁ । ଆମ ଘର ପାଖରେ ଭିଡ ଜୁଣ୍ଡ ହୋଇଥିଲା । ସମସ୍ତଙ୍କୁ ଆଡେଇ ଭିତରକୁ ପଶିଲି । ଦାଣ୍ଡ ଘରେ ବାପାଙ୍କର ସେହି ପୁରୁଣା ଚେୟାର। ଚେୟାରରେ ବାପା ବସିଥିଲେ । ମତେ ଦେଖି କହିଲେ ଆରେ ରତନା ଚାଲିଗଲା । ଶଳାଟା ମୋଠୁ ଦଶବର୍ଷ ସାନ । ସେ ଗଲା ଆଉ ମୁଁ ରହିଗଲି । ରତନା ଆମ କୋଠିଆ । ବାଡି ପଟେ ପିଲାଛୁଆ ନେଇ ରହିଆସୁଥିଲା । "ଇରେ ବାପା, ବ୍ରାହ୍ମଣୀ ମାଛ ଆଣିଚୁ ନା ସୁବର୍ଣ୍ଣରେଖା ଚିଙ୍ଗୁଡି" ?

ମୁଁ ହତ୍‌ବାକ ହେଇ ଯାଇଥିଲି । ଉତ୍ତର ନ ଥିଲା ମୋ ପାଖରେ ।

♥ ରାଇରଙ୍ଗପୁର, ୭୫୭୦୪୩

# ବିନା ଟିକେଟ ଯାତ୍ରୀ



## ସୁନନ୍ଦା ମହାନ୍ତି



ବିନା ଟିକେଟରେ ଯାତ୍ରା କରୁଥିବା ଝିଅଟି ଟିଟିସିଙ୍କ ହାତରେ ଧରା ପଡି ଜଡ଼ସଡ଼ ହେଲା । ତା ମାତୃଭାଷା ଓଡ଼ିଆ ନଥିଲା କି ହିନ୍ଦୀ ଓ ଇଂରାଜି ସେ କହିପାରୁନଥିଲା । ମତେ କାହିଁ ଲାଗିଲାନି ଝିଅଟି କୋଉ ଦେଶର ଏଜେଣ୍ଟ ହୋଇଥିବ ତ ତା ପାଇଁ ଟିକେଟ ପଇସା ଦେବା ସହ ଫାଇନ ମଧ୍ୟ ପୈଠ କରିସାରିବା ପରେ, ଝିଅଟି ମୋ ଗୋଡ଼ ଧରି କାନ୍ଦୁଥିଲା. ତାକୁ ଠାରିକି ଅଭୟ ମୁଦ୍ରା ଦେବା ଛଡା ଆଉ କିଛି ଉପାୟ ନଥିଲା, ମୋ ପାଖରେ ।

ଯେଉଁ ଷ୍ଟେସନରେ ମୁଁ ଓହ୍ଲେଇଲି ସେଇ ଷ୍ଟେସନରେ ଝିଅଟିକୁ ଓହ୍ଲେଇବା ଦେଖି ମୁଁ ଚମକି ପଡିଲି ଆଉ ସେ ଯେବେ ମୋ ପିଛା କଲା ମୁଁ ହତବନ୍ଧ ହେଲି । ସେ କିନ୍ତୁ ପାଖରେ ଥିବା ଚଲା ରାସ୍ତା ଅତିକ୍ରମ କରି ମୋ ଘରେ, ମୋ ପଛେ ପଛେ ହିଁ ପହଁଚିଲା । ଶୀତରେ ଥରୁଥିବା ଝିଅଟିକୁ କମ୍ବଳଟିଏ ଦେଇ ଦୁଆର ଦେଇ ଶୋଇବାରେ ଆତ୍ମା ବିଳାପ କରି ଉଠିଲା । ଝିଅଟି ନିଶ୍ଚୟ ଅସୁବିଧାରେ ପଡିଛି ଭାବି ଘର ଭିତରକୁ ଡାକିଲି । ଘରେ ସମସ୍ତେ ମନା କଲେ ମଧ୍ୟ ମାନି ନଥିଲି । ମାନବିକତା ଓ ମଣିଷପଣିଆ ଦ୍ୱାହିରେ ସମସ୍ତେ ଚୁପ ଥିଲେ ବି କୋଉ ଦେଶର 'ର 'ଏଜେଣ୍ଟ ହୋଇଥିବ କେହି କହିଲା ବେଳେ କେହି 'ଆଜ୍ଞାତ କୁଳଶୀଳସ୍ୟ ବାସ ନ ଦୋୟ' କଦାଚିତ ବୋଲି ଅପ୍ରଭଂଶ କରି ସଂସ୍କୃତ କହୁଥିଲେ । ମୁଁ କିଛି ନଶୁଣି ଶୋଇଗଲି । ତଥାପି ବିସ୍ମୟରେ ଜଡ଼ସଡ଼ ହେବା ଛଡା ଉପାୟ ନଥିଲା ।

ସକାଳୁ ଡ୍ରଇଂ ରୁମରେ ଝିଅଟି ନଥିଲା । କମ୍ବଳ ତଳେ, ଟିଟିସିଙ୍କୁ ତା ପାଇଁ ଦେଇଥିବା ଉଦ୍ଦିଷ୍ଟ ଟଙ୍କା ଓ ଓଡ଼ିଆ ଭାଷାରେ ଚିଠିଟେ ଥିଲା । ଘର ଛାଡ଼ି ଆସିଥିବାରୁ ଅଭିନୟ କରି ଦୁର୍ବୃତ୍ତ ମାନଙ୍କ ନିକଟରୁ ରକ୍ଷା ପାଇବାର ନାଟକ ଥିଲା ବୋଲି ସ୍ପଷ୍ଟ ଉଲ୍ଲେଖ୍ୟ କରିବା ସହ କୃତଜ୍ଞତା ଜଣାଇ ନିଜ ଭୁଲ ବୁଝିପାରି ଘରକୁ ଫେରିଯାଉଛି ବୋଲି ଲେଖିଥିଲା ଝିଅଟି । ଆଉ ପିତୃତୁଲ୍ୟ ଦାସ ବାବୁ ମାନେ ମତେ କୋଟି କୋଟି ପ୍ରଣାମ ଜଣାଇଥିଲା । ଝିଅଟି ଯୋଉ ଷ୍ଟେସନରୁ ଉଠିଥିଲା ସେଠାରେ କୌଣସି ଏକ ଝିଅଟିଏ ଆତ୍ମହତ୍ୟା କରିଥିଲା ବୋଲି ସମସ୍ତେ କୁହା କୁହି ହୋଇ, ଏ ଝିଅ ତାର ପ୍ରେତାତ୍ମା ହୋଇଥାଇପାରେ କହୁଥିଲା ବେଳେ ପଇସା ଓ ଚିଠି ଦେଖାଇ ସେ ପ୍ରେତାତ୍ମା ହୋଇ ନପାରେ ବୋଲି ଦୃଢ଼ ବିଶ୍ୱାସରେ ମୁଁ କହୁଥିଲି । ସତକୁ ସତ ଝିଅ ଓ ଝିଅର ପିତା ମାତା ଘରକୁ ଆସି, ସେଦିନ ଟ୍ରେନରେ ଏକୁଟିଆ ଝିଅଟିର ସାହାରା ହୋଇଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ଝିଅ ବାହାଘରକୁ ନିମନ୍ତ୍ରଣ କରି ଯାଇଥିଲେ । ବାହାଘରକୁ କୌଣସି କାମ ପାଇଁ ଯାଇ ନପାରିଲେ ବି ସରଳ ନିଷ୍କପଟ ଝିଅଟିର ମୁହଁଟି ଦୂର ପାହାଡ଼ର ଫୁଲ ପରି ପ୍ରତୀୟମାନ ହେଉଥିଲା ମତେ ।

♥ ସାକ୍ଷୀଗୋପାଳ, ପୁରୀ
(ମୋ) ୯୦୪୦୯୭୭୩୨୭

# ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ





ଗଙ୍ଗାଧର ସାମଲ

୨୦୨୩ ଫେବୃଆରୀ ୧ ତାରିଖ ସୁଦ୍ଧା ଭାରତର ଅଦାଲତ ଗୁଡ଼ିକରେ ପାଖାପାଖି ୫ କୋଟି ମାମଲା ବିଚାରାଧୀନ ରହିଥିଲା। ବର୍ତ୍ତମାନ ଏହି ସଂଖ୍ୟା ଆହୁରି ବଢ଼ି ସାରିଥିବ। ଏଥି ମଧ୍ୟରୁ ବିଭିନ୍ନ ରାଜ୍ୟର ହାଇକୋର୍ଟ ଗୁଡ଼ିକରେ ୬୦ ଲକ୍ଷ ମକଦ୍ଦମା ବିଚାର ଅପେକ୍ଷାରେ ଥିବାବେଳେ, ସୁପ୍ରିମକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ଥିଲା ୭୦ ହଜାର। ବାକି ମକଦ୍ଦମା ଗୁଡ଼ିକ ନିମ୍ନ ଅଦାଲତ ମାନଙ୍କରେ ପଡ଼ି ରହିଛି। ଏହା ଏକ ଗମ୍ଭୀର ତଥ୍ୟ ପ୍ରଦାନ କରୁଛି। ନ୍ୟାୟ ପ୍ରକ୍ରିୟା ଭାରତରେ ଅତି ବିଳମ୍ବିତ ଏବଂ ନ୍ୟାୟିକ ଭାଷାରେ ବିଳମ୍ବିତ ନ୍ୟା ହେଉଛି ବିଡ଼ମ୍ବିତ ନ୍ୟାୟ। ବିଚାରାଧୀନ ମାମଲା ଭିତରୁ ଅଧା ଅର୍ଥାତ୍ ୫୦% ହେଉଛି ସରକାରୀ ମାମଲା। ସରକାର ନିଜେ ଅଢ଼େଇ କୋଟି ମାମଲାରେ ବାଦୀ ଅଥବା ପ୍ରତିବାଦୀ। ବର୍ତ୍ତମାନ ଯେଉଁ ଭଳି ଅଦାଲତଗୁଡ଼ିକରେ ମାମଲାର ଶୁଣାଣି ହେଉଛି, ଏହିସବୁ ମକଦ୍ଦମାର ବିଚାର ସରିବା ପାଇଁ ମାତ୍ର ୩୨୪ ବର୍ଷ ଲାଗିବ। ସମଗ୍ର ବିଶ୍ୱରେ ଯଦି କୌଣସି ଦେଶରେ ସର୍ବାଧିକ ସଂଖ୍ୟକ ମାମଲା ବିଚାର ପାଇଁ କୋର୍ଟ ଗୁଡ଼ିକରେ ପଡ଼ିରହିଛି ତ, ତାହା ହେଉଛି ଭାରତରେ। ଭାରତର ନ୍ୟାୟ ପଦ୍ଧତି, ବିଚାର ପ୍ରକ୍ରିୟା ଓ ବିଧିବ୍ୟବସ୍ଥାର ସ୍ଥିତି ସମ୍ବନ୍ଧରେ ଏହି ପରିସଂଖ୍ୟାନ ସ୍ୱଷ୍ଟ ଚିତ୍ର ପ୍ରଦାନ କରେ।

୨୦୨୨, ଏପ୍ରିଲ ମାସରେ ବିହାରର ଏକ ଅଦାଲତ ଜଣେ ବ୍ୟକ୍ତିଙ୍କୁ ପ୍ରମାଣ ଅଭାବରୁ ଗୋଟିଏ ହତ୍ୟା ମାମଲାରୁ ନିର୍ଦ୍ଦୋଷରେ ଖଲାସ କଲେ। ଏହି ବ୍ୟକ୍ତି ଜଣକୁ ୨୮ ବର୍ଷ ହୋଇଥିଲାବେଳେ, ସେ ହତ୍ୟା ଅଭିଯୁକ୍ତ ହୋଇଥିଲେ। ଯେତେବେଳେ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରି ଜେଲରୁ ମୁକ୍ତ କରାଗଲା, ତାଙ୍କ ବୟସ ହୋଇଥିଲା ୫୮ ବର୍ଷ। ଏହା କଣ ନ୍ୟାୟ ? ଜଣେ ବ୍ୟକ୍ତିର ୩୦ ବର୍ଷର ଜୀବନକୁ କେଉଁଭଳି ଭରଣା କରାଯାଇପାରେ ? କିଛି ଦିନ ତଳେ ଭାରତର ରାଷ୍ଟ୍ରପତି ମଧ ନ୍ୟାୟାଧୀଶ ମାନଙ୍କୁ ପ୍ରଶ୍ନ କରିଥିଲେ ଯେ ଛୋଟଛୋଟ ମାମଲାରେ ଅତ୍ୟନ୍ତ ଗରିବ ଲୋକଙ୍କୁ ବର୍ଷ ବର୍ଷ ଧରି ଜେଲରେ ରଖାଯାଉଛି। ଜାମିନ ନମିଳିଲେ ମଧ ଆର୍ଥିକ କ୍ଷମତା ନଥିବାରୁ, ସେମାନେ ଜାମିନଦାର କିମ୍ଵା ଜାମିନ ଅର୍ଥ ଦେଇ ନପାରି ଜେଲରେ ସଢୁଛନ୍ତି। ଛୋଟ ଅପରାଧ ପାଇଁ ପୁଲିସ ମଧ ବଡ଼ ବନ ଦଫା ଲଗେଇ ଲୋକଙ୍କୁ ହଇରାଣ କରୁଛି। ଏ ସମ୍ପର୍କରେ ସୁପ୍ରିମକୋର୍ଟର ପ୍ରଧାନ ନ୍ୟାୟଧୀଶ କୁଆଡ଼େ ବିଭିନ୍ନ ରାଜ୍ୟ ସରକାର ଓ ଅଦାଲତ ମାନଙ୍କ ଠାରୁ ତଥ୍ୟ ମାଗିଥିଲେ। ତା ପରେ ହେଲା କଣ ଜଣାନାହିଁ। ଭାରତୀୟ ଦଣ୍ଡବିଧି ସଂହିତା ବା ଇଣ୍ଡିଆନ ପେନାଲ କୋଡ଼ ବ୍ରିଟିଶ ସରକାରଙ୍କ ଦ୍ୱାରା ଆସିଥିଲା ୧୮୬୦ରେ ଏବଂ ଲାଗୁ ହୋଇଥିଲା ୧୮୬୨ରେ। ମଝିରେ ମଝିରେ କେତେକ ସଂଶୋଧନ ସହିତ ଏହା ଆଜିଯାଏଁ ବଳବତତର ରହିଛି। ବ୍ରିଟିଶ ସରକାରଙ୍କ ଉଦ୍ଦେଶ୍ୟ ଥିଲା ଭାରତୀୟ ମାନଙ୍କୁ ଦଣ୍ଡାଦେବା, ନ୍ୟାୟ ଦେବା ନୁହେଁ। ସେହିଭଳି ଭାରତୀୟ ସାକ୍ଷ ଅଧିନିୟମ ବା ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ଆସିଥିଲା ୧୮୭୨ରେ। ଦୁଇଟି ଯାକ ଆଇନ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟକାରୀ ହେଉଛି। ଦଣ୍ଡ ପ୍ରକ୍ରିୟା ସଂହିତା ବା କ୍ରିମିନାଲ ପ୍ରସିଡିୟର କୋଡ଼ ତିଆରି ହୋଇଥିଲା ୧୯୭୩ରେ। ଏହା ମଧ ୫୦ ବର୍ଷ ପୂର୍ଣ୍ଣ କରିସାରିଲାଣି। ଭାରତୀୟ ଦଣ୍ଡ ବିଧି ଆଇନ ଅପରାଧୀର ଅପରାଧ ସ୍ଥିର କରେ, ସାକ୍ଷ ଆଇନ ସାକ୍ଷୀ ଓ ପ୍ରମାଣ ଆଦି ଅପରାଧକୁ ସାବ୍ୟସ୍ତ କରିବା ପାଇଁ କିଭଳି ପ୍ରସ୍ତୁତ ହେବ, ତାର ବିବରଣୀ ଦିଏ। ଦଣ୍ଡ ପ୍ରକ୍ରିୟା ସଂହିତାରେ ଅଦାଲତମାନଙ୍କର ବିଭକ୍ତି କରଣ, ସେମାନଙ୍କ ସାମ୍ବିଧାନିକ କ୍ଷମତା ଓ କିଭଳି ସେହି ଅଦାଲତଗୁଡ଼ିକ ଅପରାଧିକ ମାମଲାର ଶୁଣାଣି କରିବେ, ସେସବୁର ଉଲ୍ଲେଖ ରହିଥାଏ। ନୂତନ ବୈଷୟିକ ଜ୍ଞାନକୌଶଳ ଏବଂ ସଭ୍ୟତାର ବିବର୍ତ୍ତନ ସହିତ ନୂତନ ଅପରାଧ ସବୁ ସଂଘଟିତ ହେଉଛି। ଅନେକ ପୁରୁଣା ଅପରାଧିକ ମାମଲାରେ ଦଣ୍ଡବିଧାନ ଓ ବିଚାର ପ୍ରକ୍ରିୟାରେ ପରିବର୍ତ୍ତନ ଜରୁରୀ ହୋଇପଡ଼ିଛି। ତେଣୁ ଭାରତ ସରକାର ତିନୋଟି ନୂଆ ଦଣ୍ଡବିଧାନ ଆଇନର ଚିଠା ପ୍ରସ୍ତୁତ କରି ସଂସଦରେ ଉପସ୍ଥାପନ କରିଛନ୍ତି। ଏହି ତିନୋଟି ଆଇନ ହେଲା - ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ ସଂହିତା। ଦେଶଦ୍ରୋହ, ଦୁଷ୍କର୍ମ, ମିଛ ପରିଚୟ ଦେଇ ବିବାହ, ଗଣଧର୍ଷଣ. ଦେଶ ବିରୋଧରେ ସଶସ୍ତ୍ର ବିଦ୍ରୋହ ଆଦି ଅନେକ ନୂଆ ନୂଆ ଅପରାଧ ସହିତ ଅର୍ଥ ନୈତିକ ଅପରାଧ ମଧ ଏଥିରେ ଅନ୍ତର୍ଭୁକ୍ତ ହୋଇଛି। ମହିଳା ମାନଙ୍କ ପ୍ରତି ବିଶେଷକରି ନାବାଳିକା ମାନଙ୍କ ପ୍ରତି ଶାରୀରିକ ଅତ୍ୟାଚାର କ୍ଷେତ୍ରରେ, ଆଇନ ଓ ଦଣ୍ଡକୁ ଆହୁରି ସଶକ୍ତ କରାଯାଇଛି। ଯେଉଁମାନେ ଅପରାଧ କରି ଦେଶ ଛାଡ଼ି ପଳେଇ ଯାଉଛନ୍ତି, ସେମାନଙ୍କ ବିରୋଧରେ ସେମାନଙ୍କ ଅନୁପସ୍ଥିତିରେ ମଧ ମକଦ୍ଦମା ଚାଲିପାରିବ ବୋଲି ବ୍ୟବସ୍ଥା କରାଯାଇଛି। ସେହିପରି ପ୍ରତ୍ୟେକ ଅପରାଧ ପାଇଁ ତିନି ମାସ ଭିତରେ ପୁଲିସ ଅଭିଯୋଗପତ୍ର କୋର୍ଟରେ ଦାଖଲ କରିବ ଏବଂ କୋର୍ଟ ସର୍ବାଧିକ ତିନି ବର୍ଷ ଭିତରେ ମାମଲାର ଚୂଡ଼ାନ୍ତ ଫଇସଲା କରିବାର ପ୍ରାବଧାନ ରହିଛି। ମାଧମିକ ପ୍ରମାଣ ଓ ଇଲେକ୍ଟ୍ରୋନିକ ପ୍ରମାଣକୁ ମଧ ଏଣିକି ବିଚାରବେଳେ ଗୁରୁତ୍ୱ ମିଳିବ। ଆଧୁନିକ ବୈଷୟିକ ମାଧମ, ଯେମିତିକି ଅପରାଧୀଙ୍କର ଆଭାସୀ ଉପସ୍ଥିତିକୁ ଆଇନ ସମ୍ମତ କରାଯାଇଥିବାବେଳେ ଯେକୌଣସି ଖାନତଲାସୀ, ଅନୁସନ୍ଧାନ ଓ ଜବତ ସମୟରେ ଭିଡ଼ିଓଗ୍ରାଫି କରିବା ବାଧତାମୂଳକ କରାଯାଇଛି ଆଇନରେ। ତିନୋଟି ଯାକ ଆଇନରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି ଓ କେତେକ ଜଘନ୍ୟ ଅପରାଧ ପାଇଁ ଦଣ୍ଡକୁ କଠୋର କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଆଇନ ଉପସ୍ଥାପିତ କରିବା ସମୟରେ ଲୋକସଭାରେ ସୂଚନା ଦେଇଛନ୍ତି ଯେ ତିନୋଟି ଯାକ ଆଇନ ଅପରାଧିକ ବିଧିବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା, ଦଣ୍ଡବିଧାନ କରିବା ନୁହେଁ। ଦଣ୍ଡର ଲକ୍ଷ୍ୟ ରହିବ ଅପରାଧକୁ କମେଇବା।

ଉଦ୍ଦେଶ୍ୟ ମହତ ଏବଂ ଏଭଳି ପରିବର୍ତ୍ତନ ଆବଶ୍ୟକ ଥିଲା। ପୂର୍ବରୁ ବ୍ୟାଖ୍ୟା ହୋଇନଥିବା ଅନେକ ଅପରାଧକୁ ନିର୍ଦ୍ଦିଷ୍ଟ ରୂପରେଖ ଦିଆଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ବିଚାର ପ୍ରକ୍ରିୟା ଦ୍ରୁତତର ହେବ ବୋଲି ଆଶା କରାଯାଏ। ସାମଗ୍ରିକ ଭାବରେ ଏହି ପରିବର୍ତ୍ତନ ସ୍ୱାଗତଯୋଗ୍ୟ। ୨୦୦୦ ମସିହାରୁ ବ୍ୟାପକ ବିଚାରବିମର୍ଶ ପରେ ଏହି ନୂଆ ଆଇନ ଆସିଛି ଏବଂ ଆଗତ ହେବାପରେ ତିନୋଟିଯାକ ଆଇନକୁ ସଂସଦର ଗୃହ ମନ୍ତ୍ରଣାଳୟ ସମ୍ପର୍କିତ ଷ୍ଟାଣ୍ଡିଙ୍ଗ କମିଟି ପଠାଯାଇଛି।

କିନ୍ତୁ ସମସ୍ୟାଟି ଆଇନରେ ନାହିଁ। ଅଛି ଭାରତର ପୁଲିସ ବ୍ୟବସ୍ଥା ଏବଂ ବିଚାରାଳୟ ଗୁଡ଼ିକର ନ୍ୟାୟିକ ପଦ୍ଧତି ପାଖରେ। ସମ୍ପନ୍ନ ଓ ଧନିକ ବ୍ୟକ୍ତିମାନେ ଆଇନକୁ ନିଜ ସପକ୍ଷରେ ମୋଡ଼ିପାରନ୍ତି ବୋଲି ଅଭିଯୋଗ ହୁଏ। ବର୍ତ୍ତମାନର ପୁଲିସ ବ୍ୟବସ୍ଥା ଆଧୁନିକ ଅପରାଧ ପାଇଁ ପ୍ରସ୍ତୁତ ନୁହେଁ, ଏଥି ସହିତ ରହିଛି ପୁଲିସ ଉପରେ ବ୍ୟାପକ ଦୁର୍ନୀତିର ଅଭିଯୋଗ। ପୁଲିସ ନିରପେକ୍ଷ ନୁହେଁ ଏବଂ ଅପରାଧୀଙ୍କ ଭିତର ପାତରଅନ୍ତର କରେ। ତେଣୁ ତଦନ୍ତ, ପ୍ରକ୍ରିୟା ଠିକ ବାଟରେ ଯାଏନାହିଁ ଓ ଅପରାଧୀ ଖସିଯାଏ। ଫୌଜଦାରୀ ମାମଲାକୁ ଛାଡ଼ି ଦେଓ୍ୱାନୀ ମକଦ୍ଦମାର ଫଇସଲା ତ ବର୍ଷ ବର୍ଷ ଲାଗିଯାଏ। ବିଳମ୍ବରେ ଅଦାଲତର ରାୟ ଆସିବା ପରେ ମଧ ନିର୍ଦ୍ଦେଶ କାର୍ଯ୍ୟକାରୀ ହୁଏନାହିଁ। ଏଥିରେ ସବୁଠୁ ଅଧିକ ଖିଲାପ କରନ୍ତି ସରକାର ଓ ଅହଙ୍କାରୀ ସରକାରୀ କର୍ମଚାରୀ। ଅଦାଲତଙ୍କ ରାୟ କାର୍ଯ୍ୟକାରୀ ହୁଏନାହିଁ ବୋଲି ଖୋଦ ରାଷ୍ଟ୍ରପତି ମଧ କ୍ଷୋଭ ପ୍ରକାଶ କରିଛନ୍ତି ନିକଟରେ। ଅଦାଲତ ଅବମାନନା ଏକ କଠିନ ଓ ବିଳମ୍ବିତ ପ୍ରକ୍ରିୟା। ଏଥିପାଇଁ କାହାକୁ ସେଭଳି ବିଶେଷ ଦଣ୍ଡିବିଧାନ ମଧ ହୁଏନାହିଁ। ତେଣୁ ନ୍ୟାୟ ମିଳେନାହିଁ ଏବଂ ଯେଉଁମାନେ ଅନ୍ୟାୟ କରିଥାନ୍ତି, ସେମାନେ ସୁରକ୍ଷିତ ରହନ୍ତି।

ଆଇନ ବଦଳିବ, ନ୍ୟାୟ ପାଇବାର ସମୟ ମଧ ସଂକ୍ଷିପ୍ତ ହେବ ଏବଂ ଯଥାର୍ଥ ନ୍ୟାୟ ମିଳିବ ବୋଲି ଲକ୍ଷ୍ୟ ରହିଛି। କିନ୍ତୁ ବାସ୍ତବରେ ତିନୋଟି ନୂଆ ଆଇନ କିଭଳି କାର୍ଯ୍ୟକାରୀ ହେଉଛି, ଆଗାମୀ ଦିନରେ ତାର ରୂପରେଖ ସ୍ପଷ୍ଟ ହୋଇଯିବ। ଆଇନ କାଗଜପତ୍ରରେ ନୁହେଁ, ଏହାକୁ କାର୍ଯ୍ୟକାରୀ କରୁଥିବା ବ୍ୟକ୍ତିବିଶେଷଙ୍କ ମାନସିକତାରେ କାର୍ଯ୍ୟକାରୀ ହୋଇଥାଏ। ନ୍ୟାୟଧୀଶ, ପୁଲିସ, ଓକିଲ ଓ ସରକାରୀ କର୍ମଚାରୀ ମାନେ କଣ ଏହା ଜାଣନ୍ତି ନାହିଁ? ଅନ୍ୟାୟ ଓ ଅପରାଧ କରୁଥିବା ବ୍ୟକ୍ତିଟି ଯଦି ଦଣ୍ଡ ନପାଏ ଓ ବର୍ଷ ବର୍ଷ ଧରି ନ୍ୟାୟ ପାଇଁ ଅପେକ୍ଷା କରିଥିବା ଲୋକଟି ଯଦି ଆଇନର ସୁରକ୍ଷା ନପାଏ, ତେବେ ସମାଜ, ସଂହିତି ଓ ଶାସନ ବ୍ୟବସ୍ଥା ତିଷ୍ଠି ରହିବା ସମ୍ଭବ କି?

♥ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
(ମୋ) : ୯୪୩୭୨୨୬୬୪୭

# ଦ୍ରୁତ ଗତିରୁ ହିଁ ବଡ଼ ସଡ଼କ ଦୁର୍ଘଟଣା

ଅଭୟ କୁମାର ଦାସ

ଦ୍ରୁତଗତି ମହାବିପତ୍ତି। ଦ୍ରୁତଗତିରେ ଗାଡ଼ି ଚାଳନା କଲେ ଦୁର୍ଘଟଣା ନିଶ୍ଚିନ୍ତ ଓ ଜୀବନ ସଙ୍କଟାପନ୍ନ ସୁନିଶ୍ଚିତ। ତେବେ ଏନେଇ ରାଜ୍ୟ ସରକାର ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି ଓ ଓଡ଼ିଶା ଏକ ଦୁର୍ଘଟଣା ପ୍ରବଳ ରାଜ୍ୟ ହୋଇଥିଲେ ବି ସରକାରଙ୍କ ବ୍ୟାପକ ସଚେତନତା ପାଇଁ କିଛିକାଂଶରେ ଦୁର୍ଘଟଣା ହ୍ରାସ ପାଉଛି। ନିକଟରେ ଏକ ସରକାରୀ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଦ୍ରୁତଗତିରୁ ଓଡ଼ିଶାରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଛି। ଗଲା ୧୦ ବର୍ଷ ରାଜ୍ୟରେ ପ୍ରାୟ ୪୫ ହଜାର ବ୍ୟକ୍ତିଙ୍କ ମୁଣ୍ଡ ଗଡ଼ିଲାଣି। ଯେଉଁଥିରୁ ୭୦% ହେଉଛନ୍ତି ଯୁବପିଢ଼ି। ଦୁର୍ଘଟଣାପ୍ରବଣ ଜିଲ୍ଲା ହେଉଛି ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା। ଦୁର୍ଘଟଣାର ଏହି ବର୍ଦ୍ଧିତ ଗ୍ରାଫକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିନ୍ତା ପ୍ରକଟ କରିଛନ୍ତି। ସଡ଼କ ସୁରକ୍ଷାଜନିତ ଯୋଜନା, ସଚେତନତା ଓ ଅଭିଯାନକୁ ଆହୁରି କ୍ରିୟାଶୀଳ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମିଳିଛି।



ନିକଟରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଆମ ଦେଶର ମୋଟରଯାନ ସଂଖ୍ୟା ସାରା ବିଶ୍ୱ ତୁଳନାରେ ମାତ୍ର ଏକ ପ୍ରତିଶତ। କିନ୍ତୁ ସର୍ବାଧିକ ୧୧ ଭାଗ ସଡ଼କ ଦୁର୍ଘଟଣା ଆମ ଦେଶରେ ଘଟୁଛି। ୨୦୨୨ରେ ୧.୪ ଲକ୍ଷ ଲୋକ ଦୁର୍ଘଟଣାରୁ ମରିଥିଲେ। ପ୍ରତି ଘଣ୍ଟାରେ ହାରାହାରି ୧୬ଜଣଙ୍କ ମୁଣ୍ଡ ଗଡୁଛି। ଚିନ୍ତାର ବିଷୟ ଯେ ଓଡ଼ିଶାରେ ଶହେ ଦୁର୍ଘଟଣାରୁ ୪୮ ଜଣ ମରୁଥିବା ବେଳେ ଜାତୀୟ ସ୍ତରରେ ଏହା ୩୬ରେ ସୀମିତ। ୨୦୨୩ ଜାନୁୟାରୀରୁ ଜୁନ ଭିତରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବଢ଼ିଛି। ୨୦୨୩ରେ ୬୨୭୨ ଦୁର୍ଘଟଣାରୁ ୨୯୯୧ ଜଣଙ୍କ ପ୍ରାଣ ଯାଇଥିବାବେଳେ ୨୦୨୨ ମୋଟ ୨୮୪୯ ଜଣ ମରିଥିଲେ। ୨୦୨୨ ମସିହାରେ ୫୪୬୭ ଜଣଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ହେଲମେଟ ନ ପିନ୍ଧିବାରୁ ୧୬୯୫ ଜଣ ବାଇକ ଆରୋହୀଙ୍କ ପ୍ରାଣ ଯାଇଛି। ହେଲମେଟ ପିନ୍ଧି ଗାଡ଼ି ଚଳାଇବାକୁ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ପାଇଁ ୧୪୫ କୋଟି ଟଙ୍କାର ବଜେଟ ବନାଯାଇଛି। ରାସ୍ତା ପାର୍ଶ୍ୱ ଗ୍ରାମାଞ୍ଚଳରୁ ଅତିକମରେ ୧୦ଜଣ ବ୍ୟକ୍ତିଙ୍କୁ ଦୁର୍ଘଟଣାଜନିତ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ବିଶେଷଜ୍ଞମାନେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଆବଶ୍ୟକ। ସଡ଼କ ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ ପାଇଁ ଏକ ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଢ଼ାଯାଇଛି। ସେମାନଙ୍କୁ ଫାଷ୍ଟ ରେସପୋଣ୍ଡର ଟ୍ରେନିଂ ଦିଆଯାଉଛି। ବ୍ଲାକ ସ୍ପଟକୁ ସର୍ଭେ କରାଯାଇ ତ୍ରୁଟି ସୁଧାରାଯାଉଛି। ରୋଡ଼ ସାଇନେଜ ଅଡ଼ିଟ କରାଯାଉଛି। ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନାରେ ଇ-ଡିଟେକ୍ସନ ଯୋଗେ ଅମାନିଆ ସାବାଡ଼ ହେଉଛନ୍ତି। ସିସିଟିଭି ସଂଯୋଗ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ହେଉଛି।

ପରିବହନ ଆୟୁକ୍ତଙ୍କ କହିବାନୁଯାୟୀ ୨୦୨୩ ଜାନୁଆରୀରୁ ଜୁନ ଭିତରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯୭ଟି ଦୁର୍ଘଟଣା ଘଟିଛି। ସୁନ୍ଦରଗଡ଼ରେ ୪୫୩, କଟକରେ ୪୦୪, କେନ୍ଦୁଝରରେ ୪୦୩, ଗଞ୍ଜାମରେ ୩୮୬ ଦୁର୍ଘଟଣା ହୋଇଛି। ଯାନବାହନର ଅତ୍ୟଧିକ ବେଗ, ନିଶାସକ୍ତ ହୋଇ ଗାଡ଼ିଚାଳନା, ବିପରୀତ ପାର୍ଶ୍ୱରେ ଗାଡ଼ି ଚାଳନା, ମୋବାଇଲ ଫୋନ ଧରି ଗାଡ଼ି ଚଳାଇବାରୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ଏହାର ଦୁଇଗୁଣା ଆହତ ହେଉଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ପ୍ରାୟ ୭୦% ଦୁର୍ଘଟଣା ଘଟୁଥିବାବେଳେ ଏଥିରେ ମୃତାହତଙ୍କ ସଂଖ୍ୟା ମଧ ଅଧିକ। ସହର ଭିତରେ ଥିବା ଛକ ଭଳି ରାଜପଥରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଅଟକାଇ ଯାଞ୍ଚ କରିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ସୂଚନା ପ୍ରଯୁକ୍ତିକୁ ଉପଯୋଗ କରି ରାଜପଥ ଉପରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇ ଲୋକମାନଙ୍କର ଧନଜୀବନ ଓ ସଡ଼କ କ୍ଷେତ୍ରକୁ ପ୍ରାଥମିକତା ଦେବା ଦ୍ୱାରା ରାଜ୍ୟରେ ଉଦବେଗଜନକ ଭାବେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ଏ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ପାଇଛି।

♥ ଗୋତରା, ମାହାଙ୍ଗା, କଟକ
(ମୋ) : ୯୪୩୭୧୪୨୭୧୭

# ଚୀନର ଅକ୍ଷମଣୀୟ ଅପରାଧ

ଆଶୁତୋଷ ନାୟକ



ସାରା ବିଶ୍ୱରେ ଭାରତ ପ୍ରଥମ ସଭ୍ୟତା ଏବଂ ଚୀନ ଦ୍ୱିତୀୟ ସଭ୍ୟତା ରୂପେ ପରିଚିତ । ଉଭୟ ଦେଶ ଏସିଆ ମହାଦେଶ ର ବିଶାଳ ଏବଂ ବିକଶିତ । ବାଣିଜ୍ୟ କାରବାର ପାଇଁ ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ଅତି ନିବିଡ଼ । ସମସ୍ତ ମୋବାଇଲ ଯନ୍ତାଂଶ ଓ ମେଡ଼ିସିନରୁ ଆରମ୍ଭ କରି ଇଲେକ୍ଟ୍ରୋନିକିଶି ଉପକରଣ,, ଖେଳନା ପ୍ରଯ୍ୟନ୍ତ ଅନେକ ଦ୍ରବ୍ୟ ପାଇଁ ଆମ ଦେଶ ଭାରତ ପଡୋଶୀ ରାଷ୍ଟ୍ର ଚୀନ ଉପରେ ନିର୍ଭରଶୀଳ । ଅଷ୍ଟାଦଶ ଶତାବ୍ଦୀରେ ଉଭୟ ଭାରତ ଚୀନ ବିଶ୍ୱ ଏଉଚ ର ୫୫%ଭାଗିଦାର ଥିଲେ । ପାଷ୍ଚାତ୍ୟ ସାମ୍ରାଜ୍ୟ ଦ୍ୱାରା ପ୍ରଭାବିତ ହୋଇ ୧୯୫୦ ରେ ଆମ ଦେଶ ଭାରତ ଆଧୁନିକ ଗଣତନ୍ତ୍ର ରାଷ୍ଟ୍ର ରୂପେ ସ୍ଥାପିତ ହୋଇଥିଲା । ଭାରତ ଗାନ୍ଧିଜୀ ଙ୍କ ସତ୍ୟନିଷ୍ଠା, ଉଦାର ମାନବିକତା, ଧାର୍ମିକ ଭାବନା ସ୍ୱତନ୍ତ୍ର - ବିଚାରକୁ ସଦା ସର୍ବଦା ଅବଲମ୍ବନ କରିଥାଏ । ଇତିହାସର ପୃଷ୍ଠାକୁ ଅବଲୋକନ କଲେ ଏହା ପରିଲିକ୍ଷତ ହୁଏ, ଭାରତ 'ବସୁଧୈବ କୁଟମ୍ବକମ୍' ନୀତି ଓ ଆଦର୍ଶକୁ ସମ୍ପୂର୍ଣ୍ଣ ରୂପେ ପାଳନ କରେ । ସେଥିପାଇଁ ଭାରତ ବିଶ୍ୱର ଏକମାତ୍ର ଦେଶ ଯାହାକୁ ଶାସ୍ତ୍ରରେ ଏବଂ ବିଦ୍ୱାନ ମୁନି ଋଷିମାନେ ମଧ ଦେବଭୂମି ଓ ପୂଣ୍ୟଭୂମିର ଆଖ୍ୟା ଦେଇଛନ୍ତି । କିନ୍ତୁ ଚୀନର ପୁରୁଣା ଇତିହାସକୁ ଅବଲୋକନ କଲେ ଏହା ପରିଲକ୍ଷିତ ହୁଏ, କି ଚୀନ ସଦା ସର୍ବଦା ମାଓଙ୍କ ଦର୍ଶନଶାସ୍ତ୍ର, ଏକଛତ୍ରବାଦୀ ନୀତି, ଆତ୍ମକେନ୍ଦ୍ରୀକ ନୀତିକୁ ଆପଣେଇ ଥାଏ ।

ଚୀନର **Finger Rule** ନିଜ ହାତ, ତିବତ୍‌କୁ ପାପୁଲି, ଅରୁଣାଚଳ ପ୍ରଦେଶ, ଭୁଟାନ, ସିକମ୍, ନେପାଳ, ଲଦାଖକୁ ପାଂଚ ଆଙ୍ଗୁଠି ଭାବେ । ଏହି ଅଂଚଳ ଏହାର ଅବିଛେଦ ଅଙ୍ଗ ପ୍ରମାଣିତ କରିବା ପାଇଁ ବିବାଦୀୟ ଚିତ୍ର ଅଙ୍କନ କରି କାରଣ ଦର୍ଶାଇଥାଏ। ଯାହାକୁ **cratographic Aggression** କୁହାଯାଏ। ୧୯୧୪ରେ ଶିମିଳା ସମ୍ମିଳନୀକୁ ଚୀନ ଅମାନ୍ୟ କରିଥିଲା । ସ୍ୱାଧୀନତା ପରେ ଭାରତ ଆଦର୍ଶବାଦରେ ପ୍ରେରିତ ହୋଇ ଚୀନ ସହ ଭଲ ସମ୍ପର୍କ ସ୍ଥାପନ କରି ଉଭୟ ଆମେରିକା ଓ ରୁଷ ଠାରୁ ବିକଶିତ ହେବାର ସ୍ୱପ୍ନ ଦେଖୁଥିଲ। ସେଥିପାଇଁ ଭାରତ ଚୀନକୁ ତାଇଓ୍ୱାନ ଦ୍ୱନ୍ଦ୍ୱ ୧୯୫୫ରେ ବାଣ୍ଡୁମ ସମ୍ମିଳନୀ ସଂଯୁକ୍ତ ରାଷ୍ଟ୍ରର ସମ୍ମିଳନୀ ଆଦିରେ ସାହାଯ୍ୟ କରିଥିଲା । ଏହାର ଫାଇଦାରେ ଚୀନ ତିବତ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥିଲା। ଯାହା ଦ୍ୱାରା ମ୍ୟାକ ମୋହନ ରେଖା ( **McMahon Line**) ଅସୁରକ୍ଷିତ ହୋଇଥିଲା। ୧୯୫୪ ରେ ପଂଚଶୀଳ ଯୋଜନା କୁ ଚୀନ ଅସ୍ୱୀକାର କରିଥିଲ।

ଭାରତ ର ସାହାଯ୍ୟ ପାଇଁ ମଧ ବିଶ୍ୱାସଘାତକ ଚୀନ ୧୯୫୯ ରେ ଅକସର ଚୀନ, ଅରୁଣାଚଳ ପ୍ରଦେଶ ର ତଓ୍ୱାଙ୍ଗ କୁ ନିଜ ଦେଶ ର ମାନଚିତ୍ର ରେ ଦର୍ଶାଇଥିଲା ଏବଂ ଭାରତ ର ଅଙ୍ଗ କାଶ୍ମୀର ନୁହେଁ ବୋଲି ମନ୍ତବ୍ୟ ଦେଇଥିଲା । ଭାରତ ଏହାର ଦୃଢ଼ ପ୍ରତିବାଦ କରିବାରୁ ୧୯୬୨ରେ ଅରୁଣାଚଳ ପ୍ରଦେଶ ଏବଂ ସିକିମକୁ ଆକ୍ରମଣ କରି ଯୁଦ୍ଧ ଆହ୍ୱାନ ଦେଇଥିଲା । ଭାରତ ର ସାମରିକ ସେନା ସମ୍ପୂର୍ଣ୍ଣ ରୂପେ ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିଲା ତଥାପି ଚୀନ ଭାରତ ଉପରେ ହଠାତ୍ ଆକ୍ରମଣ କରିଥିଲା । ଚୀନ ର ଛଳନା, ପ୍ରତାରଣା ଓ ବିଶ୍ୱାସଘାତକତା ପାଇଁ ଭାରତ ର ଅର୍ଥନୀତି,ସାମରିକ ଓ ବେସାମରିକ ସ୍ତରରେ କ୍ଷତି ସହିବାକୁ ପଡିଥିଲା। ତା ପରେ ୧୯୭୬,୧୯୮୬ ଏବଂ ୧୯୮୮ରେ ସମ୍ପର୍କ ସୁଧାରିବା ପାଇଁ ଆମ ଦେଶ ପ୍ରୟାସ କରିଥିଲା । ଚୀନର ପ୍ରକୃତି ବିଷଧର ସର୍ପ ସଦୃଶ । ବିଷଧର ସର୍ପକୁ ଯେତେ ବି ଦୁଗ୍ଧପାନ କରାଇଲେ ମଧ ଦଂଶନ ପ୍ରକୃତି ପରିହାର କରି ନଥାଏ । ଠିକ୍ ସେହିପରି ଚୀନ ସଦା ସର୍ବଦା ନିଜର ପତିଆରା ବୃଦ୍ଧି କରିବାକୁ ଚେଷ୍ଟିତ ଓ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବା ତାର ମୁଖ୍ୟ ଲକ୍ଷ୍ୟ । ତେଣୁ ଭାରତ ର ଶାନ୍ତିର ବାର୍ତ୍ତା ଚୀନ ବୁଝିବାକୁ ଅସମର୍ଥ ।

ଚୀନ କୋଣସି ଅଂଚଳ ସମ୍ପୂର୍ଣ୍ଣ କବଜା ନକରି ଧୀରେ ଧୀରେ ଅକ୍ତିଆର କରି ସାମ୍ରାଜ୍ୟ ବିସ୍ତାର କରେ । ଏହାକୁ ସାଲାମୀ ଯୋଜନା କୁହାଯାଏ । ୨୦୧୭ ରେ ଦୋକଲାମ (**Doklam**) ବିବାଦରେ ଚୀନ ବିରୋଧ ରେ ଭୁଟାନକୁ ଭାରତ ସମର୍ଥନ ଜଣାଇଥିଲା । ଚୀନ କସଗର ଠୁଁ ବାଲୁଚିସ୍ଥାନ ପ୍ରଯ୍ୟନ୍ତ ପାକିସ୍ତାନକୁ ହାତରେ ରଖି ପ୍ରଧାନ ମାର୍ଗ କରୁଛି । ଆତଙ୍କବାଦୀ ମାନଙ୍କୁ ପ୍ରତେକ୍ଷ୍ୟ ଓ ପରୋକ୍ଷରେ ସମର୍ଥନ କରୁଛି ଏବଂ ତାର ପୃଷ୍ଟପୋଷକତା ପାଇଁ ପାକିସ୍ତାନ ଓ ଅନ୍ୟ ଦେଶ ଯେଉଁମାନେ ଆତଙ୍କବାଦୀ ମାନଙ୍କୁ ନିଜ ଦେଶର ଶରଣ ଦେଇଛନ୍ତି । ସେହି ମାନଙ୍କର ଶକ୍ତି, ସାମର୍ଥ୍ୟ ବୃଦ୍ଧି ବିପୁଳ ପାଣ୍ଠି ଯୋଗାଉଛି ଚୀନ । (**security council** ) ସିକିରୁଓ୍ୱିଟ କାଉନସିଲରେ ଭିଟୋ ପାଓ୍ୱାର (**veto power** ) ର ଅପବ୍ୟବହାର କରି ଚାରୋଟି (୪ଟି ) ରାଷ୍ଟ୍ର ଙ୍କ ସମର୍ଥନ ସତ୍ୱେ ଭାରତକୁ ସ୍ଥାୟୀ ସଦସ୍ୟ ରୂପେ ଅନ୍ତର୍ଭୁକ୍ତ କରୁ ନାହିଁ । ମାସୁଦ ଆଜର (**Masood Azher**) କୁ ଚୀନ ଆତଙ୍କବାଦୀ ବୋଲି ସ୍ୱୀକାର କରୁ ନାହିଁ । ଚୀନ ବ୍ରହ୍ମପୁତ୍ର ଜଳ ବିବାଦ ରେ ମଧ ସମ୍ପୃକ୍ତ । ଜୁନ -୧୫, ୨୦୨୦ ମସିହାରେ ଗଲଓ୍ୱାନ (**hot spring**) ହଟ ସ୍ପ୍ରିଙ୍ଗ ଉପତ୍ୟକାରେ ଭାରତ ଓ ଚୀନ ସେନାଙ୍କ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା ।

ଭାରତ ପ୍ରତିରକ୍ଷା ବିଭାଗର ତଥ୍ୟ ଅନୁସାରେ ଏହି ଗଲଓ୍ୱାନ ଘଟଣାରେ ଆମ ଦେଶର ବୀର, ସାହସୀ, ଲଢୁଆ ୨୦ ରୁ ଅଧିକ ଯବାନ ସହୀଦ ହୋଇଥିଲେ । ଅହଂକାରୀ ଏକଛତ୍ରବାଦୀ ଶାସକ ରାଷ୍ଟ୍ରପତି ଜିନ ପିଙ୍ଗ (**xi -Jinping** )ଙ୍କ କମ୍ୟୁନିଷ୍ଟ ବାଦୀ ଚିନ୍ତାଧାରା ଏବଂ ଏକ ଛତ୍ରବାଦୀ ଦମନ ନୀତି ଦିନେ ଚୀନକୁ ସର୍ବସ୍ୱାନ୍ତଃ କରିଦେବ । ଏଥିରେ ସନ୍ଦେହର ଅବକାଶ ନାହିଁ । ଭାରତ ୨୦୧୯ ରେ କର୍ଣ୍ଣଲ ଚେଅୱ୍ଙ୍ଗ ରିନଚୈନ ସେତୁ ( **Col Chewang Rinchen Setu** ) ନିର୍ମାଣ କରିଛି । ଚୀନ ର **strings pearls theory** ଆପଣେଇ ଭାରତ ମହା ସାଗରରୁ ଭାରତକୁ ଘେରିଛି । ତା ପାଇଁ ଭାରତ ଆମେରିକା, ଜାପାନ, ଅଷ୍ଟ୍ରେଲିଆ ସହ ମିଶି ଚତୃରଭୁଂଜିୟ ସଂଘ ସ୍ଥାପନା କରିଛି । ମାଲବାର ଏକସର ସାଇଜି (**Malwar Exercise** ) କୁ ସୁଦୃଢ କରି ଅଷ୍ଟ୍ରେଲିଆ, ସିଙ୍ଗାପୁର କୁ ମଧ ଅନ୍ତର୍ଭୁକ୍ତ କରିଛି । ମୌସମ ପରିକଳ୍ପନା,ସାଗରମାଳା ପରିକଳ୍ପନା, **Act East policy** କୁ ଗୁରୁତ୍ୱ ଦେଇଛି । **string of flower theroy** ଦ୍ୱାରା ଚୀନ ର ଯେଉଁଠି ବନ୍ଦର ନିର୍ମାଣ କରୁଛି, ସେହି ସ୍ଥାନରେ ଭାରତ ତାର ନିଜର ବନ୍ଦର ନିର୍ମାଣ କରିଛି । ପାର୍ବତ୍ୟ ଉଚ୍ଚ ଅଂଚଳ ରେ ଭାରତ ନିଜର ସ୍ଥଳସେନାକୁ ଅଧିକ ସକ୍ରିୟ କରିଛି । ବ୍ରହ୍ମଶ ( **BrahMos**),ସୁଖୋଇ **-mo -mk1 21-MIG 29s** ପରି ବିମାନ ସଜାଗ ରହିଛି ।

ସଦ୍ୟତମ ଘଟଣା ପୁଣି ଥରେ ଚୀନର ବିଶ୍ୱାସଘାତକତା ଏବଂ ପ୍ରତାରଣାକୁ ପ୍ରମାଣିତ କରିଛି । ଗତ ସପ୍ତାହ ରେ ଜୁହାଂଶବର୍ଗରେ ହୋଇଥିବା ବ୍ରିକ ସମ୍ମିଳନୀ (**BRIAC Summit**) ରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ ରାଷ୍ଟ୍ରପତି ସି-ଜିନପିଙ୍ଗ ମଧ୍ୟରେ ସୀମା ବିବାଦର ସମାଧାନ ପାଇଁ ଆଲୋଚନା ହୋଇଥିଲା ଏବଂ ଉଭୟ ରାଷ୍ଟ୍ର ଏଥିରେ ସହମତି ପ୍ରକାଶ କରିଥିଲେ କିନ୍ତୁ ଚୀନ ନିଜର ଅଭ୍ୟାସଗତ ବିଶ୍ୱାସଘାତକ ପ୍ରବୃତିରୁ ନିବୃତ ହୋଇନାହିଁ । ଚୀନ ପୁଣି ଥରେ ୨୮ଅଗଷ୍ଟ ୨୦୨୩ ସୋମବାର ଦିନ ସରକାରୀ ଭାବେ ଏକ ନୂଆ ମାନଚିତ୍ର ଜାରି କରିଛି । ଏଥିରେ ଆମ ଦେଶର ଅରୁଣାଚଳ ପ୍ରଦେଶକୁ ନିଜର ଅଂଚଳ ଦର୍ଶାଇଛି । ଅରୁଣାଚଳକୁ ଦକ୍ଷିଣ ତିବତ ଭାବେ ନିଜର ଅଂଚଳ ଦର୍ଶାଇଛି । ଖାଲି ଅରୁଣାଚଳ ପ୍ରଦେଶ ନୁହେଁ ଅକ୍ସାଇ ଚୀନ, ତାଇଓ୍ୱାନ ଏବଂ ବିବାଦୀୟ ଦକ୍ଷିଣ ଚୀନ ସାଗରକୁ ଚୀନ ନୂଆ ମାନଚିତ୍ର ରେ ସ୍ଥାନିତ କରିଛି । ଚୀନର ପ୍ରାକୃତିକ ସମ୍ପଦ ମନ୍ତ୍ରାଳୟ ଦ୍ୱାରା ଏହି ମାନଚିତ୍ର ଜାରି ହୋଇଛି ।

ବିଂଶ ଶତାବ୍ଦୀର ଭାରତକୁ ଚୀନ ଭୟଭୀତ କରିବାର ଅଭିଳାଷା ମନ ଭିତରୁ ସମ୍ପୂର୍ଣ୍ଣ ପରିହାର କରିବା ଉଚିତ । ଶତ୍ରୁକୁ ଦୃଢ଼ ହସ୍ତରେ ଦମନ କରିବାରେ ଭାରତ ସିଦ୍ଧହସ୍ତ । ଶାନ୍ତି ଚୁକ୍ତିକୁ ଚୀନ ଯଦି ଆମର ଦୁର୍ବଳତା ଭାବୁଛି ତାହେଲେ ଭାରତର ଲଢୁଆ, ସାହସୀ, ଯବାନମାନେ ଏହାକୁ ଦୃଢ଼ ହସ୍ତରେ ଦମନ କରିବାକୁ ପଛ ଘୁଞ୍ଚା ଦେବେନାହିଁ । ଯଦି ଆମ ଦେଶର ସୁରକ୍ଷା, ଅଖଣ୍ଡତା ଏବଂ ସାର୍ବଭୌମତାକୁ କ୍ଷତି ପହଂଚଇବା ପରି ଚୀନ କୌଣସି କାର୍ଯ୍ୟ କରେ ଏହାକୁ ବରଦାସ୍ତ କରାଯିବ ନାହିଁ ।

♥ ଗୋପାଳପୁର, ବାଲେଶ୍ୱର
(ମୋ)-୭୦୨୦୬୧୧୩୦୦

# ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବୀର କଳିଙ୍ଗ ରାଜ୍ୟର ନୂଆ ଇତିହାସ

## ସୌମ୍ୟସାଇ ସିଦ୍ଧାର୍ଥ ଭୂୟାଁ



ସତରେ ଆମ ଓଡ଼ିଶା ସବୁଥିରେ ବିଚିତ୍ର । କଳିଙ୍ଗ ବୀର ରାଜ୍ୟ ଭାବେ ଏହା ଜଗତବିଖ୍ୟାତ କିନ୍ତୁ ଆମର ଏଠି ମହାପ୍ରଭୁ ଜଗନ୍ନାଥ ଯିଏକି ଆମ ଆରାଧ୍ୟ ଏବଂ ଆମ ଜାତି ଓ ରାଜ୍ୟର ବିରାଟ ବଡ଼ ପରିଚୟ । ଓଡ଼ିଶା ବାହାରକୁ କେଉଁଠିକି ଗଲେ ଆମର ବଡ଼ ପରିଚୟ ହେଉଛି ଆମେ ଜଗନ୍ନାଥ ଦେଶଙ୍କ ଲୋକ । କହିବାକୁଗଲେ ଜଗନ୍ନାଥଙ୍କ ଲୋକ । କିନ୍ତୁ କାହିଁକି ସଙ୍କୋଚ କରିବା ଆମ ଇଚ୍ଛାରେ ଜଗନ୍ନାଥ ଏକ ପ୍ରକାର ଉଠବସ ହେଉଛନ୍ତି ! ! ଇଚ୍ଛା ହେଲେ ପହଡ଼ ଖୋଲା, ଇଚ୍ଛା ହେଲେ ପହଡ଼ ବନ୍ଦ, ଆମ ଦାବୀ ପୂରଣ ନହେଲେ ଲୋକମାନଙ୍କର ମୋକ୍ଷର ଏକ ମାତ୍ର ଅବଲମ୍ବନ କୁହାଯାଉଥିବା ଯାହାକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ-ମହାପ୍ରସାଦର ପ୍ରସ୍ତୁତିକୁ ଆମେ ବନ୍ଦ କରିଦେଉଛୁ । ଆମ ଇଚ୍ଛା ହେଲେ ରାତ୍ର ଆରତି ତାର ପରଦିନ ସକାଳେ ଦିଆଯିବ, ଆମ ଇଚ୍ଛା ହେଲେ ସକାଳର ପ୍ରସାଦ ସଂନ୍ଧ୍ୟାବେଳେ ଜଗନ୍ନାଥ ଖାଇବେ । କେଜାଣି କାହିଁ କିଛି ଦିନର ଘଟଣାକ୍ରମକୁ ଦେଖିଲେ ଜଣାଯାଏ ଏ ରାଜ୍ୟ ଏକ ବିଚିତ୍ର ଗତିରେ ଚାଲିଛି । ଏଠି ରାଜ୍ୟର ମୁଖ୍ୟ ଶାସକ ବି ଜଗନ୍ନାଥଙ୍କ ପରି ଏକ ପ୍ରକାର ଅସହାୟ ! ତାଙ୍କ ସଚିବ ରାଜ୍ୟ ସାରା ହେଲିକ୍ୟାପ୍ଟରରେ ଉଡି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଶୁଣୁଛନ୍ତି ତାଙ୍କୁ କୁଆଡ଼େ ମୁଖ୍ୟମନ୍ତ୍ରୀ ପଠାଇଛନ୍ତି । ରାଜ୍ୟର ସବୁ ଜିଲ୍ଲା ବୁଲିଗଲା ବେଳକୁ ତିନିଶହ କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇସାରିଥିବ । ଭାରତର ଆଉ କୌଣସି ରାଜ୍ୟରେ ଏପରି ନଜିର କିଏ ଦେଖିଛି କି ? ଜନସାଧାରଣ କେଉଁ ସୁଫଳ ପାଉଛନ୍ତି ? ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାରତୀୟ ଲୋକ ପ୍ରତିନିଧି ବ୍ୟବସ୍ଥାରେ ତାଙ୍କ କ୍ୟାବିନେଟର ଯେ କୌଣସି ମନ୍ତ୍ରୀ ହୋଇପାରିବେ କିନ୍ତୁ ଏଠାରେ ସଚିବ ସର୍ବେସର୍ବା । ଛାଡ଼ନ୍ତୁ ଏ ରାଜନୀତିକୁ । ତେବେ ଗୋଟିଏ କଥା ସମାନ ତାହାହେଉଛି ଆମ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରି ଆମ ମୁଖ୍ୟମନ୍ତ୍ରୀ ବି ଅସହାୟ । ଆସନ୍ତୁ ଓଡ଼ିଶାରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଓ ଏହାର କାର୍ଯ୍ୟାବଳୀ ଏବଂ କିଛି ସତ କଥା ଉପରେ ଆଲୋଚନା ରଖିବା । ଅନେକ ହୁଏତ ଜାଣିନଥିବେ ଦକ୍ଷିଣର ଅନେକ ମନ୍ଦିର, ଏପରିକି ଶିରିଡ଼ି ଭଳି ପୀଠରେ ଭକ୍ତଙ୍କ ପାଇଁ ମାଗଣା ବା ସ୍ୱଳ୍ପ ମୂଲ୍ୟରେ ପ୍ରସାଦ, ଅତିଥିଶାଳା, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଡାକ୍ତରଖାନା ଆଦି ପରିଚାଳିତ ହୋଇ ଆସୁଛି ବର୍ଷ ବର୍ଷ ଧରି । ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀରେ ହଜାରେ ବର୍ଷ ପରେ ମଧ୍ୟ ଏଭଳି ପରମ୍ପରା ନାହିଁ । ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଓ ଦେଶର ଅନେକ ଗୁରୁଦ୍ୱାରରେ ଲଙ୍ଗର ଯାହାକୁ ମାଗଣା ପ୍ରସାଦ ଭୋଜନ କୁହାଯାଏ ଭଳି ବହୁ ସେବା କାର୍ଯ୍ୟ କରାଯାଏ । ଖରାଦିନରେ ସର୍ବତ, ଥଣ୍ଡା ପାନୀୟ, ପ୍ରାକୃତିକ ବିପର୍ଯ୍ୟୟ ବେଳେ ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା, କୋଭିଡ଼ ଭଳି ମହାମାରୀ ସମୟରେ ଅକ୍ସିଜେନ ସିଲିଣ୍ଡର ଭଳି ବହୁ ସାହାଯ୍ୟ, ସହଯୋଗ ଗୁରୁଦ୍ୱାରମାନେ ତୁଲାଇ ଆସୁଛନ୍ତି । ଭକ୍ତମାନେ କରସେବା କରନ୍ତି । ଏହା ହିଁ ବାସ୍ତବ ଧର୍ମାଚରଣ ।

କିନ୍ତୁ ଆମ ପୁରୀ ଶ୍ରୀମନ୍ଦିର କଥା ଦେଖନ୍ତୁ । ଶ୍ରୀମନ୍ଦିରରେ କଣ ହୁଏ ? ଭକ୍ତଙ୍କଠାରୁ କେତେ ଅର୍ଥ, ସୁନା, ରୂପା, ଅଳଙ୍କାର - ଦାନ ଆକାରରେ ଆସିଲା, କୌଣସି ତଥ୍ୟ ସାର୍ବଜନୀନ ହୁଏନାହିଁ । କିଛି ସରକାରୀ ଅଧିକାରୀ କୌଣସି ନ୍ୟସ୍ତସ୍ୱାର୍ଥ ପାଇଁ ୟେସ ବ୍ୟାଙ୍କ ଭଳି ବୁଡ଼ିଯାଉଥିବା ବ୍ୟାଙ୍କରେ ଜଗନ୍ନାଥଙ୍କ ଟଙ୍କାକୁ ରଖନ୍ତି । ଭକ୍ତଙ୍କୁ ପ୍ରସାଦ ଛାଡ଼ନ୍ତୁ, ନିର୍ମାଲ୍ୟ ଟିକିଏ ବା ଜଗନ୍ନାଥଙ୍କ ଫଟୋଟିଏ ମଧ୍ୟ, ମାଗଣାରେ ଦିଆଯାଏନାହିଁ । କୌଣସି ବିପର୍ଯ୍ୟୟ ସମୟରେ କାହାକୁ କାଣିଚାଏ ସାହାଯ୍ୟ ନଥାଏ । ଅପରପକ୍ଷରେ ବର୍ଷ ବର୍ଷର ପରମ୍ପରାକୁ ଭାଙ୍ଗି ଭକ୍ତଙ୍କୁ ମହାପ୍ରଭୁଙ୍କ ପାଖରେ ପହଞ୍ଚିବା ପାଇଁ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରାଯାଉଛି । ହଜାରେ ବର୍ଷ ତଳେ ନିର୍ମିତ ବିରାଟ ଚାରି ଦ୍ୱାରକୁ ରାଜନ୍ୟବର୍ଗ ମୂର୍ଖ ଥିଲେ ବୋଲି ଚାରିଦ୍ୱାର ନିର୍ମାଣ କରିଥିଲେ । ବନ୍ଦ କରି ଗୋଟିଏ ପଟେ ଗାଈଗୋରୁ ଭଳି ଲୋକଙ୍କୁ ଛଡ଼ା ଯାଉଛି । ବୟସ୍କ, ମହିଳା, ଭିନ୍ନକ୍ଷମ ଆଦିଙ୍କ କଥା ନ କହିବା ଭଲ । ଭିଆଇପି ବ୍ୟକ୍ତି ଓ ସାଧାରଣ ଭକ୍ତଙ୍କ ଭିତରେ ବିଭାଜନର ବିରାଟ ପ୍ରାଚିର ସୃଷ୍ଟି କରାଯାଇଛି । ମହାପ୍ରସାଦର ମୂଲ୍ୟ ଅସ୍ୱାଭାବିକ ଭାବରେ ଅଧିକ ହୋଇଛି । ସୁପ୍ରିମକୋର୍ଟ ୨୦୧୯ ନଭେମ୍ବରରେ ଶ୍ରୀମନ୍ଦିର ପରିଚାଳନା ନିମନ୍ତେ ୨୨ଟି ନିର୍ଦ୍ଦେଶାବଳୀ ଦେଇଥିଲେ । ଅଧିକାଂଶକୁ ପାଳନ କରାଯାଉନାହିଁ । ଯେଉଁ ମୁଖ୍ୟ ପ୍ରସଙ୍ଗଟି ଥିଲା ବିଶୃଙ୍ଖଳିତ ଓ ଭକ୍ତଙ୍କୁ ଖରାପ ବ୍ୟବହାର କରୁଥିବା ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାହା କିଭଳି କାର୍ଯ୍ୟକାରୀ ହେଉଛି ୨୦୨୩ର ରଥଯାତ୍ରା ବେଳେ ସ୍ପଷ୍ଟ ହେଇଛି ।

ଶ୍ରୀଜଗନ୍ନାଥଙ୍କ ସ୍ୱର୍ଣ୍ଣ ଭଣ୍ଡାର ଖୋଲିବା କଥା ଆଲୋଚନା ଟିକିଏ ହେଉ । ୧୯୭୮ରୁ ମହାପ୍ରଭୁଙ୍କ ସ୍ୱର୍ଣ୍ଣଭଣ୍ଡାର ଖୋଲାଯାଇନାହିଁ । ସେଠି କିଛି ଅଛି କି ନାହିଁ, କେହି ଜାଣନ୍ତି ନାହିଁ । ୨୦୧୮ରେ ନିଯୁକ୍ତ ଜଷ୍ଟିସ ରଘୁବର ଦାସ ନ୍ୟାୟିକ କମିଶନଙ୍କ ରିପୋର୍ଟକୁ ଲୁଚେଇ ରଖାଯାଇଛି । ୨୦୧୬ରେ ଶ୍ରୀମନ୍ଦିର ସଂସ୍କାର ପାଇଁ ନିଯୁକ୍ତ ଜଷ୍ଟିସ ବିମଳ ପ୍ରସାଦ ଦାସଙ୍କ ନ୍ୟାୟିକ କମିଶନଙ୍କୁ ତାଙ୍କ କାର୍ଯ୍ୟ ପୂର୍ଣ୍ଣ କରିବା ପାଇଁ ସମୟ ଦିଆଗଲା ନାହିଁ । ସେ ଯେଉଁ ଅନ୍ତବର୍ତ୍ତୀ ରିପୋର୍ଟ ଦେଇଥିଲେ ତାକୁ ମଧ୍ୟ ସାର୍ବଜନୀନ କରାଯାଇନାହିଁ ଆଜି ପର୍ଯ୍ୟନ୍ତ । ଏତେ ଗୋପନୀୟତା କାହିଁକି ? ସ୍ୱର୍ଣ୍ଣ ଭଣ୍ଡାରର ସ୍ୱର୍ଣ୍ଣ ଅଳଙ୍କାର ସବୁ ଲୁଟ ହୋଇଯାଇଛି କି ? ଭଣ୍ଡାର ଚାବି ହଜିଗଲା, ନକଲି ଚାବି ମିଳିଗଲା ବୋଲି ହୁରି ପଡ଼ିଲା, ଏବେ ଆଇନ ମନ୍ତ୍ରୀ କହିଲେଣି, ଚାବି କେବେ ହଜିଥିଲା, ସେ ଜାଣନ୍ତି ନାହିଁ । ଅବଶ୍ୟ ଓଡ଼ିଶାରେ ମନ୍ତ୍ରୀଙ୍କ ଅବସ୍ଥା ଯାହା, ସେ ଜାଣି ନଥିବା ସ୍ୱାଭାବିକ । ତାଙ୍କ ସଚିବ ସାର ଜାଣିଥିବେ ହୁଏତ । ବାକି ଗତ କେତେ ବର୍ଷ ଧରି ନବକଳେବର ବିଭ୍ରାଟ, ମହାପ୍ରଭୁ ଓପାସରେ ରହିବା ନୀତି ବିଳମ୍ବ ହେବା, ରୋଷଘର ଚୁଲି ଭାଙ୍ଗିବା, ନକଲି ମହାପ୍ରସାଦ ବିକ୍ରି ହେବା, ମନ୍ଦିର ଭିତରୁ ଫଟୋ ବାହାରକୁ ଆସିବା, ଅନେକ ଥର ସେବାୟତ ଓ ଭକ୍ତଙ୍କ ଭିତରେ ମାଡ଼ପିଟ ହେବା ଆଦି ପ୍ରସଙ୍ଗ ତ ନିତିଦିନିଆ ହୋଇଗଲାଣି ।

ଆମ ସମସ୍ତଙ୍କ ପାଇଁ ପୁରୀ ଶ୍ରୀମନ୍ଦିର ଭିତରେ ମୋବାଇଲ ନେଇ ଯିବା ମନା । ଭକ୍ତ ରଥଯାତ୍ରାରେ ଫଟୋ ଉଠେଇ ଚୁପ । ଯେଉଁ ଗଜପତି ଓ ଶଙ୍କରାଚାର୍ଯ୍ୟ ଆଦିଙ୍କ ଶ୍ରୀମନ୍ଦିର ପ୍ରତି ଦାୟିତ୍ୱ ରହିଛି, ସେମାନେ ନିରବ । ଯେଉଁ ସେବାୟତ ଶ୍ରୀମନ୍ଦିର ପାଇଁ ବଞ୍ଚନ୍ତି, ସେମାନେ ସରକାରୀ ଦଳର ସ୍ତାବକ । ସବୁ ମଠ, ମନ୍ଦିର ଭାଙ୍ଗି ଦିଆଗଲା ପରେ ଓ ବର୍ଷ ବର୍ଷ ଧରି ରତ୍ନଭଣ୍ଡାର ଖୋଲା ନଯିବାବେଳେ ଚୁପ ଥିବା ଜଣେ ଦୁଇ ଜଣ ଏବେ କୁଆଡ଼େ ରତ୍ନଭଣ୍ଡାର ଖୋଲାଯାଉ କହିଛନ୍ତି । ବାଃ ବଢ଼ିଆ ରଥଯାତ୍ରାବେଳେ ଗଣମାଧ୍ୟମ ପାଖକୁ ଯାଆନ୍ତି ତ, ସେମାନଙ୍କ ଆଗରେ ନିଜ ବଡ଼ପଣ ଦେଖେଇବା ପାଇଁ ଏସବୁ ମନ୍ତବ୍ୟ । ସେମାନେ ବେକରେ ପକାଉଥିବା ଗାଈପଘା ଭଳି ସୁନାହାର, ବଡ଼ ବଡ଼ ଗାଡ଼ି, ସେମାନଙ୍କ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସେମାନଙ୍କ ଖେଇ ତଥା ପାରିଶ୍ରମିକ ତ ଛଡ଼େଇ ନିଆଯାଇନି । କିଛି ତ ଏବେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହିତ ବସାଉଠା କରୁଛନ୍ତି । କମ କଥା । ଜଗନ୍ନାଥ ତ କହିପାରନ୍ତି ନାହିଁ । ତେଣୁ ଭୋଗୁଥାନ୍ତି, ବର୍ଷାପାଣିରେ ଭିଜୁଥାନ୍ତି, ମହଣମହଣ ସୁନା ଥାଇ ପିତଳରେ ଖାଉଥାନ୍ତୁ, ଭଙ୍ଗା କିରିଟ ପିନ୍ଧୁଥାନ୍ତୁ, ତାଙ୍କ ବସ୍ତ୍ର ଓ ଶଯ୍ୟାକୁ ମୂଷା ଖାଇଯାନ୍ତୁ । ଯେଉଁମାନେ ଶ୍ରୀମନ୍ଦିର ପ୍ରାଇଭେଟ ଲିମିଟେଡ କମ୍ପାନୀର ସଦସ୍ୟବୃନ୍ଦ ସେମାନେ ତ ଆରାମରେ ଅଛନ୍ତି । ଏଭଳି ଅବ୍ୟବସ୍ଥିତ ଧର୍ମନିରପେକ୍ଷ ଭାରତର ଅନ୍ୟ ଧର୍ମର ଉପାସନା ପୀଠ ଗୁଡ଼ିକରେ କାହିଁକି ଦେଖିବାକୁ ମିଳେନାହିଁ । କାରଣ ସେଗୁଡ଼ିକର ସ୍ୱାଧୀନତା ରହିଛି । ସରକାର ହିନ୍ଦୁ ଧର୍ମପୀଠ ଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖି ପୈତୃକ ସମ୍ପତ୍ତି ଭଳି ବ୍ୟବହାର କରୁଛନ୍ତି । ଆଗାମୀ ଦିନରେ ଅନନ୍ତ ବର୍ମନ ଚୋଡ଼ଗଙ୍ଗ ଦେବ ଓ ଅନଙ୍ଗ ଭୀମ ଦେବଙ୍କୁ ଲୋକେ ଭୁଲିଯିବେ । ଏବେ ବି ଏ ଦୁହିଁଙ୍କୁ କେତେ ଜଣ ମନେ ରଖିଥିବେ, ତା ବି ସନ୍ଦେହାସ୍ପଦ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସରିବା ପରେ, ବାହାରେ ଯେଉଁ ନାମଫଳକ ଲାଗିବ ତାକୁ ପଢ଼ି ନୂଆପ୍ରଜନ୍ମ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ତାଙ୍କ ସୁପର ମୁଖ୍ୟମନ୍ତ୍ରୀ ହିଁ ଶ୍ରୀମନ୍ଦିରର ନିର୍ମାତା ବୋଲି ହୁଏତ ବିଚାରିବେ । ଏମିତି ବି ସେମାନେ ଶହେ ବର୍ଷ ଶାସନ କରିବେ ଓ ଦୁଇ ଶହ ବର୍ଷର ଇତିହାସ ଲେଖିବେ ବୋଲି ଘୋଷଣା କରିଛନ୍ତି । ସ୍ୱର୍ଣ୍ଣଭଣ୍ଡାର କଥା ପଚାରେ କିଏ ? କପିଳେନ୍ଦ୍ର ଦେବଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ ରାଜାମାନେ ଅନ୍ୟ ରାଜ୍ୟ ଜୟ କରି ଯେଉଁ ମହାପ୍ରଭୁଙ୍କ ପାଖରେ ନିଜ ବିଜେତା ପରିଚୟର ବୈଭବକୁ ସମର୍ପଣ କରିଦେଇଥିଲେ, ତାକୁ ଯେ କିଛି ଅଣଓଡ଼ିଆ ଲୁଣ୍ଠନକାରୀ ଏବଂ ସେମାନଙ୍କ ସ୍ତାବକ ନିଜେ ଗିଳି ଦେଇଥିବାର ତଥ୍ୟ ଐତିହାସିକମାନେ ଲେଖି ପାରିବେ ? ତାହାହେଲେ ଆମେ ଯେଉଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଏତେ ବଡ଼ ବିଶାଳ ପରିଚୟରେ ସମୃଦ୍ଧ ସିଏ ଯେତେବେଳେ ଅସହାୟ ଆମକୁ ବାଣୀ ତୋରାଣିରେ କିଏ ପଚାରେ ହୋ ? ତଥାପି ହେ ମହାପ୍ରଭୁଙ୍କୁ ପ୍ରାର୍ଥନା ତାଙ୍କୁ ସେବା କରୁଥିବା ସେବକ ମାନଙ୍କୁ ପ୍ରତିଦିନ ଭେଟଭାଟ ହେଉଥିବାରୁ (ସେମାନେ ଗଣମାଧ୍ୟମରେ କହନ୍ତି ତ) ସଦବୁଦ୍ଧି ଦିଅନ୍ତୁ ।

♥ ସାଇବିଥି, ୭ଡି/୧୩୫୪, ସେକ୍ଟର-୯, ସିଡିଏ,
କଟକ, (ମୋ) : ୯୦୯୦୦୫୧୫୪୩

# କବିତା ଓ ଗ୍ରାହକତା

## ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ



କବିତା ଗୋଟେ ଆକାଶ ସ୍ପର୍ଶୀ ଅଭିଳାଷ । ଗୋଟେ ପରିପୂର୍ଣ୍ଣ ଚେହେରା ଧରିଥିବା ଛଦ୍ମବେଶୀ ଶୋଷ । ଯିଏ ବିଶ୍ୱାସ ପିଠିରେ ଭରାଦେଇ ଉଠେ ଓ ପୁଣି ଅବସୋସକୁ ଧରି ଶୂନ୍ୟତାର ଅଗଣାକୁ ଓହ୍ଲେଇ ଆସେ । ପୁରୁଣା ଆଖିରେ ଦେଖିଲେ କବିତା ଲୁଚିଯାଏ । ନୂଆ ଆଖିରେ ଖୋଜିଲେ ଗୋଟାପଣେ ଝଲମଲ ଦିଶିଯାଏ । କହିବାକୁ ଗଲେ କବିତା ଗୋଟେ ଦିବ୍ୟ ଅସନ୍ତୋଷ । ବାଟ ଭାଙ୍ଗି ଚାଲିବାର ଗୋଟେ ନିଆରା ବାହାନା ।

କବିତାକୁ କଦର କରିବା ଓ କବିତାରେ ବଂଚିବା ଦୁଇଟି ଯାକ ସଂପୂର୍ଣ୍ଣ ଅଲଗା କଥା । ଯେଉଁମାନେ କବିତାକୁ ବୁଝନ୍ତି, କିନ୍ତୁ ତାକୁ ମନୋରଂଜନର ଏକ ଉପାଦାନ ବୋଲି ଭାବନ୍ତି, ସେମାନେ ପ୍ରକୃତରେ କବିତାକୁ ଗୋଟାପଣେ ପାଇପାରନ୍ତି ନାହିଁ । କିନ୍ତୁ ଯେଉଁମାନେ କବିତାରେ ଭିଜନ୍ତି, ମଜନ୍ତି, ହଜନ୍ତି ଓ କବିତାରେ ହିଁ ବଂଚନ୍ତି, ସେମାନେ ନିଜ ଭିତରେ ଗୋଟେ ଅଦୃଶ୍ୟ ଝରଣାର କୁଳୁକୁଳୁ ସଙ୍ଗୀତ ଅହରହ ଶୁଣୁଥାନ୍ତି । ପାତାଳକୁ ଛୁଇଁ ପୁଣି କୂଳ ପାଖକୁ ଫେରି ଆସିପାରନ୍ତି । ସେମାନଙ୍କ ପାଇଁ କବିତା ମାୟା ପ୍ରହେଳିକା ନୁହେଁ, ଗୋଟେ ଅସରନ୍ତି ମଧୁର ରହସ୍ୟ ।

ଆତ୍ମା ଯେପରି ଦୁର୍ଲ୍ଲଭ ଓ ଅନୁପମ, କବିତା ସେହିପରି ମୂଲ୍ୟାତୀତ ଓ ମହନୀୟ । କବିତାର ରୂପଛଟା ଅନନ୍ୟ ଏବଂ ଅନତିକ୍ରମ୍ୟ । ଯେତେ ଆଖି ସେତେ ରୂପ । ସେତେ ଇସାରା, ସେତ ଢେଉ । ଢେଉ ଭାଙ୍ଗି ଜାଣିଲେ ଢେଉ ଆଉ ଡରାଏ ନାହିଁ, ଖେଳାଏ । ଜଣେ ଢେଉ ଖେଳରେ ମାହିର ହୋଇଗଲେ କବିତା ତାକୁ ପ୍ରେମିକ ଆସନରେ ବସାଏ ।

କବିତା ଯେତିକି 'ନୂଆ'କୁ ପସନ୍ଦ କରେ 'ପୁରୁଣା'କୁ ମଧ୍ୟ ସେତିକି ଆଦର କରେ । 'ପୁରୁଣା' ଭିତରୁ ସେ ପାଏ ମାଟିର ଗଂଧ, ଆକାଶର ନୀଳିମା, 'ନୂଆ' ଭିତରୁ ଖୋଜେ ସାଗରର ରହସ୍ୟ, ପବନର ପାଗଳାମି । ଏଇ ଦୁଇଟିର ନିବିଡ଼ ସାନ୍ନିଧ୍ୟ ତାକୁ ଆଲୋକର ଈଶ୍ୱରୀଟିଏ କରି ଗଢ଼ୁଥାନ୍ତି । ସେ ଗଢ଼ିବା ଯୁଗଯୁଗ ଧରି ଚାଲିଥାଏ । ସମୟ ଯେତିକି ସରେ ନାହିଁ, କବିତା ଗଢ଼ା ସେମିତି କେବେ ସରେନାହିଁ । "ସେଥିପାଇଁ କବିତାକୁ ନେଇ ବହୁ ଭୁଟୁରୁଭାଟୁରୁ ଶୁଭେ । କବିତାକୁ ଛାଡି କବିତାର ଛିଦ୍ର ବିଷୟରେ ଏଣେତେଣେ ଚର୍ଚ୍ଚା ହେଉଥାଏ । ସତ ମିଛ କହି ହୁଁହୁଁଙ୍କାର କରି ଧୁର୍ମୂଷ ପିଟିବା ସେମାନଙ୍କର ଧର୍ମହୁଏ ।" (କାଳଶକ୍ତି/ଗୋପିନାଥ ମହାନ୍ତି)

ତେବେ କବିତାର ଭାଗ୍ୟ ଯାହା ହେବା କଥା, ତାହା ହିଁ ହୁଏ । ତଥାପି କବିତାର ଆକାଶ ଚିରକାଳ ମେଘାଚ୍ଛନ୍ନ ରହେନା । ଆଲୋକ ଆପେ ଆପେ ବିଚ୍ଛୁରିତ ହୋଇଯାଏ । ଭବଭୂତିଙ୍କର ସେଇ ମହାନ ପଦପଂକ୍ତି 'ନିରବଧି କାଳ, ବିପୁଳାଚ ପୃଥ୍ୱୀ' କଥାଟି ଆପେ ଆପେ ଅର୍ଥବହ ହୋଇ ଉଠେ । ସମୟର ରୁଦ୍ଧ ଦର୍ଜା ଭାଙ୍ଗି କେହି ନା କେହି ଜଣେ ଦମ୍ଭରେ ଛିଡ଼ାହୁଏ ଓ କବିତାକୁ ପ୍ରଭୁ ଶ୍ରୀରାମଙ୍କ ପରି କାନ୍ଧରେ ବସାଇ ପ୍ରତିକୂଳ ଶକ୍ତି ସହିତ ଲଢ଼ିବା ପାଇଁ ସଂସାରଯାକ ବୁଲାଇ ଆଣେ । କବତାର ଆତ୍ମାକୁ କେହି କେବେହେଲେ ଚିରକାଳ ଚାପିରଖି ପାରେନା । ଆପେ ଆପେ ସେ ସବୁ ଚାପ, ସମସ୍ତ ଷଡ଼ଯନ୍ତ୍ରକୁ ଠେଲି ପଦାକୁ ବାହାରି ଆସେ । ସେଥିପାଇଁ କବି କହେ-

"ଆଜିସିନା ଅନ୍ଧାର ଘୋଟିଚି/କାଲି ନିଶ୍ଚେ ଆଲୋକ ଆସିବ/ଛାର ଏଇ ବାଦଲର କେତେ ପରାକ୍ରମ/ଅନ୍ତହୀନ କାଳ ପାଇଁ/ସୂରୁଜକୁ ଘୋଡ଼ାଇ ରଖିବ ?"

ସମୟ ହିଁ ପ୍ରତ୍ୟେକ ସୃଷ୍ଟିକାଳର ନିର୍ଭୁଲ ବିଚାରକ । ଯେଉଁ ସଂସ୍କୃତିର ନିରବଚ୍ଛିନ୍ନ ପ୍ରବାହ, ଗୋଟେ ଲେଖକର ଚେତନାକୁ ସମୃଦ୍ଧ କରି ଚାଲିଥାଏ, ଯେଉଁ ଅତୀତର ସୁଉଚ୍ଚ ପରମ୍ପରା, ଇତିହାସର ବିପୁଳ ଆଦର୍ଶ ଏକ ଆଲୋକ ସ୍ତମ୍ଭ ଭଳି ଲେଖକ ଜୀବନର ପଥ ନିର୍ଦ୍ଦେଶ କରୁଥାଏ, ଯେଉଁ ବର୍ତ୍ତମାନର ସାମ୍ନା କରି ଜୀବନ ଓ ଜଗତର ସୂକ୍ଷ୍ମାତିସୂକ୍ଷ୍ମ ଉପଲବ୍ଧି ସହିତ ସେ ପରିଚିତ ହେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ବାଟ ଖୋଜୁଥାଏ, ସେସବୁକୁ ଭାଗ ଭାଗ କରି ଦେଖିଲେ ଜଣେ ଲେଖକର ସୃଷ୍ଟି ସମ୍ପର୍କରେ ସଠିକ ବିଚାର କରି ହେବ ନାହିଁ । ସେଥିପାଇଁ ରବୀନ୍ଦ୍ରନାଥ ଲେଖିଛନ୍ତି- "କବିରେ ପାବେନା ତାହାରେ ଜୀବନ ରଚିତେ" । ଅର୍ଥାତ୍ କବିର ରଚନା ଭିତରେ କବି ମଣିଷଟି ନଥାଏ । ଏପରିକି କବିର ସାଧାରଣ ଜୀବନ କର୍ମରେ ମଧ୍ୟ ତାର କବିସତ୍ତାର ପ୍ରତିଫଳନ ଆଶା କରିବା ନିରର୍ଥକ । କାରଣ ଜଣେ କବି (ଲେଖକ) ଏକା ସଙ୍ଗରେ ଦୁଇଟି ରାଜ୍ୟରେ ବିଚରଣ କରୁଥାଏ । ଗୋଟିଏ କଳ୍ପନା ବା ଭାବର, ଅନ୍ୟଟି ହେଉଛି ସଂସାର ବା ସମାଜର । ଭାବ ରାଜ୍ୟରେ ସେ ସମ୍ପୂର୍ଣ୍ଣ ଏକାକୀ । ମାତ୍ର ସମାଜରେ ସେ ଅନ୍ୟମାନଙ୍କ ପରି ଜଣେ । ଅର୍ଥାତ୍ ଅନ୍ୟମାନଙ୍କ ପରି ସେ ମଧ୍ୟ ଜଣେ ସାଧାରଣ ମଣିଷ । କବି କାବ୍ୟ ମଧ୍ୟରେ ଯେତିକି ଆତ୍ମପ୍ରକାଶ କରେ, ତାହା ତା'ର ମର୍ତ୍ତ୍ୟୋତ୍ତର ବ୍ୟକ୍ତିତ୍ୱର ଆଭାସ ମାତ୍ର । ସେହିପରି ସାଂସାରିକ ଜୀବନରେ ତାର ଶିଳ୍ପୀ ସତ୍ତାର ବୈଚିତ୍ର୍ୟ ମଧ୍ୟ ଖୋଜିଲେ ମିଳେନା । ତେବେ ଏକଥା ସତ୍ୟ, କବିର ଏଇ ସାଂସାରିକ ସାଧାରଣ ମନୁଷ୍ୟ ଜୀବନ ଯେତେବେଳେ ତା'ର ଶିଳ୍ପୀ ଜୀବନର ସୋପାନ ଉପରେ ନିର୍ଭର କରି ଗଢ଼ିଉଠେ, ସେତେବେଳେ ତା'ର ଶିଳ୍ପ ମହତ୍ତ୍ୱ ସହିତ ବ୍ୟକ୍ତି ଜୀବନ ମଧ୍ୟ ମହିମାନ୍ୱିତ ହୋଇଉଠେ, ଏପରି ମଣି-କାଞ୍ଚନ ସଂଯୋଗ ବିରଳ ଓ ଦୁର୍ଲ୍ଲଭ ।

କବିତା ଶବ୍ଦ ଭିତରେ ନୁହେଁ, ଶବ୍ଦମାନଙ୍କ ଅନ୍ତରାଳରେ ଛପିଥାଏ । କବିଟିଏ ଜାଣିଥାଏ ଯେ, ସମୟ ଭିତରେ ଅବସ୍ଥିତ ସ୍ଥିତି ଛଡ଼ା ଆଉ ଗୋଟିଏ ସ୍ଥିତି ଅଛି, ସମୟାତୀତ ସ୍ଥିତି ଏବଂ ସେଠାକୁ ଯିବା ଲାଗି କବିତା ହିଁ କବିର ପଥ ପ୍ରଦର୍ଶକ । ଜୀବନରେ ଘଟୁଥିବା ସବୁ ଘଟଣାର କିଛି ନା କିଛି ତାତ୍ପର୍ଯ୍ୟ ଅଛି । କିନ୍ତୁ କବିତାକୁ ଆସିଲା ବେଳକୁ ତାହା କେବଳ ଜଣକ ଜୀବନରେ ନୁହେଁ, ଅସୁମାରି ଜୀବନର ଘଟଣା ପରି ପ୍ରଶସ୍ତ ଓ ପ୍ରସାରିତ ହୋଇଯିବା ଉଚିତ ।

କବିତା ଜନ୍ମ, ମୃତ୍ୟୁ, ପ୍ରେମ ଭଳି ଆଦିଅନ୍ତହୀନ । କବିତାର ଶବ୍ଦମାନଙ୍କୁ ସଜାଡ଼ ସଜାଡ଼ କେତେବେଳେ କବିର ଜନ୍ମଟିଏ ସରିଯାଏ, କବି ଜାଣିପାରେନା, ଅଥଚ ତାର ଭଲପାଇବା ତଥାପି ଅଚରିତାର୍ଥ ରହିଯାଏ । ସେଥିପାଇଁ କୁହାଯାଏ 'କବିତା ଲେଖିବା ପ୍ରେମ କରିବା ଠାରୁ କୌଣସି ଗୁଣରେ କମ୍ ନୁହେଁ ।' କବିତାର ଅନୁପମ ସାନ୍ନିଧ୍ୟ ପାଇବା ଲାଗି କବିକୁ ପୁଣି ଏକ ନୂଆ ଜନ୍ମ ପାଇଁ ଅପେକ୍ଷା କରିବାକୁ ପଡ଼େ ।

କବିତା ଏକାନ୍ତରେ ଜନ୍ମ ନିଏ । ଅବିକଳ ନକ୍ଷତ୍ରଟି ବା ଦୂବଘାସ ପରି, ଯାହା ସହଜରେ ମରେନି । କବିତା ଆମ ଭିତରେ ଓ ଆମ ବାହାରେ ଘଟୁଥିବା ପୀଡ଼ା ଓ ଦ୍ୱନ୍ଦ୍ୱର ସାକ୍ଷୀ । ଇତିହାସ ପୃଷ୍ଠାରେ ହଜି ଯାଇଥିବା ମଣିଷର ଅନୁଭବର ସାକ୍ଷୀ ହୋଇ ରହିଯାଏ କବିତା । କବିତାର ସତ୍ୟ କୌଣସି ବସ୍ତୁନିଷ୍ଠ ସତ୍ୟ ନୁହେଁ । ଆମେ କେବଳ ଆମେ ସମୟ ଭିତରେ ନୁହେଁ, ସମୟ ବାହାରେ ବି ରହୁ । କବିତା ତେଣୁ ଯେମିତି ଆମ ସମୟର ସାକ୍ଷୀ, ଠିକ୍ ସେହିଭଳି ସମୟାତୀତର ସାକ୍ଷୀ । କବିତା କବିର ବ୍ୟକ୍ତିଗତ ଅନୁଭବରୁ ବାହାରି ପୁଣି ବ୍ୟକ୍ତିଗତ (ପାଠକର) ଅନୁଭବ ସହ ଏକାତ୍ମ ହେବା ଲାଗି ଏକ ସମୟାତୀତ ସାକ୍ଷୀଟଏ ପାଲଟିଯାଏ । ତେଣୁ କବିତା ବ୍ୟକ୍ତିଗତ ଠାରୁ ବହୁତ ବଡ଼, ବହୁ ବ୍ୟାପକ । କବିତା ଜୀବନକୁ ସମ୍ଭାଳି ନେବାର ଗୋଟେ ରାହା ।

ଆଗର ସମୟ ବଦଳିଛି । ଦିନ ଥିଲା, ଯେତେବେଳେ ସାରା ବିଶ୍ୱରେ ସବୁଠୁ ଆଦରଣୀୟ ବିଭାବ ଥିଲା କବିତା । କବିତାର ଭାବ, ଛନ୍ଦ ଓ ମୂର୍ଚ୍ଛନାରେ ହଜି ଯାଉଥିଲା ପାଠକର ହୃଦୟ । ବର୍ତ୍ତମାନର କବିତା ଜୀବନର ଜଟିଳ ରୂପକୁ ଧରି ହୋଇଉଠିଛି ଅଧିକ ଜଟିଳ । ଏଥିରେ ଉପଧା ମିଳନ ନାହିଁ, ନାହିଁ ବି ଛନ୍ଦ ଓ ମୂର୍ଚ୍ଛନାର ମାଧୁର୍ଯ୍ୟ । ତେଣୁ ପାଠକଟିଏ କବିତାର ଭାବବସ୍ତୁ ପାଖରେ ପହଞ୍ଚିବା କଷ୍ଟକର ହୋଇ ପଡୁଛି । ଏଇ କାରଣରୁ କବିତାର ପାଠକ ସଂଖ୍ୟା ସ୍ୱାଭାବିକ ଭାବରେ ହ୍ରାସ ପାଉଛି । ଏସବୁ ସତ୍ତ୍ୱେ ଏବେ ବି କିଛି ବିଦଗ୍ଧ ପାଠକ ଅଛନ୍ତି, ଯେଉଁମାନେ କବିତାକୁ ନେଇ ତଥାପି ଆଶାବାଦୀ । ଯେଉଁମାନେ ଏବେବି ମନେ କରନ୍ତି ଯେ, କବିତାକୁ ବାଦ୍ ଦେଇ ଜୀବନରେ ସ୍ୱପ୍ନ, ସ୍ମୃତି, କଳ୍ପନାର କଥା ଚିନ୍ତା କରାଯାଇ ପାରେନା । ଜୀବନର ରକ୍ତାକ୍ତ ବାସ୍ତବତା, ଅଶ୍ରୁସଜଳ ସତ୍ୟର ଧାରକ ହିଁ କବିତା । କବିତା ହୃଦୟ ସହିତ ହୃଦୟକୁ ଯୋଡ଼ିବାର ଏକ ମଧୁର ସିଂଫୋନୀ । ଶୂନ୍ୟତାର ମହାସମୁଦ୍ରକୁ ଅତିକ୍ରମ କରିବା ପାଇଁ ବିଶ୍ୱମାନବ ନିମନ୍ତେ ଆଶା ଓ ବିଶ୍ୱାସର ଏକ ବିକଳ୍ପହୀନ ଦିଗବାରେଣୀ । ସେଇଭଳି ସମ୍ବେଦୀ ଗ୍ରାହକ ପୃଥିବୀରେ ବଂଚିଥିବା ଯାଏ କବିତା ବଂଚି ରହିଥିବ । କବିତାର ସୌନ୍ଦର୍ଯ୍ୟ କଦାପି ମଳିନ ହେବନାହିଁ ।

♥ (ମୋ) ୬୩୭୧୫୨୩୫୯୮

# ଧାରାବାହିକ ଅନୁବାଦ ଉପନ୍ୟାସ-(୩୭)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ



ଅନୁସୃଜନ:
ନନ୍ଦିତା ମହାନ୍ତି



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ସିଏ ମିଛ କହୁଛି ।"

"ସେ କଥା ମିଛ । ହେଲେ ସେଠି ଗାଁରେ ବି ଡାକ୍ତର ଏଇ କଥା କହୁଥିଲା । ଔଷଧ ଖାଇବାକୁ ବି କହିଥିଲା ହେଲେ ମୁଁ ଔଷଧ ଖାଇ ନଥିଲି । ମୁଁ ପ୍ରଥମରୁ ହିଁ ସବୁ କିଛି ଜାଣିଛି । ହେଲେ କିଛି କହୁନଥିଲି । ଏକ ତ ଗାଁ ଡାକ୍ତରର କଥା ମୋର ବିଶ୍ୱାସ ହେଉ ନଥିଲା । ହେଲେ ଏଠାରେ ବି ରକ୍ତ ପରୀକ୍ଷା କରିବାକୁ ଆସିଥିବା ଲୋକଟା ବି ସେଇ କଥା କହୁଥିଲା । ମୋତେ ଏ କଥା ସେଇଠି ହିଁ ଜଣାପଡ଼ି ଯାଇଥିଲା । ହେଲେ ମୋର ବିଶ୍ୱାସ ହେଉ ନଥିଲା । ହେଲେ ବି ମୁଁ ଭାବୁଥିଲି... "କଣ ଭାବୁଥିଲୁ ତୁ ?"

ଯାହାକୁ ଟି.ବି. ହୁଏ ସିଏ ଘରେ ରହିବା ଅନୁଚିତ । ଜଣଙ୍କ ଠାରୁ ରୋଗ ଅନ୍ୟ ଜଣଙ୍କୁ ଡିଏଁ । ପରଛତ୍ତରେ ସେଇଥିପାଇଁ କୁଡ଼ିଆଟିଏ ତିଆରି କରିଛି । ଏବେ ତୁ ଗୋଟେ କାମ କର ଯେତେ ଶିଘ୍ର ହେଇପାରିବୁ ମୋତେ ନେଇ ସେଇଠି ଛାଡ଼ି ଦେଇଆସ । ନ ହେଲେ ସୁନା ପରି ମୋର ଛୁଆମାନେ ସବୁ ମୋ ପାଇଁ ବରବାଦ ହୋଇଯିବେ । ଶୁଣୁଛୁ ନା ତୁ ମୋ କଥା... ?"

"ତୁ ମିଛ କହୁଛୁ... ଏ ସବୁ ଆଗକାଳର ଅନ୍ଧବିଶ୍ୱାସ । ଜଣେ ରୋଗୀ ଠାରୁ ଆଉ ଗୋଟେ ମଣିଷକୁ ଏ ରୋଗ ଡିଏଁ ନାହିଁ । ତୋର ଟି.ବି. ଅନ୍ୟ ପ୍ରକାରର ।"

ଅନ୍ୟପ୍ରକାରର ପୁଣି କଣ ? ମୁଁ ତୋର ମାଆ, କଣ ସେଇଥିପାଇଁ ? ଆରେ... ରୋଗ ସମ୍ପର୍କ କଣ ବୁଝେନା । ଆଉ ତୁ ତୋର ଏଇ ଚାଲାକି ଛାଡ଼ି ମୋତେ ନେଇ ଛାଡ଼ି ଦେଇଆ' ଗାଁରେ । ସେଇଠି ମରିବି । ତା'ହେଲେ ମୋର ବନ୍ଧୁବାନ୍ଧବ ଅତି କମ୍‌ରେ ମୋର ଚେହେରା ଦେଖିପାରିବେ । ମୁଠାଏ ମୁଠାଏ ମାଟି ପକେଇବେ ମୋ ଉପରେ... ତୁ ମୋର ଯେତିକି କଲୁ ସେତିକି ଯଥେଷ୍ଟ । ମୋର କାହା ଉପରେ କିଛି ଅଭିମାନ ନାହିଁ, ରାଗ ନାହିଁ । ଏବେ ଆଉ କୌଣସି ଲାଳସା ବି ନାହିଁ । ମୋତେ ଖାଲି ତୁ ଗାଁରେ ନେଇ ଛାଡ଼ି ଦେଇ ଆସ । ମୁଁ ଶହେ ଥର ତୋର ଗୋଡ଼ ଧରି ନେବି...

ମାଆ ହାତ ଯୋଡ଼ି ପକେଇଲା । ମୁଁ ନିଜ ଭିତରେ ନିଜେ ଭାଙ୍ଗିରୁଜି ଖଣ୍ଡ ଖଣ୍ଡ ହୋଇଗଲି । ମୋର ଗଳା ରୁନ୍ଧି ହୋଇଗଲା.... ତା' ସାମ୍ନାରେ ମୁଁ ଭେଁ ଭେଁ କରି କାନ୍ଦି ନ ପକାଏ... ସେଇଥିପାଇଁ ମୁଁ ତାକୁ କହିଲି "ମାଆ ତୁ ଏବେ ଯାଇ ଶୋଇପଡ଼ । କାଲି ସକାଳେ ଏ ବିଷୟରେ ଚିନ୍ତା କରିବା ।"

ମାଆ ସୁଧାର ଗାଈ ପରି ଚୁପଚାପ୍ ନିଜ କୋଠରୀକୁ ଚାଲିଗଲା । ମୁଁ ନିଜ ହାତରେ ଥିବା ବହିକୁ ମୁଣ୍ଡରେ ଦି /ଚାରି ଥର ଜୋର ଜୋର୍‌ରେ ବାଡ଼େଇ ଦେଲି । ଯେଉଁ କଥାକୁ ମୁଁ, ମୋର ପତ୍ନୀ, ମୋର ସବୁ ସାଙ୍ଗମାନେ ମିଶି ମାଆକୁ ଲୁଚାଉଥିଲୁ ସେ କଥା ମାଆ ପ୍ରଥମରୁ ଜାଣିଛି । ମାଆ ରୋଷେଇ ଘରକୁ ଯାଇ ପ୍ଲାଟ୍‌ଫର୍ମରେ ରଖାଯାଇଥିବା ପାଣି କାହିଁକି ପିଏନି ? ନିଜର ଟି.ଭିକୁ ଉପର ମହଲାକୁ ନେବାକୁ କାହିଁକି ଜିଦ୍ କଲା ? ସିଏ ସବୁବେଳେ ଘର ବାହାରେ କାହିଁକି ରହୁଥିଲା ? ମୁଁ ମାଆର ଏଇ ବ୍ୟବହାରକୁ କାହିଁକି ତା'ର ସାମାଜିକତା ବୋଲି ଭାବୁଥିଲି ? ସିଏ ପିଲାମାନଙ୍କୁ ନିଜ କୋଠରୀକୁ ଯିବାକୁ ଦେଉ ନଥିବାର ଦେଖି ମୁଁ ଭାବୁଥିଲି ଆଗ ପରି ତା ହୃଦୟରେ ଆଉ କାହା ପ୍ରତି ମାୟା-ମମତା ନାହିଁ । ସିଏ ପିଲାମାନଙ୍କ ଥାଳିରେ ଖାଉ ନଥିଲା । ଆଉ ମୁଁ ସବୁବେଳେ କହୁଥିଲି, ମାଆ ଖାଲି ବେକାରଟାରେ ଚିଡୁଛି ସମସ୍ତଙ୍କ ଉପରେ । ସିଏ ପରଛତ୍ତିରେ ନିଜ ପାଇଁ ଏକ ଘର ତିଆରି କରିଦେଲା ଆଉ ମୁଁ ତାକୁ ନିପଟ ଗାଉଁଲି ବୋଲି କେମିତି ଭାବୁଥିଲି ?

ମାଆ ପ୍ରଥମରୁ ଏକଥା ସ୍ଥିର କରି ନେଇଥିଲା ଯେ, ତାକୁ ହୋଇଥିବା ଟି.ବି. ଯେମିତି ଆଉ କାହାରିକୁ ନ ହେଉ, ସେଇଥିପାଇଁ ସିଏ ଏମିତି ଦୂରେଇ ରହୁଥିଲା । ଆଉ ସେଇ ଦୂରତା ବିଷୟରେ ମୁଁ ମୋ ମନଭୂମିରେ ଅନାୟାସ ବିଭିନ୍ନ ଭ୍ରାନ୍ତଧାରଣାର ଜଙ୍ଗଲ ତିଆରି କରି ନେଇଥିଲି ।

ଜୀବନସାରା ପରିସ୍ଥିତି ତାକୁ ଭୋକରେ ରଖିଥିଲା । ଆଉ ଏବେ ରୋଗ ତାକୁ ଅଭୁକ୍ତ ରହିବାକୁ ବାଧ କରୁଥିଲା । ବହୁତ ଛୋଟ ବୟସରୁ ହିଁ ଆମେମାନେ ପାଠପଢ଼ା ପାଇଁ ହେଉ ବା ଚାକିରି ଦାୟରେ ହେଉ ଘର ଠାରୁ ଅଲଗା ହୋଇ, ଦୂରରେ ରହୁଥିଲୁ । ସେଇଥିପାଇଁ ସିଏ ଆମ ସହିତ କେବେ ହେଲେ 'ଏକା ସାଙ୍ଗେ' ରହିପାରି ନଥିଲା । ଏବେ ରୋଗ ତାକୁ ଆମ ସହିତ ରହିବାକୁ ଦେଉନାହିଁ ..... ଅନେକ ଥର ମାଆ ଫୋନ୍ କଲା ବେଳେ ମୋର ଛୁଆମାନଙ୍କୁ ଚୁମ୍ବନ ଦେବାକୁ ଚେଷ୍ଟା କରୁଥିଲା । ଏବେ ପିଲାମାନେ ପାଖରେ ଅଛନ୍ତି । ହେଲେ ରୋଗ ସେମାନଙ୍କ ମଧ୍ୟରେ ପାଚେରି ହୋଇ ଛିଡ଼ା ହୋଇଛି... ପ୍ରକୃତରେ ତା' ମନରେ ଭୟ ଜମାଟ ବାନ୍ଧିଥିଲା । ମାଆ ସ୍ଥିର କରି ନେଇଥିଲା ଯେ ତାର ରୋଗ ଯେମିତି ତାଆରି ଯାଏଁ ସୀମିତ ରହୁ... କାହାକୁ କିଛି ନ କହି ... ଟିକେ ହେଲେ ଦୁଃଖ ନ ଦେଇ... କାହାରି ପ୍ରତି କୌଣସି ଅଭିଯୋଗ ନ କରି.. କେତେ କଷ୍ଟକର ସତେ ମାଆର ହୃଦୟକୁ ବୁଝିବା । ଦୁନିଆଁରେ ଥିବା ସମସ୍ତ କଳକୌଶଳକୁ ଉପଯୋଗ କରି ମଧ ମନର ଅତଳ ଗଭୀରତାକୁ ମାପି ହୁଏନା । ତାହା ଅନ୍ତହୀନ । ପତ୍ରପତ୍ରିକା ବୃତ୍ତିରେ ସବୁ ଖବରକୁ ତା' ସହିତ କେବେ, କାହିଁକି, କେଉଁଠି, କେମିତି, କିଏ ଏପରି କେବେ ପ୍ରଶ୍ନ ଯୋଡ଼ିତାକୁ ପରୀକ୍ଷାନିରୀକ୍ଷା କରାଯାଏ । ହେଲେ ମାଆ ଏସବୁ ପ୍ରଶ୍ନବାଚୀ ଠାରୁ ଦୂରରେ, ବହୁତ ଦୂରରେ... ମୋତେ ଖୁବ୍ ଅସହାୟ ଲାଗୁଥିଲା... ମୋର ଗଳା ରୁନ୍ଧି ହୋଇଯାଉଥିଲା... ଅସହାୟତା ଓ ନାଚାରପଣ ବଢ଼ିବାରେ ଲାଗିଥିଲା... ନିଜର ଏଇ ବିକଳ ପରିସ୍ଥିତିରୁ ମୁକ୍ତି ପାଇବାପାଇଁ ମୁଁ ଔରଙ୍ଗବାଦର ପ୍ରଧାନାର୍ଯ୍ୟ ପ୍ରଭାକର ବାଗଲେଙ୍କୁ ଫୋନ୍ କଲି । ମୁଁ ମୋର ମନର ଅବସ୍ଥା ବିଷୟରେ ତାକୁ ସଂକ୍ଷେପରେ କହିଲି । ସିଏ କହିଲେ, "ଆପଣଙ୍କର ମାଆଙ୍କର ପ୍ରକୃତି ଏକଦମ୍ ନିଆରା ।"

ଫୋନ୍ ରଖିଲା ପରେ ମୁଁ ଚିନ୍ତା କରିବାକୁ ଲାଗିଲି । ମନୁଷ୍ୟ ଶରୀରର ନିର୍ମାଣ ପଞ୍ଚ ମହାଭୂତରୁ ହୁଏ ବୋଲି କୁହାଯାଏ । ସେଥିରେ ଥାଏ ମାଟି, ପାଣି ଆଉ ବାୟୁ, ହେଲେ ମୋ ମାଆର ଶରୀରରେ କୌଣସି ଷଷ୍ଠ ମହାଭୂତ ଅଛି ବୋଧହୁଏ... ଯାହା ନା କେବେ ମୋର ଦୃଷ୍ଟିଗୋଚର ହେଲା .. ନା ତାକୁ କେବେ ମୁଁ ପ୍ରତ୍ୟକ୍ଷ କରି ପାରିଲି, ନା ଅନୁଭବ କରିପାରିଲି । କଣ ହୋଇପାରେ ସେଇ ଷଷ୍ଠଭୂତ ? ତାହା କୌଣସି ପ୍ରକାରେ ମୋର ଅକ୍ତିଆରକୁ ଆସିପାରୁ ନଥିଲା । ସେଇ ଭୂତର ଆକାର ଖୁବ୍ ବଡ଼ ହେଲେ ମଧ୍ୟ ଅସ୍ତିତ୍ୱ ଥିଲା ଖୁବ୍ କ୍ଷୁଦ୍ର.... ଷଷ୍ଠ ଭୂତ ? କଣ ହୋଇପାରେ ତାର ନାମ ? ମୁଁ ନିଜକୁ ନିଜେ ନିଜ ପ୍ରଶ୍ନର ଉତ୍ତର ଦେଉଥିଲି । ବୋଧହୁଏ ସେଇ ଷଷ୍ଠ ଭୂତର ନାମ "ମାଆ' ହୋଇପାରେ । ଏହା ଏକ ଏପରି ଭୂତ, ଏକ ଏପରି ଅସ୍ତିତ୍ୱ ଯାହା କାହାରି ଅକ୍ତିଆରକୁ ଆସିପାରିବ ନାହିଁ ।

ଏବେ ମାଆକୁ କାଲି କେମିତି ବୁଝାସୁଝା କରି ନାସିକରେ ହିଁ ଅଟକେଇ ରଖିହେବ ସେଇ ବିଷୟରେ ଭାବୁ ଭାବୁ ମୁଁ ଶୋଇ ପଡ଼ିଲି । ପରଦିନ ପୁଣି ମାଆ ସାଙ୍ଗରେ କଥାବାର୍ତ୍ତା କଲି । ହେଲେ ଶେଷରେ ମାମୁଁ ଓ ତାର ଭଉଣୀଙ୍କୁ ଅସ୍ତ୍ର ରୂପରେ ବ୍ୟବହାର କରିବାକୁ ପଡ଼ିଲା ମୋତେ । ସମସ୍ତେ ମାଆକୁ ବୁଝେଇଲେ ଯେ ତାର ନାସିକରେ ରହିବା ଉଚିତ୍ । ତେବେ ଯାଇ ସିଏ ରହିବା ପାଇଁ ରାଜିହେଲା । ହେଲେ ତା'ର ବି କେତେକ ସର୍ତ୍ତ ଥିଲା । ପ୍ରଥମ ସର୍ତ୍ତ , ମାଆ ତଳ ମହଲାରୁ ଯାଇ ଉପର ମହଲାରେ ରହିବ । ଦ୍ୱିତୀୟ ସର୍ତ୍ତ - ତାର ନାତିମାନେ ତା ଠାରୁ ଦୂରରେ ରହିବେ । ତା ସହିତ ଘସିମାଜି ହେବେ ନାହିଁ । ତୃତୀୟ ସର୍ତ୍ତ ଥିଲା ମାଆ ସମସ୍ତଙ୍କଠାରୁ ଦୂରରେ, ଅଲଗା ରହି ଖାଦ୍ୟ ଖାଇବ ।

ମୁଁ ତାର ସବୁ ସର୍ତ୍ତକୁ ମଞ୍ଜୁର କରି ଦେଇଥିଲି । ଏବେ ତଳ ମହଲା, ଆଉ ଉପର ମହଲାରେ ତଫାତ୍ କଣ ଯେ ? ଏଇ ଘରେ ତ ରହିବ ନା ! ଯେଉଁ କୋଠରୀରେ ରହୁ , ରହିବ ତ ଆମ ସାଙ୍ଗରେ ନା ! ଆଉ ତା ମନରେ ଏକମାତ୍ର ଚିନ୍ତା ଥିଲା, ତାର ବେମାରୀ ଯେମିତି ଆଉ କାହାରିକୁ ନ ହୋଇଯାଉ, ସେଥିପାଇଁ ଅଲଗା ବାସ କରିବ । ଆଉ ଆମ ମନରେ ସନ୍ତୋଷ ଥିଲା ଯେ, ସିଏ ଆମ ସାଙ୍ଗରେ ଅଛି... ତାର ରୋଗ ବି ଆଉ କାହାରିକୁ ଡେଇଁବାର କୌଣସି ଆଶଙ୍କା ନାହିଁ... ।

(୩୯)

ଅଫିସ୍‌ରୁ ଫେରି ମୁଁ ବିନା ଚିନିର ଚା' ପିଇଲି ଆଉ ବୁଲିବାକୁ ବାହାରିଗଲି । ବର୍ଷାଦିନ ଥିଲା । ଆକାଶରେ ଘୋଟିଥିଲା କଳା ମେଘର ପଟୁଆର । ଟିକେ ପରେ ବିଜୁଳି ସହିତ ଘଡ଼ଘଡ଼ି ବି ଆରମ୍ଭ ହୋଇଗଲା । ଟୋପେ ଟୋପେ ବର୍ଷା ପଡ଼ିବାକୁ ଲାଗିଲା । ହେଲେ ବର୍ଷା ଜୋର୍ ଧରି ନଥିଲା... ମୋର ପାଦ ଜୋର୍ ଜୋର୍‌ରେ ଆଗକୁ ବଢୁଥିଲା । ପ୍ରତିଦିନ ପାଞ୍ଚ କିଲୋମିଟର ପ୍ରଦୂଷଣ-ମୁକ୍ତ ବାତାବରଣରେ ବୁଲିବା ପାଇଁ ଡାକ୍ତର ମୋତେ ପରାମର୍ଶ ଦେଇଥିଲେ । ସତ କହିବାକୁ ଗଲେ ସବୁଦିନ ପାଞ୍ଚ କିଲୋମିଟର ଲିବା ଆଉ ଏମିତି ବି ପାଦରେ ଚାଲି ଚାଲି ବୁଲିବା ମୋର ଜମାରୁ ପସନ୍ଦ ନ ଥିଲା । ଏଇ ପଦଯାତ୍ରାର ପୃଷ୍ଠଭୂମିରେ ଡାକ୍ତରଙ୍କ ଚେତାବନୀର ଭୟ ହିଁ ପ୍ରକାରାନ୍ତରେ ନିହିତ ଥିଲା । ପ୍ରକୃତ ଅର୍ଥରେ ଦେଖିବାକୁ ଗଲେ ମୁଁ ଡାକ୍ତରଙ୍କ ପାଇଁ ହିଁ ଲୁଥିଲି । ଡାକ୍ତର ପାୱାର୍ ବି କଡ଼ା କରି ଦୁଇପଦ ଶୁଣେଇ ଦେଉଥିଲେ । ଯଦି ଡାଏବେଟିସ୍ ରୋଗର କୌଣସି ଅଭିଯୋଗ ନେଇ ତାଙ୍କ ପାଖକୁ ଯିବ ତେବେ ଦୁଇଟି ବାକ୍ୟ ହିଁ ବାହାରୁଥିଲା ତାଙ୍କ ମୁହଁରୁ... "ଖୁବ୍ ଲ... କମ୍ ଖାଅ ।"

କେବେ କେବେ ସଞ୍ଜୟ କୁମାରଙ୍କୁ ମୁଁ କହେ, "ଡାହାଣ ହାତ ଦରଜ ହେଉଛି, ପିଠିରେ ବି ଦରଜ ଅଛି ।"

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଶିଶୁ ମହିଳା ବିକାଶ ସୋସାଇଟି ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ବଲାଙ୍ଗୀର, ୦୯/୦୯ (ନି.ପ୍ର): ଶିଶୁ ଓ ମହିଳା ବିକାଶ ସୋସାଇଟି (ସିଡବ୍ଲୁଡିଏସ୍)ର ଅଧକ୍ଷ ମେଜର ଡା. କଳ୍ପନା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲ୍ଲାର ସଇଁତଳା ବ୍ଲକ ଅନ୍ତର୍ଗତ ଡେଙ୍ଗ ଗ୍ରାମର ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ନେଇ ପ୍ରାଥମିକ ଚିକିତ୍ସା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡେଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚଣ୍ଡାଳ ମିଶ୍ର, ଶିକ୍ଷକ ସୁଦର୍ଶନ ଦାଶ, ସମୀର ସେଠି, ଶିକ୍ଷୟିତ୍ରୀ ରଶ୍ମିକା ସାହୁ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ତାଲିକାଦାତା ଭାବରେ ପ୍ରାଥମିକ ଚିକିତ୍ସା ଫାଷ୍ଟ ଏଡ଼ର ରାମ ନାରାୟଣ ଦାଶ ଯୋଗଦେଇ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରିଥିଲେ । ପ୍ରାଥମିକ ଚିକିତ୍ସା ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବୁଝାଇବା ସହ ଡେମୋନଷ୍ଟ୍ରେସନ ମାଧ୍ୟମରେ ରିକୋଭରି ପୋଜିସନ, ସକ୍, ମୂର୍ଚ୍ଛା, ଅସ୍ଥିଭଗ୍ନ, ରକ୍ତସ୍ରାବ, ଏପିଲେପସି, ବ୍ୟାଣ୍ଡେଜିଙ୍ଗ, ଆହତ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କୌଶଳ, ଅଗ୍ନିରୁ ସୁରକ୍ଷା ପାଇବା ଉପାୟ ତଥା ଗୁଡସମରିଟାନର ଭୂମିକା ଭଳି ବିଭିନ୍ନ କୌଶଳ ତାଲିମ ଦେଇଥିଲେ ।

## ରେଳ ଧାରଣାରୁ ଯୁବକଙ୍କ ଖଣ୍ଡବିଖଣ୍ଡିତ ଶରୀର ଉଦ୍ଧାର

ଜଳେଶ୍ୱର , ୦୯/୦୯ (ନି.ପ୍ର): ଜଳେଶ୍ୱର ୪୫ନଂ ରେଳ ଫାଟର ଅନତୀଦୂର ନୂଆ ରେଳ ଉଡନ୍ତି ପୋଲ ତଳେ ରେଳ ଧାରଣା ନିକଟରୁ ଜଣେ ଯୁବକର ଖଣ୍ଡବିଖଣ୍ଡିତ ଶରୀର ଉଦ୍ଧାର ହୋଇଛି । ଭୋର ସମୟରେ ସ୍ଥାନୀୟ କେତେକ ଲୋକେ ଏପରି ଘଟଣା ଦେଖି ଜିଆର୍‌ପିକୁ ଖବର ଦେଇଥିଲେ । ପରେ ରେଳବାଇ ଓ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିବା ଥିଲେ । ଜଳେଶ୍ୱର ପୌରପାଳିକାର ପଂଚାଘଣ୍ଟା ଅଂଚଳର କଚେ ସିଂର ପୁଅ ଗୋରା ସିଂ (୫୩)ର ମୃତ ଦେହ ବୋଲି ଚିହ୍ନଟ ହୋଇଥିଲା । ୭ ଦିନ ପୂର୍ବେ ଗୋରା ପଶ୍ଚିମବଂଗର ଖଡଗପୁର ଅଂଚଳର ଶ୍ୱଶୁର ଘରୁ ଫେରି ମାନସିକ ସ୍ଥିତି ହରାଇଥିଲା ବୋଲି କୁହାଯାଇଛି । ତାର କୌଣସି ପିଲାପିଲି ନ ଥିବା ବେଳେ ସେ ଦିନମଜୁରିଆଭାବେ କାର୍ଯ୍ୟକରି ଆସୁଥିଲା । ଆଜି ତାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ପୁରୁଣା ସମସ୍ୟା ଆମଠୁ ...

ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ମଧ୍ୟରେ ନୂଆ କରିଡରକୁ ଲଞ୍ଚ କରାଯାଇଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି । କରିଡର ଲଞ୍ଚ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏହା ଯୋଗାଯୋଗ ଓ ନିରନ୍ତର ବିକାଶକୁ ନୂଆ ଦିଗ ଦେଖାଇବ । ଆଗାମୀ ସମୟରେ କରିଡର ଭାରତ, ମଧ୍ୟପ୍ରାଚ୍ୟ ଓ ୟୁରୋପର ଅର୍ଥନୀତିକ ଅଭିବୃଦ୍ଧିର ପ୍ରମୁଖ ମାଧ୍ୟମ ସାଜିବ । ଗୋଟିଏ ଐତିହାସିକ ବୁଝାମଣା ଶେଷ ହୋଇଛି । ଏହା କେବଳ ଭାରତ-ମଧ୍ୟପ୍ରାଚ୍ୟ କିମ୍ବା ୟୁରୋପ ନୁହେଁ, ପୂରା ବିଶ୍ୱକୁ ଫାଇଦା ଦେବ । ମାନବ ସଭ୍ୟତାର ବିକାଶ ପାଇଁ ଯୋଗାଯୋଗ ଓ ଭିତ୍ତିଭୂମି ମୌଳିକ ଆବଶ୍ୟକତା । ଭାରତ ତା'ର ବିକାଶ ଯାତ୍ରାରେ ଯୋଗାଯୋଗ ଓ ଭିତ୍ତିଭୂମିକୁ ସର୍ବାଧିକ ଗୁରୁତ୍ୱ ଦେଇ ଚାଲିଛି ବୋଲି ମୋଦି କହିଛନ୍ତି । ଲଞ୍ଚ କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି, "ବାସ୍ତବରେ ଏହା ଏକ ବଡ଼ ଡିଲ୍ । ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଦେବାକୁ ଚାହେଁ । ନିରନ୍ତର, ଉପଯୋଗୀ ଭିତ୍ତିଭୂମି, ଗୁଣବତ୍ତା ଭିତ୍ତିଭୂମି ନିର୍ମାଣ ପାଇଁ ପୁଞ୍ଜିନିବେଶ ଓ ଭଲ ଭବିଷ୍ୟତ ଗଠନ ହିଁ ଏକମାତ୍ର ଲକ୍ଷ୍ୟ । ଗତବର୍ଷ ଆମେ ଏହି ଲକ୍ଷ୍ୟ ନେଇ ଏକ ହୋଇଥିଲୁ ।" ଏହାବାଦ ୟୁରୋପ କିମିଶନ ସଭାପତି ଉରସୁଲା ଭନ ଡେର ଲେୟନ ମଧ୍ୟ କରିଡର ଲଞ୍ଚକୁ ଐତିହାସିକ କହିଛନ୍ତି । ମଧ୍ୟପ୍ରାଚ୍ୟ ଯଥା ୟୁଏଇ, ସାଉଦି, ଜୋର୍ଡାନ ଓ ଇସ୍ରାଏଲର ରେଳ ଏବଂ ପୋର୍ଟ ସହ ଯୋଗାଯୋଗ କରିବା ପାଇଁ ଏହି କରିଡର ଅଧୀନରେ ବ୍ୟବସ୍ଥା କରାଯିବ । କରିଡର ଦ୍ୱାରା ଭାରତ ଓ ୟୁରୋପ ମଧ୍ୟରେ ବ୍ୟବସାୟିକ କାରବାର ୪୦% ବୃଦ୍ଧି ପାଇବ ।

### ଅପରାଜିତା କେନାଲ ଖୋଲିବା ...

କେତେକ ଜବରଦଖଲକାରୀଙ୍କ ଦ୍ୱାରା ଗତ ପ୍ରାୟ ୨ବର୍ଷ ଧରି କେନାଲ ଜବରଦଖଲ ହୋଇଥିବାରୁ ଲୋକେ ଜଳସେଚନରୁ ବଂଚିତ ହେଉଛନ୍ତି । ଏହି ଜବରଦଖଲକୁ ମୁକ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି । ରାଜସ୍ୱ ବିଭାଗର ଅଧିକାରୀମାନେ ତୁରନ୍ତ ଏହି ଜବରଦଖଲ ହଟାଇବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ତଳମୁଣ୍ଡରେ ଜଳସେଚନ ସହଜ ହୋଇପାରିବ ବୋଲି କହିଛନ୍ତି । ଏହାସହିତ କେଉଁ ପରିସ୍ଥିତିରେ ଗତ ଦୁଇବର୍ଷ ଧରି ଏହି କେନାଲ ଜବରଦଖଲ ଯୋଗୁ ଜଳସେଚନ ବାଧାପ୍ରାପ୍ତ ହେଉଛି ଓ ଏହି ଜବରଦଖଲ ହଟାଇବା ପାଇଁ କାହିଁକି ଆବଶ୍ୟକ ପଦକ୍ଷେପ ନିଆଯାଇନଥିଲା ସେ ନେଇ ସ୍ପଷ୍ଟୀକରଣ ରଖିବାକୁ ଶ୍ରୀ ରାଉତ ଖୋର୍ଦ୍ଧା ଅଧୀକ୍ଷକ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ, ସାଂସଦ ଅପରାଜିତା ଷଡ଼ଙ୍ଗୀ ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଡେରାସ ଅଂଚଳରେ ଯଥାଶୀଘ୍ର କେନାଲ ଖୋଲି ୩୦୦ଏକର ଚାଷଜମିକୁ ଜଳସେଚନ କରାଯାଇ ଗରିବ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଜବରଦଖଲ ଅଂଚଳରେ ଘେରା ଯାଇଥିବା ତାରବାଡ଼କୁ ହଟାଇ ସମସ୍ତ ସରକାରୀ ଜମି, ଜଙ୍ଗଲ ଜମି, ମନ୍ଦିର ଜମି, ବିଭିନ୍ନ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିକୁ ମୁକ୍ତ କରିବାକୁ ଅନୁରୋଧ କରିଥିଲେ । ଦୁଇଦିନ ପୂର୍ବରୁ ଶ୍ରୀମତୀ ଷଡ଼ଙ୍ଗୀ ନିଜେ ଡେରାସର ଏହି ଜବରଦଖଲ ଅଂଚଳକୁ ଯାଇ ବଳପୂର୍ବକ ପୋତାଯାଇଥିବା କେନାଲକୁ ନିଜେ ଗ୍ରାମବାସୀଙ୍କ ସହାୟତାରେ ଖୋଲିବା ସହ କେନାଲ ପୁନରୁଦ୍ଧାର ପ୍ରକ୍ରିୟା ୩ଦିନ ମଧ୍ୟରେ ଆରମ୍ଭ କରିବାକୁ ପ୍ରଶାସନକୁ ତାଗିଦ୍ କରିଥିଲେ । ଶ୍ରୀମତୀ ଷଡ଼ଙ୍ଗୀ ଅଭିଯୋଗ କରିଥିଲେ ଯେ, ଖଣି ବ୍ୟବସାୟୀ ପ୍ରଭାକରନଙ୍କ ପତ୍ନୀ କୃତିକା ପ୍ରଭାକରନ ଏଠାରେ କେନାଲକୁ ଜବରଦଖଲ କରିବା ସହ ପ୍ରାୟ ୧୫୦ଏକର ସରକାରୀ ଜମି, ଜଙ୍ଗଲ ଜମି ଓ ବିଭିନ୍ନ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିକୁ ବଳପୂର୍ବକ ଜବରଦଖଲ କରି ତାରବାଡ଼ ଘେରାଇଛନ୍ତି । ଏହା ପାଣ୍ଡିଆନଙ୍କ ପ୍ରକଳ୍ପ କହି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଉଛନ୍ତି ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଅଭିଯୋଗ କରିଥିଲେ । ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ତହସିଲଦାର ଆଜି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ଅଧିକାରୀମାନଙ୍କ ସହ ଜବରଦଖଲ ହୋଇଥିବା କେନାଲ ଅଂଚଳକୁ ଅନୁଧ୍ୟାନ କରିଛନ୍ତି । ନକ୍ସା ଧରି କେଉଁଠି କେନାଲ ଅଛି ଓ ଅବରୋଧ କେଉଁଠି ହୋଇଛି ତାହା ଯାଂଚ କରିଥିଲେ । ଭୁବନେଶ୍ୱର ଉପକଣ୍ଠ ଗିରିଙ୍ଗପୁଟ ଗାଁରେ ଏହି କେନାଲକୁ ଜବରଦଖଲ କରି ପୋତା ଯାଇଥିବାକୁ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି ।

### ୧୨ରେ ଘୂର୍ଣ୍ଣିବଳୟ...

ତାପମାତ୍ରାରେ ସାମାନ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି । ୧୧ ତାରିଖରୁ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ । ୧୨ ତାରିଖରୁ ରାଜ୍ୟରେ ବର୍ଷାର ବିସ୍ତୃତି ବଢ଼ିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ, ଆସନ୍ତା ୧୧ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢ଼େଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୨ ତାରିଖରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ କେତେକ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ଆଫ୍ରିକୀୟ ଦେଶ...

ଭୂମିକମ୍ପରେ ଯେପରି କ୍ଷୟକ୍ଷତି ନହୁଏ ସେଭଳି ଢାଂଚାରେ ନିର୍ମାଣ କରାଯାଇଥିଲା । ତଥାପି କିଛି ଘର ନୂଆ ଢାଂଚାରେ ନିର୍ମାଣ ହୋଇନଥିବାବେଳେ ଏହି ଭୂମିକମ୍ପରେ ସବୁଠୁ ଅଧିକ କ୍ଷତିଗସ୍ତ ହୋଇଛନ୍ତି । ସେପଟେ ଟୁଇଟ କରି ବିଭିନ୍ନ ଦେଶ ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟୁଇଟ କରି ମରକକ୍କୋରେ ଭୂମିକମ୍ପ ପାଇଁ ଦୁଃଖ ପ୍ରକାଶ କରିଛନ୍ତି ।

### ନକଲି ସାର୍ଟିଫିକେଟ....

ଯାଞ୍ଚ କରାଯାଇ ତାଙ୍କ ଯୁକ୍ତ ଦୁଇ ସାର୍ଟିଫିକେଟ ଜାଲ୍ ବୋଲି ସ୍ପଷ୍ଟ କରାଯାଇଥିଲା । ମନ୍ଦାକିନୀ ନାହାକ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣାପଡ଼ିବା ପରେ ତାଙ୍କ ବିରୋଧରେ ପାଟପୁର ଥାନାରେ ଏତଲା ଦିଆଯାଇଛି । ଏହା ସହିତ ଗଞ୍ଜାମ ଜିଲ୍ଲାପାଳ ତାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ଅନ୍ୟପକ୍ଷରେ ଗତ କିଛି ଦିନ ହେଲାଣି ସ୍କୁଲ ଆସୁ ନଥିବା ମନ୍ଦାକିନୀ ନାହାକ ଫେରାର ହୋଇଯାଇଥିବା ଜଣାଯାଇଛି ।

### ଗୋଷ୍ଠୀ ବିବାଦରୁ ...

ଶାନ୍ତି ପ୍ରତିଷ୍ଠା ପାଇଁ କିଛିଦିନ ହେଲା ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ତେବେ ଗତକାଲି ରାତିରେ ଜେଲ୍ ଫେରନ୍ତା କିଛି ଯୁବକ ସୁରେଶର ଘର ସାମ୍ନାକୁ ଯାଇ ତାକୁ ଓ ତା'ର ପରିବାରକୁ ଗାଳିଗୁଲଜ କରିଥିଲେ । ଖବର ପାଇ ?କୋଟିନଡ଼ା ପୁଲିସ ପହଞ୍ଚି ଦୁଇଜଣଙ୍କୁ ଥାନାକୁ ନେଇ ଅଟକ ରଖିଥିଲା । ତେବେ ଆଜି ସକାଳେ ଗ୍ରାମର ବଡ଼ସାହିର ଶେଷ ଭାଗରେ ସଞ୍ଜୟଙ୍କୁ ସୁରେଶ ଏକ କାତିରେ ଅତର୍କିତ ଭାବେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଆସିକା ଏସଡିପିଓ ଉମାଶଙ୍କର ସିଂ, କୋଟିନଡ଼ା ଥାନାଧିକାରୀ କୃଷ୍ଣଚନ୍ଦ୍ର ଶାହା ଓ ଆସିକା ଥାନାଧିକାରୀ ପି.ସ୍ୱରୂପ କିଷାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ମୃତକଙ୍କ ଭଉଣୀ ବିଷ୍ଣୁପ୍ରିୟା ଦାସଙ୍କ ଏତଲା କ୍ରମେ ମାମଲା ରୁଜୁ ହୋଇଛି । ମୃତକ ଅନୁସୂଚିତ ଜାତିର ହୋଇଥିବାରୁ ଏସଡିପିଓ ଶ୍ରୀ ସିଂ ଘଟଣାର ତଦନ୍ତ ଜାରି ରଖିଛନ୍ତି । ଆକ୍ରଣମକାରୀ ସୁରେଶକୁ କାବୁ କରିବାକୁ ଛାନଭିନ୍ ଜାରି ରହିଛି । ଗ୍ରାମରେ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଜାତୀୟସ୍ତରୀୟ ଲୋକ ଅଦାଲତ

ମାଲକାନଗିରି, ୦୯/୦୯ (ନି.ପ୍ର): ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ, ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ସମିତି ମୋଟୁ ଏବଂ ଜେଏମଏଫସି କୋର୍ଟ ମୋଟୁ ଓ ଜେଏମଏଫସି କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟାଧୀକାରୀ କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରାଳୟ ତଥା ମୋଟୁ, କୁଡୁମୁଲୁଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲାଜର୍ଜ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀମତୀ ଅଜନ୍ତା ଷଡଙ୍ଗୀ, ଅତିରିକ୍ତ ଜିଲ୍ଲା ଜର୍ଜ ଉଦୟଭାନୁ ଜେନା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସତ୍ୟପ୍ରିୟ ଦାସ, ବରିଷ୍ଠ ଦେବାନୀ ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେବାନୀ ବିଚାରପତି ରାଜେଶ କୁମାର ମୁଦୁଲି, ବରିଷ୍ଠ ଦେବାନୀ ବିଚାରପତି (ମହିଳା କୋର୍ଟ) ଶ୍ରୀମତି ବବିତା ଦାଶ, ରେଜିଷ୍ଟାର ସିଭିଲ କୋର୍ଟ ଅରୂପ ନାୟକ, ଉପଖଣ୍ଡିୟ ଦଣ୍ଡାଧିକାରୀ ରୁଦ୍ର ପ୍ରକାଶ ନାୟକ ଏବଂ ଗ୍ରାମ ନ୍ୟାୟାଧୀକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ମୋଟୁ ପ୍ରବୀଣ କୁମାର ହୋତା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ, କୁଡୁମୁଲୁଗୁମ୍ମା ସୁମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ ।

# ଡା. ଅଶ୍ୱିନୀ କୁମାର ଶତପଥୀଙ୍କ 'ବେଦପୁରାଣରେ ଶିବତତ୍ତ୍ୱ ଓ ଶୈବ ଉପାସନା' ପୁସ୍ତକ ଲୋକାର୍ପିତ




ବାଲେଶ୍ୱର, ୦୯/୦୯ (ନି.ପ୍ର): ଜୀବର ଆଧ୍ୟାତ୍ମିକ କଲ୍ୟାଣ ନିମନ୍ତେ ଭଗବାନ ଶିବଙ୍କ ଅଲୌକିକ ମହିମା ବିଶ୍ୱବିଦିତ । ସେ ସର୍ବମଙ୍ଗଳ କାରକ ଏବଂ ତାଙ୍କ ତତ୍ତ୍ୱର ଗଭୀରତା ଅପରିସୀମ ବୋଲି ଶାନ୍ତିକାନନରେ ଅନୁଷ୍ଠିତ ଡା. ଅଶ୍ୱିନୀ କୁମାର ଶତପଥୀଙ୍କ ରଚିତ ଗବେଷଣାଧର୍ମୀ ଆଧ୍ୟାତ୍ମିକ ପୁସ୍ତକ 'ବେଦପୁରାଣରେ ଶିବତତ୍ତ୍ୱ ଓ ଶୈବ ଉପାସନା' ଉନ୍ମୋଚନ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ପାଠକାର୍ପଣ ଉତ୍ସବରେ ଉନ୍ମୋଚକ ଭାବରେ ବରେଣ୍ୟ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଆଲୋଚକ ଭାବେ ଗବେଷକ ଡ. ଭାଗବତ ପ୍ରସାଦ ଦାସ ଏବଂ ଡ. ମନ୍ମଥ କୁମାର ପ୍ରଧାନ ଯୋଗଦେଇ ପୁସ୍ତକଟିର ଆତ୍ମିକ ଓ ଆଙ୍ଗିକ ଦିଗରେ ବିସ୍ତୃତ ଆଲୋଚନା କରିଥିଲେ । ଲେଖକ ଡା. ଶତପଥୀ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପରିଷଦର ସମ୍ପାଦକ କବି ଦୀପକ ବୋଷ ପ୍ରାକ୍‌ଭାଷ ରଖିଥିଲେ । ଯୁଗ୍ମସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆହ୍ୱାନ କରିଥିବା ବେଳେ ଯୁଗ୍ମସଂପାଦିକା ଶ୍ରୀମତୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ପରିଷଦର ଆଜୀବନ ସଦସ୍ୟ ଦିବଂଗତ ଜଗନ୍ନାଥ ଦତ୍ତଙ୍କ ଉଦ୍ଦେଶ୍ୟରେ ସଭାରମ୍ଭରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଉତ୍ସବରେ ଶତାଧିକ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଶିକ୍ଷକ ରମାକାନ୍ତ ସାର୍‌ଙ୍କ ପରଲୋକ: ପରିବାରରେ ଶୋକର ଛାୟା

ନୀଳଗିରି , ୦୯/୦୯ (ନି.ପ୍ର): ନରଣପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ପାତ୍ର (ପାତ୍ର ସାର) ଙ୍କ ୪୮ବର୍ଷ ବୟସରେ ହୃଦଘାତରେ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ ସଜନାଗଡ ପଞ୍ଚାୟତ ନୂଆସାହି ଗ୍ରାମର ଗଜେନ୍ଦ୍ର ପାତ୍ରଙ୍କ ଏକମାତ୍ର ପୁତ୍ର ରମାକାନ୍ତ ପାତ୍ର ଜଣେ ଆଦର୍ଶ ଶିକ୍ଷକ ଭାବରେ ନୀଳଗିରି ବ୍ଲକରେ ବେଶ ପରିଚିତ । ଗତ ପାଞ୍ଚ ସାତ ଦିନ ପୂର୍ବରୁ ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବାଲେଶ୍ୱର ହସ୍ପିଟାଲ ନିଆଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲ ନେଇ ଚିକିତ୍ସା କରାଯାଉଥିଲା । ବ୍ରେନ୍ ଟ୍ୟୁମର ସହ ହୃଦରୋଗରେ ପୀଡ଼ିତ ଥିବା ବେଳେ ଶନିବାର ସକାଳ ୬.୩୦ଘଟିକା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ପରିବାରରେ ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ପିତା ସମେତ ବିଧବା ପତ୍ନୀ ଓ ୫ମ ଶ୍ରେଣୀରେ ପଢୁଥିବା ଏକମାତ୍ର ଝିଅ ଏବେ ବାପଛେଉଣ୍ଡ ହୋଇଯାଇଛି । ତାଙ୍କ ମରଶରୀର ନିକଟରେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିବା ବେଳେ ବ୍ଲକ୍ ର ବହୁ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିବା । ସେ ଜଣେ ମିଷ୍ଟଭାଷୀ, ମେଳାପି ପ୍ରକୃତିର ଲୋକ ଥିବାରୁ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।



## ହସ୍ପିଟାଲ ପରିସରରୁ ଜୀବିତ ଅବସ୍ଥାରେ ନବଜାତ ଶିଶୁକନ୍ୟା ଉଦ୍ଧାର

ବଲାଙ୍ଗିର, ୦୯/୦୯ (ନି.ପ୍ର): ହସ୍ପିଟାଲ ପରିସରରୁ ଜୀବିତ ଅବସ୍ଥାରେ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଛି । ବଲାଙ୍ଗିର ଭୀମଭୋଇ ମେଡିକାଲ ସାତ ମହଲା କୋଠା ପଛପଟେ ଥିବା ଏକ ଡ୍ରେନ ରୁ ଉଦ୍ଧାର ହୋଇଛି ଏହି ନବଜାତକ । ଆଜି ସକାଳେ ଏକ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ଏନେଇ ଖବର ପାଇବା ପରେ ମେଡିକାଲ କର୍ମଚାରୀ ମାନେ ପହଂଚି ଶିଶୁଟିକୁ ଉଦ୍ଧାର କରିଥିଲେ । ଶିଶୁଟିର ଆୟୁ ଦିନେ କିମ୍ବା ଦୁଇ ଦିନ ହେବ ବୋଲି ଅନୁମାନ କରାଯାଉଛି । ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ଆଇସିୟୁରେ ତାକୁ ଭର୍ତି କରାଯାଇ ଚିକିତ୍ସା କରାଯାଉଛି । ବର୍ତମାନ ତା'ର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । ପୋଲିସ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ବେଳେ ଶିଶୁ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି ।

# ବ୍ୟାଙ୍କ ଅଫ ଇଣ୍ଡିଆର ୧୧୮ ତମ ସ୍ଥାପନା ଦିବସ ପାଳିତ



ବାରିପଦା, ୦୯/୦୯ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ବ୍ୟାଙ୍କ ଅଫ ଇଣ୍ଡିଆର ୧୧୮ ତମ ସ୍ଥାପନା ଦିବସ ବ୍ୟାଙ୍କ ଅଫ ଇଣ୍ଡିଆ ଆଞ୍ଚଳିକ କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବ୍ୟାଙ୍କ ତରଫରୁ ଅନାଥାଶ୍ରମ ରେ ଖାଦ୍ୟ ବଣ୍ଟନ ଏବଂ ଚାରା ରୋପଣ ଆଦି କରାଯାଇଥିଲା । ଏହି ଉପଲକ୍ଷେ ବ୍ୟାଙ୍କ ପକ୍ଷରୁ ଋଣ ବିତରଣ କାର୍ଯ୍ୟକ୍ରମ ରେ ୨୨୫ ହିତାଧିକାରୀଙ୍କୁ ୪୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ତଥା ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ଏହା ଅଧୀନ ରେ ଥିବା ୬୭ ଟି ଶାଖାର ଉପସ୍ଥିତ ସଦସ୍ୟ ମାନେ ଯୋଗଦେଇଥିଲେ. ବ୍ୟାଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସେବା ଏବଂ ଯୋଜନା କିପରି ଲୋକ ମାନଙ୍କ ପାଖେ ପହଁଚି ପାରିବ ସେ ବିଷୟ ରେ ଶ୍ରୀ ଦାସ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବ୍ୟାଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଗ୍ରାହକ ମାନେ, ସମସ୍ତ ସଦସ୍ୟ ଏବଂ ଅବସର ପ୍ରାପ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଉପ ଆଞ୍ଚଳିକ ପ୍ରବନ୍ଧକ ସତ୍ୟରଞ୍ଜନ ଦାସ ଏବଂ ଆଞ୍ଚଳିକ କାର୍ଯ୍ୟାଳୟ ର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ ।

# ରାଜଧାନୀ ମହାବିଦ୍ୟାଳୟରେ ଦୁଇ ଦିନିଆ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ

ଭୁବନେଶ୍ୱର, ୦୯/୦୯ (ନି.ପ୍ର): ରାଜଧାନୀ ସରକାରୀ ମହାବିଦ୍ୟାଳୟର ଏମ୍.ବି.ଏ.-ଏଗ୍ରି-ବିଜ୍‌ନେସ୍ ଏବଂ ପି.ଏମ୍.ଆଇ.ଆର. ସ୍ନାତକ ପାଠ୍ୟକ୍ରମର ନବାଗତ ଛାତ୍ରଛାତ୍ରୀମାନଙ୍କ ପ୍ରାରମ୍ଭିକ ଶିକ୍ଷାଦାନ 'ଦୀକ୍ଷାରମ୍ଭ' କାର୍ଯ୍ୟକ୍ରମ ଏକ ବର୍ଣ୍ଣାଢ୍ୟ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ପାଳିତ ହୋଇଥିବା ଏହି ସମାରୋହରେ ରାଜଧାନୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷା ସଂଘମିତ୍ରା ଜେନା ଉତ୍ସବର ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଆଇ.ସି.ଏ.ଆର.-ସି.ଆଇ.ଏଫ୍.ଏ.ର ପ୍ରମୁଖ ବୈଜ୍ଞାନିକ ନାଗେଶ କୁମାର ବାରିକ୍, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସାମଲ ଏବଂ ପ୍ରଫେସର ଅୟସକାନ୍ତ ମହାନ୍ତି ଛାତ୍ରଛାତ୍ରୀଗଣ ଶିକ୍ଷାଗ୍ରହଣ ସହ ଉଦ୍ୟୋଗ ଦୁନିଆ ସହ ସମନ୍ୱୟ ରକ୍ଷା କଲେ ଏକ ପୂର୍ଣ୍ଣାଙ୍ଗ ଭବିଷ୍ୟତ ଗଠନ କରିପାରିବେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ଉଦ୍‌ବୋଧନ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ । ଦ୍ୱିତୀୟ ଦିନ ସମାରୋହରେ ସାମ୍ମାନିତ ଅତିଥି ଭାବେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଡକ୍ଟର ସରୋଜ କୁମାର କାଶ୍ୟପ, ସୁଜାତା ପ୍ରିୟଦର୍ଶିନୀ ଏବଂ ମୁଖ୍ୟ ଅତିଥି ଭାବେ ଆକାଶଦାସ ନାୟକ, ପୂର୍ବତନ ବିଧାୟକ ତଥା ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଜୀବନରେ ସଫଳତା ପାଇବାକୁ ହେଲେ ସ୍ୱପ୍ନ, ସଂକଳ୍ପ ଏବଂ ସାହାସକୁ ପ୍ରାଥମିକତା ଦେଇ ଶିକ୍ଷା ଅର୍ଜନ କଲେ ଜାତି ପାଇଁ ତଥା ଦେଶ ପାଇଁ ଏକ ସଫଳ ବ୍ୟକ୍ତିତ୍ୱ ହୋଇପାରିବେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରଫେସର ସରୋଜ ଚୌଧୁରୀ, କୃଷ୍ଣଚନ୍ଦ୍ର ମିଶ୍ର, ଆରତୀ ଶତପଥୀ, ସିପୁଲ ସ୍ୱାଇଁ, ସାସ୍ୱତୀ ସୁରିତି ଓ ଅନ୍ୟସଦସ୍ୟ ମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତେବେ ପରିଶେଷରେ ଅଧ୍ୟକ୍ଷା (ସି.ଏମ୍.ଇ.ଏକ୍ସ.) ପ୍ରୀତି ପ୍ରିୟଦର୍ଶିନୀ ରାଉତଙ୍କ ସୁପରିଚାଳନାରେ କାର୍ଯ୍ୟକ୍ରମ ସମ୍ପାଦନା ହୋଇଥିଲା ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: (1) ST-OT- AmritBharat BLDA JER, (2) ST-OT- Amrit Bharat ADL-ULB, (3) ST-OT- Amrit Bharat KGP-MDN, (4) ST-OT- Amrit Bharat BZN-MCA, dated 06.09.2023.**

ଇ-ଟେଣ୍ଡରକୁ Sr. DSTE (Co), ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର - ୭୨୭୩୦୧ ଦ୍ୱାରା ଭାରତ ରାଷ୍ଟ୍ରପତିଙ୍କ ତରଫରୁ ୧୧.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ନିମନ୍ତ୍ରଣ କରାଯାଇଛି । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୧.୩୦ ଘଣ୍ଟାରେ ଖୋଲାଯିବ । **ସିରିଏଲ ନଂ., କାର୍ଯ୍ୟର ବର୍ଣ୍ଣନା (୧)** (i)ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ବେଲଡା ଏବଂ ଜଲେଶ୍ୱର ଷ୍ଟେସନରେ ଅମୃତ ଭରତ ଷ୍ଟେସନ୍ ସ୍କିମ୍ ଅନ୍ତର୍ଗତ ଇଣ୍ଟିଗ୍ରେଟେଡ୍ ପାସେଞ୍ଜର ସୂଚନା ସିଷ୍ଟମ୍, ଚଇ ସିଷ୍ଟମ୍ ଏବଂ ସିସିଟିଭି ସର୍ଭିଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ କମିଶନ । (ii)ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ବେଲଡା ଏବଂ ଜଲେଶ୍ୱର ଷ୍ଟେସନରେ ଅମୃତ ଭରତ ଯୋଜନା ଅଧୀନରେ ୬ ବର୍ଷ ପାଇଁ ଇଣ୍ଟିଗ୍ରେଟେଡ୍ ପାସେଞ୍ଜର ସୂଚନା ସିଷ୍ଟମ ଆଇଟମଗୁଡିକର ବିସ୍ତୃତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା (CAMC)। **୨)**(i)ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ଆଣ୍ଡୁଲ୍ ଏବଂ ଉଲୁବେରିଆ ଷ୍ଟେସନରେ ଅମୃତ ଭରତ ଷ୍ଟେସନ୍ ସ୍କିମ୍ ଅନ୍ତର୍ଗତ ଇଣ୍ଟିଗ୍ରେଟେଡ୍ ପାସେଞ୍ଜର ସୂଚନା ସିଷ୍ଟମ୍, ଚଇ ସିଷ୍ଟମ୍ ଏବଂ ସିସିଟିଭି ସର୍ଭିଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ କମିଶନ। (ii)ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ଆଣ୍ଡୁଲ୍ ଏବଂ ଉଲୁବେରିଆ ଷ୍ଟେସନରେ ଅମୃତ ଭରତ ଯୋଜନା ଅଧୀନରେ ୬ ବର୍ଷ ପାଇଁ ଇଣ୍ଟିଗ୍ରେଟେଡ୍ ପାସେଞ୍ଜର ସୂଚନା ସିଷ୍ଟମ ଆଇଟମଗୁଡିକର ବିସ୍ତୃତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା (CAMC)। **(୩)** (i) ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ଖଡ଼ଗପୁର, ମିଡନାପୁର ଏବଂ ହିଜଲି ଷ୍ଟେସନରେ ଅମୃତ ଭରତ ଷ୍ଟେସନ ଯୋଜନା ଅନ୍ତର୍ଗତ ଇଣ୍ଟିଗ୍ରେଟେଡ୍ ପାସେଞ୍ଜର ସୂଚନା ସିଷ୍ଟମ, ଚଇ ସିଷ୍ଟମ ଏବଂ ସିସିଟିଭି ସର୍ଭିଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ କମିଶନ। (ii)ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ଖଡ଼ଗପୁର, ମିଡନାପୁର ଏବଂ ହିଜଲି ଷ୍ଟେସନରେ ଅମୃତ ଭରତ ଯୋଜନା ଅଧୀନରେ ୬ ବର୍ଷ ପାଇଁ ଇଣ୍ଟିଗ୍ରେଟେଡ୍ ପାସେଞ୍ଜର ସୂଚନା ସିଷ୍ଟମ ଆଇଟମଗୁଡିକର ବିସ୍ତୃତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା (CAMC) । **(୪)** (i)ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ବାଗନାନ୍ ଏବଂ ମେଚଡା ଷ୍ଟେସନରେ ଅମୃତ ଭରତ ଷ୍ଟେସନ୍ ସ୍କିମ୍ ଅନ୍ତର୍ଗତ ଇଣ୍ଟିଗ୍ରେଟେଡ୍ ପାସେଞ୍ଜର ସୂଚନା ସିଷ୍ଟମ୍, ଚଇ ସିଷ୍ଟମ୍ ଏବଂ ସିସିଟିଭି ସର୍ଭିଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ କମିଶନ। (ii)ଦକ୍ଷିଣ ପୂର୍ବ ରେଳର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ବାଗନାନ୍ ଏବଂ ମେଚଡା ଷ୍ଟେସନରେ ଅମୃତ ଭରତ ଯୋଜନା ଅଧୀନରେ ୬ ବର୍ଷ ପାଇଁ ଇଣ୍ଟିଗ୍ରେଟେଡ୍ ପାସେଞ୍ଜର ସୂଚନା ସିଷ୍ଟମ ଆଇଟମଗୁଡିକର ବିସ୍ତୃତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା (CAMC)। **ଟେଣ୍ଡର ମୂଲ୍ୟ:** ୩,୩୬,୫୨,୮୬୬.୩୭ (ସିରିଏଲ ନମ୍ବର ୧ ପାଇଁ), ୩, ୧୪,୧୬,୮୩୫.୭୦ (ସିରିଏଲ ନମ୍ବର ୨ ପାଇଁ), ୩, ୩୪,୭୦,୫୩୯.୭୦ (ସିରିଏଲ ନମ୍ବର ୩ ପାଇଁ) ଏବଂ ୩, ୮୧,୬୬,୫୫୫.୯୨ (ସିରିଏଲ ପାଇଁ ନଂ ୪) EMD: ୩,୧୮,୩୦୦ / - (ସିରିଏଲ ନମ୍ବର ୧ ପାଇଁ), ୩,୦୭,୧୦୦ / - (ସିରିଏଲ ନମ୍ବର ୨ ପାଇଁ), ୩,୧୭,୪୦୦ / - (ସିରିଏଲ ନମ୍ବର ୩ ପାଇଁ) ଏବଂ ୩,୪୦,୮୦୦ / - ( ସିରିଏଲ ନମ୍ବର ୪ ପାଇଁ) **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ । ପ୍ରତ୍ୟେକ ପାଇଁ ସମାପ୍ତି ଅବଧି ୧୦୫ ମାସ । **ଦାଖଲ ତାରିଖ:** ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ପ୍ରତ୍ୟେକ ପାଇଁ ୦୩.୧୦.୨୦୨୩ ର । **ଖୋଲିବାର ତାରିଖ:** ପ୍ରତ୍ୟେକ ପାଇଁ ୦୩.୧୦.୨୦୨୩ । ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

**(PR-588)**

# ଉଠା ଜଳସେଚନ କର୍ମଚାରୀ ସଂଘର ଦ୍ୱିଦିବସୀୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

ବାଲେଶ୍ୱର, ୦୯/୦୯ (ନି.ପ୍ର): ଓଡ଼ିଶା ଉଠା ଜଳସେଚନ ନିଗମ କର୍ମଚାରୀ ସଂଘର ୫୦ତମ ପ୍ରତିଷ୍ଠା ଦିବସ ଅବସରରେ ସୁବର୍ଣ୍ଣ ଜୟନ୍ତୀର ଦୁଇ ଦିବସୀୟ ସମାରୋହ ଶନିବାର ଦିନ ଅପରାହ୍ନରେ ଆରମ୍ଭ ହୋଇଛି। ସଂଘର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ରତ୍ନାକର ପଣ୍ଡା ଲାଲ୍ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାରୁ ଶତାଧିକ ପ୍ରତିନିଧି ଯୋଗଦେଇ ସଂପାଦକଙ୍କ ବିବରଣୀ ଓ ଆଗାମୀ ଦିନର କାର୍ଯ୍ୟସୂଚୀ ଉପରେ ଆଲୋଚନା କରୁଛନ୍ତି। ଅତିଥି ଓ ବକ୍ତାଭାବେ ଟି.ୟୁ.ଏ.ସି.ସି.ର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଓ ସଂଘର ଉପ ସଭାପତି ତଥା ସିପିଆଇର ଜିଲ୍ଲା ସଂପାଦକ ନିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ନୀତିର ଦୃଢ଼ ସମାଲୋଚନା କରିଥିଲେ। ମାସିକ ମାତ୍ର ଏକହଜାର ଟଙ୍କା ଇପିଏଫ୍ ପେନ୍‌ସନ୍ ଦେଉଥିବା କେନ୍ଦ୍ର ସରକାର ତୁରନ୍ତ ଏହାକୁ ବୃଦ୍ଧି କରିବାକୁ ସେମାନେ ଦାବି କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରକାଶିତ ସ୍ମରଣିକା 'ସଂଘର୍ଷ ଓ ତ୍ୟାଗରେ ୫୦ ବର୍ଷ'କୁ ସଂଘର ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଉନ୍ମୋଚନ କରିଥିଲେ। ସଂଘର ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ବିବରଣୀ ଓ ଆୟବ୍ୟୟ ହିସାବ ପାଠ କରିଥିଲେ। ମଧୁସୂଦନ ଜେନା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବାବେଳେ କମଳଲୋଚନ ଜେନା ଶୋକପ୍ରସ୍ତାବ ଆଗତ କରିଥିଲେ। ମାୟାଧର ନାୟକ ଏହି ଅଧିବେଶନରେ ଅଧକ୍ଷତା କରିଥିଲେ। ପ୍ରତିନିଧି ଅଧିବେଶନରେ ବିଭିନ୍ନ ଭାତୃପ୍ରତିମ ସଂଘରୁ ପ୍ରତିରକ୍ଷା କର୍ମଚାରୀ ନେତା ଜଗଦୀଶ ବାରିକ, ବିଦ୍ୟୁତ୍ କର୍ମଚାରୀ ନେତା ଭରତ ଚନ୍ଦ୍ର ସେଠୀ, ରାଜ୍ୟ ଫେଡେରେସନ୍‌ର ଉପସଭାପତି ବସନ୍ତ ଦାଶ ପ୍ରମୁଖ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ସୁବର୍ଣ୍ଣ ଜୟନ୍ତୀର ସଫଳତା କାମନା କରିଥିଲେ। ଶରତ ଚନ୍ଦ୍ର ଦଳାଇ ଧନ୍ୟବାଦ ଦେଇଥିଲେ। ଆସନ୍ତାକାଲି ସୁବର୍ଣ୍ଣ ଜୟନ୍ତୀର ସାଧାରଣ ଅଧିବେଶନରେ ରାଜ୍ୟ ଓ କେନ୍ଦ୍ରୀୟ ନେତୃବୃନ୍ଦ ଗାନ୍ଧିସ୍ମୃତି ଭବନରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ଓ ୩ଟି ଜିଲ୍ଲାରୁ ୫ଶହରୁ ଅଧିକ କର୍ମଚାରୀ ଯୋଗଦେବେ।

# ଶହୀଦଙ୍କ ଘରୁ ମାଟି ସଂଗ୍ରହ ପାଇଁ

## ବସ୍ତା ବିଜେପିର ବ୍ୟାପକ ପ୍ରସ୍ତୁତି

ବସ୍ତା, ୦୯/୦୯ (ନି.ପ୍ର): ଦିଲ୍ଲୀର କର୍ତ୍ତବ୍ୟ ପଥରେ ପ୍ରସ୍ତୁତ ହେଉଛି 'ଅମୃତ ବାଟିକା'। ଭାରତର ପ୍ରତ୍ୟେକ ଗ୍ରାମରେ ଥିବା ଶହୀଦ ବୀର , ସ୍ୱାଧୀନତା ସଂଗ୍ରାମୀ ତଥା ପବିତ୍ର ସ୍ଥାନ ମାନଙ୍କରୁ ମାଟି ସଂଗ୍ରହ ହୋଇ ସେହି ବାଟିକାରେ ସ୍ମୃତି ବୃକ୍ଷ ରୋପଣ କରାଯିବ। ସେଥିପାଇଁ ଦରଡା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ମଣ୍ଡଳ ସଭାପତି ବସନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଦୀର୍ଘ ୪ ବର୍ଷ ପରେ ଘର ବାହୁଡା କରିଥିବା ପୁରୁଖା ନେତା ଶ୍ୟାମାପ୍ରସାଦ ବେହେରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଉପସ୍ଥିତ କର୍ମକର୍ତାଙ୍କୁ ସମସ୍ତ ଦଳୀୟ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ।




ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ରାସବିହାରୀ ଦାସଅଧିକାରୀ, ଅଜୟ ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ। ଆଡଭୋକେଟ ପରେଶ ବେହେରା, କୃଷ୍ଣଚନ୍ଦ୍ର ଦତ୍ତ, ଯୁବମୋର୍ଚ୍ଚା ନେତା ଧିରେନ ସେଠୀ, ଝରଣା ସାମଲ , ଗଜେନ୍ଦ୍ର ସିଂ, ଗୋକୁଳ ବେହେରା,ସୁଦର୍ଶନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦ୍ୱୀପ ଯୁବ ବିଜେଡିର ପ୍ରସ୍ତୁତି ବୈଠକ

ପାରାଦ୍ୱୀପ , ୦୯/୦୯ (ନି.ପ୍ର): ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ବିଜୁ ଜନତା ଦଳ ପକ୍ଷରୁ ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ବିଭିନ୍ନ କାର୍ଯ୍ୟାକର୍ମ ଆୟେଜନ କରାଯାଉଛି ସେହି ଦୃଷ୍ଟିରୁ ଆସନ୍ତା ୧୫ ତାରିଖରେ ଜିଲ୍ଲା ସଦର ମହକୁମାରେ ହେବାକୁ ଥିବା ଜିଲ୍ଲା ଯୁବ ବିଜେଡି କାର୍ଯ୍ୟକାରେଣି ଓ ଟ୍ରେନିଂ କ୍ୟାମ୍ପକୁ ସଫଳ କରିବା ନିମନ୍ତେ ପାରାଦ୍ୱୀପ ଯୁବ ବିଜେଡି ପକ୍ଷରୁ ଯୁବ ସଭାପତି ଆଲୋକ ମହାପାତ୍ରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବିଜୁ ମେମୋରିଆଲ ଟ୍ରଷ୍ଟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ପାରାଦ୍ୱୀପ ବିଜୁ ଜନତା ଦଳ ସଭାପତି ତଥା ପାରାଦ୍ୱୀପ ପୌରାଧକ୍ଷ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ ଅନ୍ୟତମ ଅତିଥି ରୂପେ ଜିଲ୍ଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର, ଜିଲ୍ଲା ଛାତ୍ର ସଭାପତି ସମିତ ଲେଙ୍କା ଆଇଟ ସଂଯୋଜକ




ସୁନୀଲ ବିଶ୍ୱାଳ, ନିର୍ବାଚନ ମଣ୍ଡଳୀ ସଭାପତି ମାନଭଞ୍ଜନ ମଲ୍ହ, ଜିଲ୍ଲା ଉପସଭାପତି ଜୋତିକାନ୍ତ ପରିଡା, ଜିଲ୍ଲା ସାଧାରଣ ସମ୍ପାଦକ ଉଲ୍ଲାସ ବିଶ୍ୱାଳ, ମନୋଜ ବେହେରା, ସୁଶୀଲ ମହାପାତ୍ର, ବିଶ୍ୱନାଥ ବଳ, ମନୋଜ ନାୟକ, ଅଜିତ ଷଡ଼ଙ୍ଗୀ, ସୁଶାନ୍ତ ଦାସ ସମୀର ସାହୁ, ଅଜୟ ନାୟକ ଙ୍କ ସମେତ ଯୁବ ବିଜେଡି ପକ୍ଷରୁ ଉପସଭାପତି ମାନେ ସତ୍ୟବାଦୀ ସ୍ୱାଇଁ, ତପନ ନାୟକ, ସରୋଜ ପରିଡା, ବାଦଲ ମହାନ୍ତି, ସାଧାରଣ ସମ୍ପାଦକ ମାନେ ବିଶ୍ୱଜିତ ରାଉତ, ଅଧୀର ସାହୁ, ଦିବ୍ୟଜ୍ୟୋତି ଲେଙ୍କା ଜଗନ୍ନାଥ ହାଲଦାର, ଗଣେଶ ବେହେରା, ବିଶ୍ୱରଞ୍ଜନ ଆଚାର୍ଯ୍ୟ, ସୁଶାନ୍ତ ସାହୁ, ସମ୍ପାଦକ ମାନେ ବିକାଶ ପାଲ,, ଲୋକନାଥ ବେହେରା, ମିଲ୍ଲନ ରାଉତରାୟ, ସୁଶାନ୍ତ ପାତ୍ର, ଉମାକାନ୍ତ ଓଝା, ୱାର୍ଡ ସଭାପତି ମାନେ ପ୍ରଭାତ ଚଣ୍ଡ, ରାଜେଶ ଲେଙ୍କା, ରାକେଶ ସାହୁ, ମନୋଜ ମଣ୍ଡଳ, ପୁରୁଷୋତ୍ତମ ବେଉରା, ସୁବ୍ରତ ବଳ, ବିଦୁର ମଲ୍ଲିକ, ବିଭୁତି ଭୂଷଣ ସାହୁ, ବିଶ୍ୱନାଥ ଓଝା,ଝଡ଼େଶ୍ୱର ମାନ୍ନା, ଆଇଟ ସଂଯୋଜକ ମାନେ ବାବୁ ଜେନା, ସୁଦର୍ଶନ ବେହେରା, ନିର୍ମଳ ସ୍ୱାଇଁ, ବାବୁ ମଲ୍ଲିକ, ରଙ୍ଗାଧର ନାୟକ, ସରୋଜ ଦାସ, ବାବୁଲି ଓଝା, ସନ୍ତୋଷ ବିଶ୍ୱାଳ, ସୁକାନ୍ତ ସ୍ୱାଇଁ ଚନ୍ଦନ ମାନ୍ନା ମୁନ୍ନା ସାହୁ ପ୍ରମୁଖ ଉପସ୍ଥିତ ରହି ଦଳୀୟ କାର୍ଯ୍ୟା ପନ୍ଥା ସ୍ଥିର କରିବା ସହ ଯୁବ ବିଜେଡିର ସମସ୍ତ କାର୍ଯ୍ୟକର୍ତା ମାନେ କାର୍ଯ୍ୟକାରେଣି ଓ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେଇ ଦଳର ଆଭିମୁଖ୍ୟକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନା କରିବା ପାଇଁ ସ୍ଥିର ହେଇଥିଲା । ଶେଷରେ ଯୁବ ନେତା ବିଶ୍ୱଜିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିଆପାଳ ବିଲକୁମ୍ଭାରୀ ରାଧାମାଧବ ଜୀଉ ମନ୍ଦିରରେ ନନ୍ଦ ଉତ୍ସବ ଉଦ୍‌ଯାପିତ



ଲଙ୍ଗଳେଶ୍ୱର, ୦୯/୦୯ (ନି.ପ୍ର): ପବିତ୍ର ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ଅଧିନସ୍ଥ ବିଲକୁମ୍ଭାରୀ ଗ୍ରାମରେ ଅବସ୍ଥିତ ରାଧାମାଧବ ଜୀଉ ମନ୍ଦିର ପରିସରରେ ଶୁକ୍ରବାର ନନ୍ଦ ଉତ୍ସବ ଧୁମ୍ ଧାମରେ ପାଳିତ ହୋଇଛି । ଏହି ଅବସରରେ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶହ ଶହ ଭକ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ ପ୍ରସାଦ ସେବନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ପ୍ରଭୁ ଶ୍ରୀକୃଷ୍ଣଙ୍କ ନନ୍ଦ ଉତ୍ସବ କାର୍ଯ୍ୟକ୍ରମରେ ମହିଳା ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି, ସଭିଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୨୧ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁନିଲ ଜେନା, ଯୁବ ନେତା ଲକ୍ଷ୍ମୀଧର ସେଠୀଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ବିଲକୁମ୍ଭାରୀ ରାଧାମାଧବ ଜୀଉ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରେମୁଣା ନିର୍ବାଚନ ମଣ୍ଡଳୀରେ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ

ବାଲେଶ୍ୱର, ୦୯/୦୯ (ନି.ପ୍ର): ଶନିବାର ସକାଳ ୧୦ ଘଟିକା ସମୟରେ ଭାସ୍କର ମଲ୍ଲିକଙ୍କ ନେତୃତ୍ୱରେ ରେମୁଣା ବିଜେପି ତରଫରୁ ଲବଣତୀର୍ଥ ମଣ୍ଡଳର ଇଞ୍ଚୁଡି ଗ୍ରାମପଞ୍ଚାୟତରେ 'ମୋ ଦେଶ ମୋ ମାଟି' ଅଭିଯାନ ଆରମ୍ଭ ହୋଇଯାଇଛି । ଏହି ଅଭିଯାନରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ମଣ୍ଡଳ ସଭାପତି ବିଭୋତି ରଞ୍ଜନ ସେନାପତି, ଅବସରପ୍ରାପ୍ତ DSP ଗୋବିନ୍ଦ ମଲ୍ଲିକ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଆହ୍ୱାନ କ୍ରମେ ଦିଲ୍ଲୀରେ ହେବାକୁ ଯାଉଥିବା ସହିଦ ସ୍ମୃତି ଭବନ(ଅମୃତ ବାଟିକା) ପାଇଁ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ଜରିଆରେ ସହିଦ ଯବାନ ମାନଙ୍କ ଘରୁ ମାଟି ସଂଗ୍ରହ କରାଯାଇଥିଲା। ସର୍ବପ୍ରଥମେ ବୀର ସଂଗ୍ରାମୀ ମାଟି ଇଞ୍ଚୁଡ଼ିର ସହିଦ ସ୍ମୃତି ପୀଠରୁ ମାଟି ସଂଗ୍ରହ କରାଯାଇଥିଲା। ପରେ ଇଞ୍ଚୁଡି ମାଟିର ସ୍ୱାଧୀନତା ସଂଗ୍ରାମୀ ଲୋକନାଥ ଭୂୟାଁ, କୈଳାସ ଚନ୍ଦ୍ର ଦାସ,ଦୀନବନ୍ଧୁ ଦାସ,ବିଶ୍ୱନାଥ ଦାସ ସମେତ ଅନ୍ୟ ସମସ୍ତ ବୀର ଯବାନ ମାନଙ୍କ ଘର ଘର ବୁଲି ମାଟି ସଂଗ୍ରହ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସ୍ନେହଲତା ମହାକୁଡ, ମିନତି ବେହେରା, ସବିତା ମହାକୁଡ, କଟିମା ଜେନା, ସରୋଜିନୀ ଦାସ, ତପର୍ଶିନି ବାରିକ, ମଣ୍ଡଳ ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ,ପଞ୍ଚାୟତ ସଭାପତି ଶଶିକାନ୍ତ ଦାସ,ସର୍ବେଶ୍ୱର ଦାସ, ଅଶୋକ ବାରିକ, ଗଜେନ୍ଦ୍ର ବାରିକ ଇତ୍ୟାଦି ଉପସ୍ଥିତ ଥିଲେ।

# ଗୋରୁଗାଡି ଅଟକ: ୧୨ ଗୋରୁ ଉଦ୍ଧାର

ଖଇରା, ୦୯/୦୯ (ନି.ପ୍ର): ସୋର-କୁପାରୀ ରାସ୍ତାର ବେଆଇନ ଗୋରୁ ଚାଲାଣ ବେଳେ ଖଇରା ପୋଲିସ ୧୨ଗୋରୁ ଉଦ୍ଧାର କରାଯିବା ସହ ମଇତାପୁର ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି । ଶନିବାର ଦିନ ଟ୍ରକରେ ଗୋରୁ ଗୋଡିକୁ ବେଆଇନ ଭାବେ ଚଲାଇ ଚଲାଇ ନିଆଯାଉଥିବା ବେଳେ ଗ୍ରାମବାସୀ ମାନେ ଖଇରା ପୋଲିସକୁ ଖବର ଦେଇଥିଲେ । ଖଇରା ପୋଲିସ ଏ ସଂକ୍ରାନ୍ତ ରେ ୪ଜଣକୁ ଅଟକ ରଖିଛି । ତେବେ ଶନିବାର ସନ୍ଧ୍ୟାରେ ଅଟକ ଗୋରୁ ବିକ୍ରେତାଙ୍କୁ ଥାନାରୁ ଛାଡଦେବା ପାଇଁ ଗୋରୁ ବ୍ୟବସାୟୀ ଓ ଖଇରା ପୋଲିସ ମଧ୍ୟରେ ଭିତିରି କଥାବାର୍ତ୍ତାକୁ ନେଇ ଖଇରା ବଜାରରେ ଉତ୍ତେଜନା ଦେଖାଦେଇଛି ।

# ଶିକ୍ଷକ ସଂଘ ପକ୍ଷରୁ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର , ୦୯/୦୯ (ନି.ପ୍ର): ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ଠିକା ଶିକ୍ଷକଙ୍କୁ ସ୍ଥାୟୀ କରିବା ଇତ୍ୟାଦି ଦାବି ନେଇ ସରକାର ଶୁଣୁ ନ ଥିବାରୁ ସବୁ ବର୍ଗର ପ୍ରାଥମିକ ଶିକ୍ଷକ ଛୁଟିରେ ରହି ଦାବି ପୂରଣ ପର୍ଯ୍ୟନ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ନିମନ୍ତେ ସିଦ୍ଧାନ୍ତ ନେଇଛନ୍ତି । ଏ ସଂପର୍କରେ ଗୋଷ୍ଠୀ ଶିକ୍ଷାଧିକାରିଙ୍କୁ ମଧ୍ୟ ଜଣାଇଛନ୍ତି । ଗତ ନଭେମ୍ବର ମାସରେ ଶିକ୍ଷକମାନେ ୪ ଦିନ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ଓ ବିକ୍ଷୋଭ ପରେ ପ୍ରତିଶ୍ରୁତି ମିଳିଥିଲା । ୮ମାସ ପରେ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବାରୁ ଅଗଷ୍ଟ ୫ ତାରିଖରେ ବିଇଓ ଅଗଷ୍ଟ ୧୧ରେ ଜିଲାଶିକ୍ଷାଧିକାରୀ ଓ ଜିଲାପାଳଙ୍କ ଜରିଆରେ ଶିକ୍ଷା ସଚିବ, ମୁଖ୍ୟ ଶାସନ ସଚିବ, ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଶିକ୍ଷକମାନେ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ହୋଇନଥିବାରୁ ଉ ଆହ୍ୱାନ କ୍ରମେ ଦାବି ପୂରଣ ପର୍ଯ୍ୟନ୍ତ ଧାରଣା ଓ ଆନ୍ଦୋଳନ ଚାଲିବ ବୋଲି ବ୍ଲକ ସଭାପତି ପ୍ରଦୀପ କୁମାର ଜେନା, ସଂପାଦକ ଶ୍ୟାମସୁନ୍ଦର ଦେ, ରାଜ୍ୟ ସଂପାଦକ ଖଗେନ୍ଦ୍ର ନାଥ ପାଳ, ବୁଦ୍ଧଦେବ ଜେନା, ବରେନ୍ଦ୍ର ମହାନ୍ତି, ଲକ୍ଷ୍ମିନାରାୟଣ ଦାସଙ୍କ ନେତୃତ୍ୱରେ ବିଇଓଙ୍କୁ ଦାବିପତ୍ର ଦିଆଯାଇଛି ।

# ରୂପସାରେ ଟ୍ରେନରୁ ଯୁବକଙ୍କୁ ଠେଲିଦେଲା କିନ୍ନର : ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ



ବସ୍ତା, ୦୯/୦୯ (ନି.ପ୍ର): ଟଙ୍କା ମାଗିବାରେ ଟ୍ରେନରେ ବହୁ ସମୟରେ କିନ୍ନରଙ୍କ ଜୁଲାମ,ଦାଦାଗିରି ଯୋଗୁଁ ନିରୀହ ଯାତ୍ରୀମାନେ ଅଯଥାରେ ହଇରାଣ ହେଉଛନ୍ତି। ଏପରିକି ବେଳେ ବେଳେ ଯାତ୍ରୀ ମାନେ ଟଙ୍କା ଦେବାରେ ଅକ୍ଷମ ହେଲେ କେତେକ କିନ୍ନର ସେମାନଙ୍କୁ ସେଫଟି ପିନ ଫୋଡି ଦିଅନ୍ତି, ବେଲ୍ଟ ରେ ପିଟନ୍ତି, କାହାକୁ ଟ୍ରେନରୁ ତଳକୁ ଠେଲି ଦିଅନ୍ତି। ସେହିପରି ଜଣେ ଯୁବକଙ୍କୁ ଟଙ୍କା ପାଇଁ ଆଜି ରୂପସା ଠାରେ ଟ୍ରେନରୁ ଜନୈକ କିନ୍ନର ଠେଲି ଦେବାରୁ ସେ ତଳେ ପଡି ଗୁରୁତର ହୋଇଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ,ସାନ୍ତରାଗାଛି ହାଇଦ୍ରାବାଦ ଇଷ୍ଟ କୋଷ୍ଟ ଟ୍ରେନରେ ପଶ୍ଚିମ ବଙ୍ଗର ବର୍ଦ୍ଧମାନ ଜିଲା ଶ୍ରୀପୁର ଗ୍ରାମର ବାମ ମାଝିଙ୍କ ପୁଅ ହରିଚରଣ ତା'ର ବନ୍ଧୁଙ୍କ ସହ ଯାତ୍ରା କରୁଥିବା ବେଳେ ସଲମା ବେଗମ ନାମକ ଏକ କିନ୍ନର ତାଙ୍କୁ ମାଗିବାରୁ ସେ ନିଜର ଅକ୍ଷମତା ପ୍ରକାଶ କରିଥିଲା। ଏଥିରେ ଉତ୍କ୍ଷୀପ୍ତ ହୋଇ ସଲମା ତାଙ୍କୁ ରୂପସାରେ ଟ୍ରେନରୁ ତଳକୁ ଠେଲି ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ ଯୁବକକୁ ପ୍ରଥମେ ରୂପସା ଡାକ୍ତର ଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାଲେଶ୍ୱର ରେଳବାଇ ପୁଲିସ ଅଭିଯୁକ୍ତ ଜଳେଶ୍ୱରର ଗଫର ଖାନଙ୍କ ପୁଅ ସଲମା ବେଗମକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ଓ ପରେ ତାଙ୍କ ଜାମିନି ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି।

# ମହିଳା ଗୋଷ୍ଠୀଙ୍କୁ ମହଙ୍ଗା ପଡିଲା ମଦ ଧରା

## ମଦ ବିକ୍ରେତାଙ୍କ ଧମକଚମକ ପରେ ଥାନାର ଦ୍ୱାରସ୍ଥ



ଖଇରା, ୦୯/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ବର୍ତ୍ତନା ପଞ୍ଚାୟତ ଉଦୟପୁର ଗ୍ରାମର ବେଆଇନ ମଦ ବିକ୍ରେତା ସୁଧୀର ଦାସ ଓ ତାଙ୍କ ଘରେ ଥିବା ବ୍ୟାପକ ମଦକୁ ମହିଳାମାନେ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିବା ଓ ଗୋଟିଏ ଦିନ ସେ ଜେଲରୁ ମୁକୁଳିବା ଗ୍ରାମରେ କୋକୁଆ ଭୟ ସୃଷ୍ଟି ହୋଇଛି । ଉକ୍ତ ମଦ ବିକ୍ରେତା ଓ ତାଙ୍କର ସହେଯାଗୀ ମାନଙ୍କ ସହ ମିଶି ମହିଳା ମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧମକଚମକ ଦେବାରେ ଶନିବାର ମହିଳା ଗୋଷ୍ଠୀ ଖଇରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ଉକ୍ତ ମଦ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମର ମାତୃଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ଲିଖିତ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି । ଯଦି କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହୁଏ ତେବେ ମହିଳା ମାନେ ଧାରଣାରେ ବସିବାକୁ ଗ୍ରୁପର ସଦସ୍ୟା ରଶ୍ମିତା ଦାସ, ପ୍ରଭାତୀ ଦାସ, ମାନସୀ ଦାସ, ସସ୍ମିତା ଦାସ, ତାରାମଣି ଦାସ, ଜୟନ୍ତୀ ଦାସ, ସୁକାନ୍ତି ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି । ଉକ୍ତ ଉଦୟପୁର ଗ୍ରାମରେ ନକଲି ମଦ ପିଇ ଗ୍ରାମବାସୀ ଅସୁସ୍ଥ ହେବା ପ୍ରତିଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପରେ ୫ତାରିଖ ଦିନ ମହିଳା ଗୋଷ୍ଠୀ ଓ ଗ୍ରାମବାସୀ ଏକଜୁଟ ହୋଇ ସୁଧୀରକୁ ଧରି ଅବକାରୀ ବିଭାଗକୁ ହସ୍ତାନ୍ତର କରିଥିଲେ । ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଗୟାଧର ବେହେରାଙ୍କୁ ଯୋଗାଯୋଗ କରିବାର ଆଜି ଅଭିଯୋଗ ହସ୍ତଗତ ହୋଇଛି । ରବିବାର ତଦନ୍ତ ହେବ ବୋଲି କହିଛନ୍ତି ।

# କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟହାର: ୩ ଫେରାର, ୯ ଅଟକ

ଖଇରା, ୦୯/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କଳିହା ଗ୍ରାମ ନିକଟରେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ୯ଜଣଙ୍କୁ ଗ୍ରାମବାସୀ ଅଟକ ରଖି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି । ଦୁର୍ବ୍ୟବହାର କରିଥିବା ୩ଜଣ ଫେରାର ଅଛନ୍ତି ମାଟିଆଳପଦା କଲେଜର ୩ଜଣ ଛାତ୍ରୀ କ୍ଲାସ ସାରି ଘରକୁ ଫେରୁଥିବା ବେଳେ କଳିହା ଛକରେ ୩ଜଣ ଯୁବକ ସେମାନଙ୍କ ଓଢଣୀ ଟାଣିବା ସହ ଦୁର୍ବ୍ୟବହାର କରିଥିଲେ । ଗ୍ରାମବାସୀମାନେ ବିରୋଧ କରିବା ପରେ ଏହି ଯୁବକ ମାନେ ତାଙ୍କର ୯ଜଣ ସାଙ୍ଗକୁ ଫୋନରେ ଡକାଇଥିଲେ । ସେମାନେ ପହଞ୍ଚି ଗାଁଲୋକଙ୍କ ସହ ଧସ୍ତାଧସ୍ତି ଗଣ୍ଡଗୋଳ କରନ୍ତେ ଗ୍ରାମବାସୀ ମାନେ ଏକଜୁଟ ହୋଇ ତାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ । ଦୁର୍ବହାର କରିଥିବା ଯୁବକ ମାନେ ଫେରାର ହୋଇଯିବାକୁ ସମର୍ଥ ହୋଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo